ପୃଥିବୀର ଶ୍ରେଷ୍ଠ ଲୋକକଥା

ହିମାଂଶୁ ଯୋଶୀ
ଚତ୍ରକାର--ସୁକୁମାର ଚାଟର୍ଜି

ପ୍ରକାଶନ ବିଭାଗ
ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର

Digitized by PPRACHIN, SOA

ମାର୍ଚ୍ଚ ୧୯୮୬
March 1986 ଫାଲ୍‌ଗୁନ ଶକ ୧୯୦୭

Biswaki Sreth Lok Kathen (Oriya)

ମୂଲ୍ୟ
Price : Rs. 12·00

ନିର୍ଦ୍ଦେଶକ
ପ୍ରକାଶନ ବିଭାଗ—
ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ

ଭାରତ ସରକାର, ପାଟିଆଲା ହାଉସ, ନୂଆଦିଲ୍ଲୀ ୧୧୦୦୦୧ ଙ୍କ ଦ୍ୱାରା ପ୍ରକାଶିତ

ବିକ୍ରୟ କେନ୍ଦ୍ର—ପ୍ରକାଶନ ବିଭାଗ

* ସୁପର ବଜାର (ଦ୍ୱିତୀୟ ମହଲା) କନାର୍ଟସର୍କସ, ନୂଆଦିଲ୍ଲୀ—୧୧୦୦୦୧
* କମର୍ସ ହାଉସ, କରିମଭାଇ ରୋଡ୍, ବାଲର୍ଡ ପାୟର, ବମ୍ବେ—୪୦୦୦୩୮
* ୮ ଏସପ୍ଲାନେଡ୍ ଇଷ୍ଟ, କଲିକତା—୭୦୦୦୦୧
* ଏଲ୍, ଏଲ୍ ଅଡିଟୋରିୟମ, ୭୩୬ ଆନାସଲୈ, ମାନ୍ଦ୍ରାଜ—୬୦୦୦୦୨
* ବିହାର ରାଜ୍ୟ ସହକାରୀ ବ୍ୟାଙ୍କ ବିଲଡିଙ୍ଗ, ଅଶୋକ ରାଜପଥ—ପାଟଣା—୮୦୦୦୦୪
* ସରକାରୀ ପ୍ରେସ ନିକଟ, ପ୍ରେସରୋଡ୍, ତ୍ରିଭେନ୍ଦ୍ରମ—୬୯୫୦୦୧
* ୧୦ ବି, ଷ୍ଟେସନ ରୋଡ୍, ଲକ୍ଷ୍ନୌ—୨୨୬୦୦୪

Digitized by PPRACHIN, SOA

ସୂଚୀପତ୍ର

ବିଷୟ		ପୃଷ୍ଠା
୧ ସର୍ପଗନ୍ଧା ସେତୁ	ଭୁଟାନ	୧
୨ ଛବଙ୍ଗ	ତିବ୍ବତ	୫
୩ ଫେରିବାଲା ଜ୍ୟୋତିଷ	ଇରାନ	୧୧
୪ ରୂପାର କୁହାଟ	ମାଂଚୁରିଆ	୧୬
୫ ସ୍ୱର୍ଗର ମଣିଷ	ଯୁଗୋସ୍ଲୋଭିଆ	୧୯
୬ ସୁନେଲୀ ବତକ	ନରୱେ	୨୬
୭ ପକ୍ଷୀର ଭଷା	ସୋଭିଏତ ସଂଘ	୩୦
୮ ବା ଖୋ	ଭିଏତ୍‌ନାମ	୩୮
୯ ଠେକୁଆର ଶିଂଗ	କାମ୍ବୋଡ଼ିଆ	୪୩
୧୦ କୁଟା କୋଟ	ଜାପାନ	୪୭
୧୧ ଶିକାରୀ ଓ ତାର କୁହୁକ ବଇଁଶୀ	ଜାମ୍ବିଆ ..	୫୨
୧୨ କଥା କହୁଥିବା ଅଣ୍ଡା	ଆମେରିକା ..	୫୬
୧୩ ବଉଳା ଗାଇ	ଭାରତ ..	୬୦

Digitized by PPRACHIN, SOA

ପଦେ ଅଧେ

ବର୍ତ୍ତମାନ ଯେତେବେଳେ ପୃଥିବୀ ଏକ ପରିବାରରେ ପରିଣତ ହୋଇ ସାରିଲାଣି, ଆମେ ଆମର ପିଲାମାନଙ୍କୁ ଦେଶ ବିଦେଶର ଲୋକମାନଙ୍କର ଚାଲିଚଳନ ସହିତ ପରିଚିତ କରାଇବା ସଙ୍ଗେ ସଙ୍ଗେ ପ୍ରଥମରୁହିଁ ସେମାନଙ୍କ ମନରେ ଅନ୍ତରାଷ୍ଟ୍ରୀୟ ସଦ୍‌ଭାବ ସୃଷ୍ଟି କରାଇବା ଆବଶ୍ୟକ । "ପୃଥିବୀର ଶ୍ରେଷ୍ଠ ଲୋକକଥା" ଏହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଉଦ୍ୟମ ।

ହିମାଂଶୁ ଯୋଶୀ ହିନ୍ଦି ସାହିତ୍ୟ ଜଗତର ଜଣେ ଜଣାଶୁଣା ଲେଖକ । ସେ ଜଣେ ବିଖ୍ୟାତ କଥାକାର, ଔପନ୍ୟାସିକ ତଥା ଉଚ୍ଚକୋଟୀର ସାହିତ୍ୟିକ ମଧ୍ୟ । ଅନ୍ତରାଷ୍ଟ୍ରୀୟ ଶିଶୁବର୍ଷ ଉପଲକ୍ଷେ ନିର୍ଦ୍ଧାରିତ ହୋଇଥିବା ଆମର ବିଶେଷ ପୁସ୍ତକମାଳା ପାଇଁ ସେ ଏହି ପୁସ୍ତକକୁ ଆନନ୍ଦଦାୟକ ତଥା ମନୋରଂଜକ ଶୈଳୀରେ ଲେଖିଛନ୍ତି ।

ପ୍ରକାଶକ

Digitized by PPRACHIN, SOA

ଦୁଇପଦ କଥା

ଲୋକ କଥାଗୁଡ଼ିକ ମନରେ ଆନନ୍ଦ ଦେବା ସଙ୍ଗେ ସଙ୍ଗେ ଆବଶ୍ୟକୀୟ ଜ୍ଞାନ ବଢ଼ାଇବାର ଏକ ଉତ୍ତମ ଉପାୟ । ଏହାର ଶୈଳୀ ସୁନ୍ଦର ଓ ଭାଷା ସରଳ ତଥା ସହଜ ଅଟେ ।

ଶ୍ରୀ ଜବାହରଲାଲ ନେହେରୁ ଲୋକକଥାର ଲେଖକମାନଙ୍କୁ ଓ ସେମାନଙ୍କର ଲେଖାର ଶୈଳୀକୁ ମୁକ୍ତ କଣ୍ଠରେ ପ୍ରଶଂସା କରି କହିଥିଲେ—"ମୋତେ ବେଳେ ବେଳେ ଏହି କଥା ଭାରି ଆଶ୍ଚର୍ଯ୍ୟ ଲାଗେ ଯେ ଯେଉଁ ପୁରୁଷ ଓ ସ୍ତ୍ରୀମାନେ, ଏପରି ଜୀବନ୍ତ ସ୍ୱପ୍ନର କଳ୍ପନା କରିଥାନ୍ତି, ସେମାନେ କେମିତିକା ଓ କେଉଁ ସୁନା ଖଣିରୁ ଖୋଳି ଏପରି ପଦାର୍ଥଗୁଡ଼ିକୁ ବାହାର କରିଅଛନ୍ତି ।"

କୌଣସି ଦେଶର ଲୋକକଥାଗୁଡ଼ିକ ସେହି ଦେଶର ଲୋକମାନଙ୍କର ଆଚାର ବ୍ୟବହାର ଉପରେ ଆଧାରିତ ଓ ତାହା ସହିତ ଜଡ଼ିତ ଥିବା କଳ୍ପନା ଓ ଆଦର୍ଶ ଦ୍ୱାରା ପ୍ରଭାବିତ ହୋଇଥାଏ । ନିଃସନ୍ଦେହରେ ଏହି କାହାଣୀଗୁଡ଼ିକ ସେଠାର ଲୋକମାନଙ୍କର ରୀତିନୀତିର ଅମୂଲ୍ୟ ତଥା ଅକ୍ଷୟ ସମ୍ପତ୍ତି ଅଟେ ।

ଏହି ପୁସ୍ତକରେ ଭାରତ ସହିତ ୧୩ଟି ଦେଶର ଗୋଟିଏ ଲେଖାଁ ଲୋକକଥା ସ୍ଥାନ ପାଇଛି । ସେହି ଦେଶଗୁଡ଼ିକର ନାମ ହେଲା—ଭୁଟାନ, ତିବ୍ବତ, ଇରାନ, ମାଂଚୁରିଆ, ଯୁଗୋସ୍ଲାଭିଆ, ନରୱେ, ସୋଭିଏତ ସଂଘ, ଭିଏତନାମ, କାମ୍ବୋଡ଼ିଆ, ଜାପାନ, ଜାମ୍ବିଆ, ଆମେରିକା ଓ ଭାରତ । ଆଶା କରାଯାଏ, ଏହି ସଂଗ୍ରହ ଯେଉଁ ଉଦ୍ଦେଶ୍ୟ ନେଇ କରାଯାଇଛି ତାହା ନିଶ୍ଚୟ ସଫଳ ହେବ । ଅନ୍ୟାନ୍ୟ ଦେଶର ଲୋକକଥା ଗୁଡ଼ିକ ଦ୍ୱିତୀୟ ସଂକଳନରେ ପ୍ରକାଶ କରିବା ପାଇଁ ଚେଷ୍ଟା କରାଯିବ ।

ସଂପାଦକ

Digitized by PPRACHIN, SOA



Digitized by PPRACHIN, SOA

ସର୍ପଗନ୍ଧା ସେତୁ

(ଭୁଟାନ)

ବହୁତ ପୁରୁଣା କାହାଣୀଟିଏ ।

ଆଦିତ୍ୟ ନାମରେ ଜଣେ ଶିଳ୍ପୀ ଥିଲେ । ଲୋକେ କହନ୍ତି ଏପରି ଅଦ୍ଭୁତ କଳାକାର ପୃଥିବୀରେ କେବେ-ହେଲେ ଜନ୍ମ ହୋଇ ନାହାନ୍ତି । ସେ ତିଆରି କରିଥିବା ପଥର ମୂର୍ତ୍ତି ସବୁ କଥା କହିଲା ପରି ଲାଗୁଥିଲେ ।

ଆଦିତ୍ୟ ନିଜକୁ ବହୁତ ଗର୍ବ କରୁଥିଲେ, ତେଣୁ ତାଙ୍କ ଜୀବନ ବହୁତ କଷ୍ଟରେ କଟିଥିଲା । ସେ କହୁଥିଲେ "କଳାକାରର ହାତ ସଂସାରରେ ସବୁଠାରୁ ଶକ୍ତିଶାଳୀ । ସେ କେବେହେଲେ ହାରେନାହିଁ" ।

ଜୀବନର ଶେଷ ସମୟରେ ତାଙ୍କ ପାଖରେ ପଇସାଟିଏ ମଧ୍ୟ ନଥିଲା । ଦୁଇଟି ଛୋଟ ପିଲାଙ୍କ ପାଳନ-ପୋଷଣ କିପରି ହେବ ଏକଥା ଭାବି ଥରେ ତାଙ୍କ ସ୍ତ୍ରୀ ବହୁତ କାନ୍ଦିବାକୁ ଲାଗିଲେ । କିନ୍ତୁ ସେତେବେଳେ ଆଦିତ୍ୟ ତାଙ୍କୁ ବୁଝାଇ କହିଲେ "ଜାଣିଛ, ଉତ୍ତମ ସନ୍ତାନ ଠାରୁ ବଳି ଆଉ କିଛି ବଡ଼ ସଂପଦ ନାହିଁ । ସେମାନେ ଯୋଗ୍ୟ ହେଲେ ସବୁ ଦୁଃଖ ଦୂର ହୋଇଯିବ । ଶୁଣ, କର୍ମକେତୁ ଓ ମଞ୍ଜୁମାୟାକୁ ପାଠଶାଳାକୁ ପଠାଇ ବହୁତ ପାଠ ପଢ଼ାଇବ । ଆଉ ତା'ପରେ ଭ୍ରମଣ ପାଇଁ ବିଦେଶକୁ ପଠେଇବ । ଫଳରେ ସେମାନେ ସବୁ ପ୍ରକାର ଜ୍ଞାନ ଅର୍ଜନ କରି ପାରିବେ ।"

ଆଦିତ୍ୟଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ଦୁଇଟି ପିଲାଙ୍କୁ ବହୁତ ପଢ଼ାଇଲେ ଓ ଶେଷରେ ଦୁହିଁଙ୍କୁ ଦେଶ-ବିଦେଶ ଯାତ୍ରା ପାଇଁ ପଠାଇଲେ ।

ଦିନେ କର୍ମକେତୁ ଓ ମଞ୍ଜୁମାୟା ଦୁଇ ଭାଇ-ଭଉଣୀ ମା'ଙ୍କ ଆଶୀର୍ବାଦ ନେଇ ବିଦେଶକୁ ବାହାରିଲେ । ତିନି-ଚାରିମାସ ଲାଗ ଲାଗି ଚାଲିବା ପରେ ସେମାନେ ଗୋଟିଏ ରାଜ୍ୟର ସୀମାରେ ଆସି ପହଞ୍ଚିଲେ । ସେହି ରାଜ୍ୟର ନାମ ଥିଲା ପ୍ରଭାମେରୁ । ସେଠାରୁ ଚାଲି ଚାଲି ସେମାନେ ରଙ୍ଗପୁରମ୍ ନାମକ ଗୋଟିଏ ସୁନ୍ଦର ସହରରେ ପହଞ୍ଚିଲେ । ରଙ୍ଗପୁରମ୍‌ର ସବୁ ଘରଗୁଡ଼ିକ ଚକ୍‌ଚକ୍ ପଥରରେ ତିଆରି ହୋଇଥିଲା । ଚକ୍‌ଚକ୍ କରୁଥିବା ଗୋଟିଏ ବହୁତ ବଡ଼ ପଥର ସେହି ନଗରର ମଝିରେ ରଖା ଯାଇଥିଲା । ଏହି ପଥରଟି ଦିନରାତି ତାରାମାନଙ୍କ ଭଳି ଝଟକୁଥିଲା । ସେହି ନଗରୀରେ ଫୁଲ ଓ ଫଳ ବଗିଚା ଓ ଛୋଟ ଛୋଟ ହ୍ରଦ ସବୁ ଥିଲା ।

ନଗରର ଦୁଇ ପାଖଦେଇ ସର୍ପଗନ୍ଧା ନାମରେ ଗୋଟିଏ ନଦୀ ବହି ଯାଉଥିଲା । ସର୍ପଗନ୍ଧା ନଦୀ ବହୁତ ଗଭୀର ଓ ଭୟଙ୍କର ନଦୀ ଥିଲା ।

ଯେତେବେଳେ କର୍ମକେତୁ ଓ ମଞ୍ଜୁମାୟା ସେହି ନଦୀ କୂଳରେ ପହଞ୍ଚିଲେ ସେମାନେ ଦେଖିଲେ ଯେ ସେଠାରେ ଅନେକ ଲୋକଙ୍କର ଭିଡ଼ ଲାଗି ରହିଛି । କେତେକ ଲୋକ ମୁଣ୍ଡରେ ବଡ଼ ବଡ଼ ବସ୍ତା, ଆଉ କେତେକ ବଡ଼ ବଡ଼ ଥଳୀ ଓ କେହି କେହି ମହୁ ମାଠିଆ ଧରି ଠିଆ ହୋଇଅଛନ୍ତି । କେତେକ ଲୋକ ଲୁଗା ଗଣ୍ଠି ଧରି ନଦୀ କୂଳ ବାଲିରେ ବସିଛନ୍ତି ଓ କେତେକ ଲୋକ ମନ୍ଦିର ଯିବା ପାଇଁ ଏପଟ ସେପଟ ହେଉଛନ୍ତି ।

Digitized by PPRACHIN, SOA

ନଦୀ ପାରିହେବା ପାଇଁ ଅନେକ ଲୋକଙ୍କର ଭିଡ଼ କିନ୍ତୁ କେବଳ ଗୋଟିଏ ମାତ୍ର ଡଙ୍ଗା । ଯେମିତି ଡଙ୍ଗା କୂଳରେ ଲାଗିଛି ଲୋକମାନେ ନଦୀ ପାରିହେବା ପାଇଁ ଚିଲ ପରି ଝାଂପ ପଡ଼ୁଛନ୍ତି ।

"ଆପଣମାନଙ୍କୁ ନଦୀପାରି ହେବା ପାଇଁ ଏତେ କଷ୍ଟ ହେଉଛି । ତେବେ ନଦୀ ଉପରେ ପୋଲଟିଏ କାହିଁକି ତିଆରି କରୁ ନାହାନ୍ତି ?" ଏସବୁ ଦେଖି କର୍ମକେତୁ ଜଣେ ବୁଢ଼ା ଲୋକକୁ ପଚାରିଲା । ବୁଢ଼ା ଜଣକ ବହୁତ ନାରାଜ ହୋଇ କର୍ମକେତୁକୁ ଚାହିଁଲେ ଏବଂ ବଡ଼ ଦୁଃଖରେ କହିଲେ :

ଆମର ଏ ଦୁଃଖ ସାତ ଯୁଗର
ବଡ଼ିତ ଚାଲିଛି ପେଟ ନଦୀର
ଥକିଗଲୁ ଆମେ ହାରିଲୁ ଭାଇ
ଗଙ୍ଗା ମାତା ପୁଣି କିଡି ଚାଲଇ ।

ଗଢ଼ବ ଯିଏ ସେ ପୋଲ ନଦୀରେ
ଜାଣିଲେ ଆଣିବୁ ଖୋଜ ତାହାରେ
ସବୁ ଦୁଃଖ ମୂଳେ ଏତ ଆମର
ଆମର ଏ ଦୁଃଖ ସାତ ଯୁଗର ।

କର୍ମକେତୁ ଓ ମଞ୍ଜୁମାୟାଙ୍କ ମନରେ ସହାନୁଭୂତି ଆସିଲା । ସେମାନେ ସ୍ଥିର କଲେ ଯେ ସର୍ପଗନ୍ଧା ନଦୀ ଉପରେ ସେମାନେ ପୋଲ ତିଆରି କରିବେ ।

ସେମାନଙ୍କ କଥା ଶୁଣି ଉଙ୍ଗପୁରମ୍‌ର ଲୋକମାନଙ୍କ ମନରେ ଆନନ୍ଦର ସୀମା ରହିଲା ନାହିଁ । କଳାକାର ଆଦିତ୍ୟଙ୍କ କଥା ସେମାନେ ଆଗରୁ ଶୁଣିଥିଲେ । ଆଜି ତାଙ୍କ ପୁଅ ଝିଅଙ୍କର ଏପରି ପ୍ରତିଜ୍ଞା ଶୁଣି ସେମାନେ ଆହୁରି ଖୁସି ହେଲେ ।

ସମସ୍ତେ କର୍ମକେତୁର ଗୁଣ ଚର୍ଚ୍ଚା କରିବାକୁ ଲାଗିଲେ । କିନ୍ତୁ ମଞ୍ଜୁମାୟାକୁ ଏସବୁ ଭଲ ଲାଗିଲା ନାହିଁ । ଲୋକମାନେ ସମସ୍ତେ କର୍ମକେତୁକୁ କେବଳ ପ୍ରଶଂସା କରୁଛନ୍ତି, କିନ୍ତୁ ତାକୁ କେହି ପଚାରୁନାହାନ୍ତି । ଏକଥା ଭାବି ସ୍ଥିର କଲା ଯେ ସେ ନିଜେ ଏକୁଟିଆ ଗୋଟିଏ ପୋଲ ତିଆରି କରିବ ଏବଂ ସେହି ପୋଲ କର୍ମକେତୁର ପୋଲ ଅପେକ୍ଷା କେବଳ ମଜବୁତ ନୁହେ ଅଧିକ ସୁନ୍ଦର ମଧ୍ୟ ହେବ ।

ଭାଇ–ଭଉଣୀଙ୍କ ମଧ୍ୟରେ ବାଜି ପଡ଼ିଲା କି ଯେ ରାତାରାତି ପୋଲ ତିଆରି କରିଦେବ ସେ ବାଜି ଜିତିବ । ସଂଜରେ ସୂର୍ଯ୍ୟ ବୁଡ଼ିବାଠାରୁ ପୁଣି ସକାଳେ ସୂର୍ଯ୍ୟ ଉଇଁବା ପର୍ଯ୍ୟନ୍ତ ସମୟ ଧରାଗଲା । ସେଥି ସହିତ ସର୍ତ୍ତ ରଖାଗଲା ଯେ ଯିଏ ପୋଲ ତିଆରି କରି ପାରିବ ନାହିଁ ବା ଯାହାର ପୋଲ ଭଲ ହେବ ନାହିଁ ସେ ହାରିଯିବ ।

ମଂଜୁମାୟା ସର୍ପଗନ୍ଧା ନଦୀର ପଶ୍ଚିମ ଦଗରେ ପୋଲ ତିଆରି କରିବାକୁ ସ୍ଥିର କଲା । ଶୀଘ୍ର ଶୀଘ୍ର ପଥର, କାଠ ଇତ୍ୟାଦ ଯୋଗାଡ଼ କରି ଅଧରାତି ସୁଦ୍ଧା ନଦୀ ଉପରେ ପୋଲ ତିଆରି କରିଦେଲା । ନିଜେ ତିଆରି କରିଥିବା ସୁନ୍ଦର ପୋଲଟିକୁ ଦେଖି ସେ ଗର୍ବରେ ଫୁଲି ଉଠିଲା ।

ନଦୀର ଦକ୍ଷିଣ ଦିଗରେ କର୍ମକେତୁ ପୋଲ ତିଆରି କରୁଛି । ତାପରେ ସେ ସେଆଡ଼କୁ ଯାଇ ଦେଖେତ ତାକୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ସେଠାରେ କର୍ମକେତୁ ନାହିଁ କି କୌଣସି ପୋଲ ବି ନାହିଁ । କିନ୍ତୁ ହଠାତ୍ ଦୂରରେ ପାହାଡ଼ର ଗଡ଼ାଣୀରେ କିଛି ଧଳା ମେଣ୍ଢା ତଳକୁ ଆସୁଥିବାର ତାକୁ ଦେଖାଗଲା । ଜହ୍ନରାତି ,

Digitized by PPRACHIN, SOA

ମେଣ୍ଢାପଲ ଧୀରେ ଧୀରେ ନିକଟ ହୋଇ ଆସୁଥିଲେ । ଯେତେବେଳେ ସେମାନେ ବହୁତ ପାଖକୁ ଆସିଗଲେ ସେତେବେଳେ ସେ ଏହାକୁ ଦେଖି ବହୁତ ଆଶ୍ଚର୍ଯ୍ୟ ହେଲା । କାରଣ ତାହା ପ୍ରକୃତରେ ମେଣ୍ଢାପଲ ନୁହେଁ । ସେଗଡିକ ଧଳା ଶଂଖମଲ୍‌ମଲ୍‌ ପଥର ଏବଂ କର୍ମକେତୁ ପୋଲ ତିଆରି କରିବା ପାଇଁ ସେଗୁଡ଼ିକୁ ଆଣୁଛି ।

ଏହି ଶଂଖ ମଲ୍‌ମଲ୍‌ ପଥର ହୀରା ପରି ଚମକୁଥିଲା । ତହିଁରେ ପୋଲ କେତେ ସୁନ୍ଦର ଓ ମଜବୁତ ନ ହେବ ।

ଏକଥା ଭାବି ମଂଜୁମାୟାର ମୁଣ୍ଡ ବୁଲାଇବାକୁ ଲାଗିଲା । ସେ ସେଠାରୁ ପଳାଇ ଆସି ନିଜ ପୋଲ ପାଖରେ ପହଞ୍ଚିଲା ଏବଂ ପୋଲକୁ ବହୁ ପ୍ରକାର ସଜାଇବାକୁ ଚେଷ୍ଟା କଲା ଯେପରିକି ତାରପୋଲ କର୍ମକେତୁର ପୋଲଠାରୁ ଅଧିକ ସୁନ୍ଦର ଦେଖାଯିବ । ଏଥିପାଇଁ ସେ ବିଭିନ୍ନ ପ୍ରକାରର କାରୁକାର୍ଯ୍ୟ କରିବାକୁ ଆରମ୍ଭ କଲା । ଅନେକ ପ୍ରକାରର ରଙ୍ଗ ବେରଙ୍ଗ ଫୁଲ ତିଆରି କଲା । ଶେଷରେ ଏପରି କୌଣସି ସ୍ଥାନ ପୋଲରେ ଖାଲି ରହିଲା ନାହିଁ ଯେଉଁଠାରେ କି କିଛି କାରୁକାର୍ଯ୍ୟ ନ ହୋଇଛି ।

ଯେତେବେଳେ ମଞ୍ଜୁମାୟା ପୋଲକୁ ଏବେ ଦେଖିଲା ନିଜ ଆଖିକୁ ସେ ବିଶ୍ୱାସ କରି ପାରିଲା ନାହିଁ । ସତରେ ଏତେ ସୁନ୍ଦର ପୋଲ ସେ ତିଆରି କରିପାରେ ।

ନିଜ କାମ ଶେଷ କରିବା ପରେ ମଞ୍ଜୁମାୟା କର୍ମକେତୁର ପୋଲକୁ ଦେଖିବାକୁ ଗଲା । କର୍ମକେତୁର ପୋଲ ମଧ୍ୟ ବହୁତ ସୁନ୍ଦରଭାବେ ତିଆରି ହୋଇଥିଲା । ଆଉ କେବଳ ଦୁଇଟି ତୋରଣରେ ଶଂଖମଲ୍‌ମଲ୍‌ ପଥର ଲଗାଇବା ବାକି ଥିଲା । ତା ଛଡ଼ା ସବୁ କାମ ଶେଷ ହୋଇ ଯାଇଥିଲା ।

ନିଜ ଭାଇ ତିଆରି କରିଥିବା ସୁନ୍ଦର ପୋଲକୁ ଦେଖି ମଞ୍ଜୁମାୟାର ଈର୍ଷା ହେଲା । ତେଣୁ ସେ ନିଜେ କୁକୁଡ଼ା ରାବିବା ଭଳି ଶବ୍ଦ କଲା ଏବଂ ଏହାଶୁଣି ନଗରର ଅନ୍ୟସବୁ କୁକୁଡ଼ାମାନେ ବୋବାଇବାକୁ ଲାଗିଲେ ।

କୁକୁଡ଼ାମାନଙ୍କର ରାବ ଶୁଣି କର୍ମକେତୁ ବ୍ୟତିବ୍ୟସ୍ତ ହୋଇଗଲା । ଏବେ ସେ କଣ କରିବ ? ସେତ ସମୟ କଥା ବିଲ୍‌କୁଲ ଭୁଲି ଯାଇଛି । ତେଣୁ ସେ ଶୀଘ୍ର ଶୀଘ୍ର ଶଂଖମଲ୍‌ମଲ୍‌ ପଥର ତୋରଣ ଉପରେ ଲଗାଇ କାମକୁ ଯେ କୌଣସି ପ୍ରକାରେ ଶେଷ କଲା । ତା ନହେଲେ ରାତି ପାହିଯିବ ।

ସକାଳ ହେଲା । ନଗରର ଲୋକମାନେ ସର୍ପଗନ୍ଧା ନଦୀ ଉପରେ ଦୁଇଟି ପୋଲ ତିଆରି ହୋଇଥିବା ଦେଖି ଆଶ୍ଚର୍ଯ୍ୟ ହେଲେ । କର୍ମକେତୁର ପୋଲ ବହୁତ ବଡ଼ ଓ ମଜବୁତ ହୋଇଥିଲା । ଏଣୁ ତାର ନାଁ "ବଡ଼ ପଥର ପୋଲ" । ମଞ୍ଜୁମାୟାର ପୋଲ ଛୋଟ ପଥରରେ ତିଆରି ହୋଇଥିବାରୁ ତା ନାଁ "ଛୋଟ ପଥର ପୋଲ" ରଖାଗଲା । ସେଥିରେ ତିଆରି କାରୁକାର୍ଯ୍ୟ ଏତେ ସୁନ୍ଦର ଥିଲା ଯେ ଝିଅମାନେ ତାକୁ ଦେଖି ସେହିପରି ଫୁଲ ସିଲେଇ କରିବାକୁ ଆରମ୍ଭ କଲେ ।

ରାଜ୍ୟର ସବୁଲୋକେ ପୋଲକୁ ଦେଖି ବାଃ ବାଃ କଲେ ଏବଂ ଚାରିଆଡ଼େ ପ୍ରଶଂସା ଖେଳିଗଲା । ଲୋକମାନଂକର ଏହି ପ୍ରଶଂସା ଖବର ମକୁର ନାମକ ଗୋଟିଏ ଅସୁର ପାଖରେ ପହଂଚିଲା । ତେଣୁ ସେ ବହୁତ ରାଗିଗଲା । କାରଣ ମକୁର ଦୈତ୍ୟ କାହାରି ପ୍ରଶଂସା ସହି ପାରେନା । ଏଣୁ ସେ "ବଡ଼ ପଥରପୋଲ" କୁ ଭାଂଗିବା ପାଇଁ ସ୍ଥିରକଲା । ଶେଷରେ ସେ ଜଣେ ବେପାରି ବେଶଧରି ଗୋଟିଏ ଘୋଡ଼ା ପିଠିରେ ବସି ବାହାରିଲା । ଘୋଡ଼ାର ଦୁଇପାଖରେ ଦୁଇଟି ଖାଲି ଥଳିଥିଲା ଏବଂ ସେ ଗୋଟିଏ ଥଳିରେ ଚଂଦ୍ର ଓ ଅନ୍ୟ ଥଳିରେ ସୂର୍ଯ୍ୟକୁ ପୁରାଇ ରଖିଲା ।

ଏତିକିରେ ତାର ମନ ମାନିଲା ନାହିଁ । ଗୋଟିଏ ବଡ଼ଠେଲା ଗାଡ଼ିରେ ସୁନା-ରୂପାର ଭାରୀ-ଭାରୀ ଜିନିଷ ଭରିଲା । ତାହାକୁ ଟାଣିବା ପାଇଁ ନିଜ ବଂଧୁ ଅରାଗକୁ କହିଲା ।

Digitized by PPRACHIN, SOA

ମକୁର ଓ ଅରାଗ ଦୁହେଁ ପୋଲକୁ ଭାଙ୍ଗିବା ପାଇଁ ବାହାରି ପଡ଼ିଲେ । ପୋଲ ପାଖରେ ପହଂଚି ମକୁର କହିଲା "ଏପରି ଦଦରା ପୋଲ କିଏ ତିଆରି କରିଛି ?" ଠିକ୍ ଏତିକିବେଳେ କର୍ମକେତୁ ଆସି ଆଗରେ ଛିଡ଼ା ହୋଇଗଲା । "ଆମେ ପୋଲ ଉପରେ ପାରିହେଲେ ଏହା ଭାଂଗିବ ନାହିଁ ତ"? ମକୁର ପଚାରିଲା । "ହାଃ ହାଃ ହାଃ" କର୍ମକେତୁ ବୁଢ଼ା ବେପାରୀକୁ ଦେଖି ହସିବାକୁ ଲାଗିଲା । "କେବଳ ଗୋଟିଏ ଘୋଡ଼ା ଓ ଠେଲାଗାଡ଼ିର ଓଜନରେ ପୋଲ ଭାଂଗିଯିବ ? "ଏକଥା କହି ସେ ପୁଣି ହସିଲା ।

"ବର୍ତ୍ତମାନ ସୁଦ୍ଧା କେତେ ଲୋକ ଏହି ପୋଲ ଉପରେ ପାରି ହୋଇ ଗଲେଣି । ଆପଣ ମଧ୍ୟ ଆରାମରେ ଯାଆନ୍ତୁ । ପୋଲ ଭାଂଗିଲେ ଏ ହାତ କେଉଁ କାମକୁ ଆସିବ? —କର୍ମକେତୁ କହିଲା । ମକୁର ଓ ଅରାଗ ଦୁହେଁ ମୁଣ୍ଡ ହଲାଇଲେ । ପ୍ରଥମେ ଘୋଡ଼ା ଉପରେ ବସି ମକୁର ଓ ତାପରେ ଠେଲାଗାଡ଼ି ଉପରେ ଜିନିଷ ରଖି ଅରାଗ ପୋଲ ପାରି ହେବାକୁ ଲାଗିଲେ ।

ସେମାନେ କିଛି ପାହୁଣ୍ଡ ଆଗେଇଛନ୍ତି କି ନାହିଁ ପୋଲଟି ଥରିବାକୁ ଲାଗିଲା । ଠିକ୍ ସେତିକିବେଳେ କର୍ମକେତୁର ତାର ବାପାଂକ କଥା ମନେ ପଡ଼ିଲା । "କଳାକାରର ହାତ ସଂସାରରେ ସବୁଠାରୁ ଶକ୍ତିଶାଳୀ । ସେ କେବେହେଲେ ହାରେ ନାହିଁ" ।

ଏବେ ଆଉ କ'ଣ ଅଛି । କର୍ମକେତୁ ସଂଗେ ସଂଗେ ପୋଲର ତଳକୁ ଓହ୍ଲାଇ ନିଜର ଦୁଇ ହାତରେ ପୋଲକୁ ଟେକି ଧରିଲା ।

ମକୁର ଓ ଅରାଗ ଦେଖୁ ଦେଖୁ ପୋଲପାରି ହୋଇଗଲେ । ଶେଷରେ ମକୁର ପରାଜିତହୋଇ ନିଜ ମିତ୍ର ସାଂଗରେ ପଳାଇଲା । ଆଜ ମଧ୍ୟ ରଂଗପୁରମ୍ ପାଖରେ ଥିବା ସର୍ପଗଂଧା ନଦୀରେ ଶଂଖମଲମଲ ପଥରର ବହୁ ପୁରୁଣା ପୋଲ ରହିଛି । ପୋଲ ଉପରେ ଘୋଡ଼ାର ଟାପୁ ଚିହ୍ନ ଓ ପୋଲ ତଳେ ମଣିଷର ଦୁଇ ହାତର ଚିହ୍ନ ଅଛି ଏବଂ ପୋଲ ପାଖ ଚଟାଣରେ ଲେଖାଅଛି, "କଳାକାରର ହାତ ସଂସାରରେ ସବୁଠାରୁ ଶକ୍ତିଶାଳୀ ସେ କେବେହେଲେ ହାରେ ନାହିଁ ।"

Digitized by PPRACHIN, SOA

ଛବଂଗ

(ତବ୍ବତ)

ବହୁ କାଳର ପୁରୁଣା କଥାଟିଏ । ଗୋଟିଏ ଦେଶରେ ଜଣେ ରାଜା ଥିଲେ । ସେହି ରାଜା ରାଗରେ ନିଜ ରାଣୀଂକୁ ରାଜମହଲରୁ ବାହାର କରିଦେଇ ତାଂକୁ ନେଇ କୌଣସି ଦୂର ପାହାଡ଼ ଉପରେ ଛାଡ଼ିଦେଇ ଆସିଲେ ।

କିଛିଦିନପରେ ସେଠାରେ ରାଣୀଂକର ଗୋଟିଏ ପୁଅ ଜନ୍ମହେଲା । ସେ ବଡ଼ ମୋଟାସୋଟା ହୋଇଥିଲା । ତାର ମୁଣ୍ଡ ଓ ବେକର ରଂଗ ଏକଦମ୍ ଲାଲଥିଲା । ସେଥିପାଇଁ ରାଣୀ ତାର ନାମ ଛବଂଗ ଦେଇଥିଲେ ।

ଛବଂଗ ବିଷୟରେ କେତେକ ଘଟଣା ବଡ଼ ଅଦ୍ଭୁତ ଥିଲା । ସେ ଜନ୍ମହେବା ମାତ୍ରେ କଥା କହିବାକୁ ଲାଗିଲା । ପନ୍ଦରଦିନରେ ସେ ବର୍ଷକର ପିଲାପରି ଦେଖାଯିବାକୁ ଲାଗିଲା ଏବଂ ଅଳ୍ପ ସମୟ ମଧ୍ୟରେ ସେ ଭଲଭାବେ ତୀର ମାରିବା ଅଭ୍ୟାସ କରିନେଲା ।

ତାପରେ ସେ ଦୂର ଦୂରାନ୍ତକୁ ଶୀକାର କରିବା ପାଇଁ ଯିବାକୁ ଲାଗିଲା । ଥରେ ସେ ସିଂହ ଶୀକାର କରିବାକୁ ଠିକ୍‌କଲା । ସତକୁ ସତ ସେ ସଂଧ୍ୟାବେଳକୁ ଗୋଟିଏ ବଡ଼ ସିଂହକୁ ମାରି ଆଣିଲା । ପୁଅର ବାହାଦୂରୀ ଦେଖି ମା ଖୁସିରେ ଫୁଲି ଉଠିଲେ । ଥରେ ଛବଂଗ ମାଆଂକୁ ପଚାରିଲା, "ମାଆ ! ମୋର ବାପା କେଉଁଠି ଅଛନ୍ତି ? " ଏଣୁ ମାଆ ପୁଅକୁ ସବୁ ପଛକଥା କହିଲେ । ନିଜ ବାପା ରାଜାଥିବା କଥା ଜାଣି ଛବଂଗ ଯେତିକି ଖୁସିହେଲା ସେତିକି ଆଶ୍ଚର୍ଯ୍ୟ ମଧ୍ୟ ହେଲା । କିନ୍ତୁ ମାଙ୍କର ଏପରି ଅବସ୍ଥା ଦେଖି ସେ ମଧ୍ୟ କମ୍ ଦୁଃଖିତ ହେଲାନାହିଁ । ତାପରେ ସେ ମାଆଙ୍କୁ କହିଲା "ମା, ମୁଁ ପିତାଙ୍କ ପାଖକୁ ଯାଇ-ସିଂହର ଛାଲଟିକୁ ତାଂକୁ ଉପହାର ଦେବିଙ୍କ । ମାଆ ଛବଂଗକୁ ବୁଝାଇ କହିଲେ, "ପୁଅରେ ! ତୋର ବାପା ବହୁତ ରାଗି ଲୋକ । କାଳେ ସେ ରାଗିଯାଇ କିଛି ଅନ୍ୟାୟ କରିବେ । ଆଉ ପୁଣି ତୋ'ପରି ଜଂଗଲୀକୁ ରାଜକୁମାରରୂପେ ସେ କିପରି ସ୍ୱୀକାର କରିବେ ? ଏଣୁ ତୁ ତାଂକ ପାଖକୁ ଯିବା ଭଲନୁହେଁ ।"

"ମାଆ, ତୁମେ ଚିନ୍ତା କରନା । ସବୁ ଠିକ୍ ହୋଇଯିବ । ଏକଥା କହି ଛବଂଗ ରାଜାଙ୍କୁ ସାକ୍ଷାତ କରିବାକୁ ବାହାରିଲା ଏବଂ ସାଂଗରେ ସିଂହର ଛାଲଟିକୁ ମଧ୍ୟ ନେଲା ।

ମାସ ମାସ ଧରି ପାଦରେ ଚାଲି ଚାଲି ସେ ଅନେକ ନଈନାଳ ପାହାଡ଼ ପର୍ବତ ପାରହୋଇ ଶେଷରେ ନିଜ ବାପାଂକ ନଅରରେ ପହଂଚିଲା । "ତୁମେ କିଏ ? "ଦ୍ୱାରପାଳ ପଚାରିଲା ।

"ମୁଁ ଛବଂଗ । ଜଣେ ଶିକାରୀ । ରାଜାଂକୁ ଏହି ଛାଲଟିକୁ ଉପହାର ଦେବା ପାଇଁ ଆସିଛି ।"

ରାଜା ଛବଂଗକୁ ଡ଼କେଇଲେ ଏବଂ ସ୍ନେହରେ ପାଖରେ ବସାଇଲେ । ଏପରି ବୀର ବାଳକ ସେ ପୂର୍ବରୁ କେବେ ଦେଖି ନ ଥିଲେ । ଛବଂଗର ଲାଲ୍ ରଂଗର ମୁଣ୍ଡ ଦେଖି ରାଜାଂକୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । "ବାଳକ ତୁମେ ଏହି ସିଂହକୁ ମାରିଛ ?" ରାଜା ପଚାରିଲେ । "ହଁ, ମହାରାଜ" ଛବଂଗ ଉତ୍ତର ଦେଲା, "ମୁଁ ଏ ଛାଲକୁ ଆପଣଂକୁ ଉପହାର ଦେବାକୁ ଚାହେଁ ଏବଂ ଭାବୁଛି ଏହି ବାହାନାରେ ନିଜ ପିତାଂକ ସହ ସାକ୍ଷାତ ମଧ୍ୟ ହୋଇଯିବ । ଆପଣ ମୋତେ ତାଂକ ସହିତ ସାକ୍ଷାତ କରାଇ ପାରିବେ ?"

Digitized by PPRACHIN, SOA

"ମୁଁ ତୁମକୁ ନିଶ୍ଚୟ ତାଂକ ସହିତ ସାକ୍ଷାତ କରାଇବି କିନ୍ତୁ ସେ କେଉଁଠାରେ ଅଛନ୍ତି ?" ରାଜା ଛବଂଗକୁ କହିଲେ । "ସେ ମୋ ସାମନାରେ ବସିଛନ୍ତି" । ଛବଂଗ ରାଜାଙ୍କ ଆଡ଼କୁ ଲକ୍ଷ୍ୟ କରି ମାଆ କହିଥିବା ସବୁ କଥା କହିଲା । ଏ ସବୁ ଶୁଣି ରାଜା ବଡ଼ ଚିନ୍ତାରେ ପଡ଼ିଲେ । ଏହି ପିଲାଟି ମୋତେ ବାପା କହୁଛି ମୁଁ କ'ଣ ଏଇ ଜଂଗଲୀର ପିତା ? ରାଜା ମନେ ମନେ ଭାବିବାକୁ ଲାଗିଲେ । ବୋଧହୁଏ ଏହି ପିଲାଟି ଚାଲାକ୍ ଅଛି । ମୋର ଉତ୍ତରାଧିକାରୀ ହୋଇ ସାରା ରାଜ୍ୟ ଦଖଲ କରିବାକୁ ଚାହୁଁଛି । ଏଣୁ ଦୂରେଇ ରହିବା ଭଲ ।

"ଭଗବାନଂକର ଅଶେଷ ଦୟା ଯେ ମୋତେ ଗୋଟିଏ ସାହସୀ ଶିକାରୀ ପୁଅଟିଏ ମିଳିଛି", ରାଜା ଚାଲାଖିରେ କହିଲେ, "କିନ୍ତୁ ତୁମକୁ ପୁଅ ଭାବରେ ସ୍ୱୀକାର କରିବା ପୂର୍ବରୁ ମୁଁ ତୁମର ପରୀକ୍ଷା ନେବାକୁ ଚାହୁଁଛି । ତୁମେ ଆଉ ଥରେ ଗୋଟିଏ ସିଂହ ମାରିଆଣ" ।

ରାଜାଂକ କଥା ଶୁଣି ଛବଂଗ ବହୁତ ଖୁସୀ ହେଲା । ସେ ସଂଗେ ସଂଗେ ସିଂହ ଶିକାର କରିବା ପାଇଁ ବାହାରି ପଡ଼ିଲା । ବଡ଼ ବଡ଼ ଭୟଂକର ଜଂଗଲ ସବୁ ଖୋଜିଲା କିନ୍ତୁ ତାକୁ କେଉଁଠାରେ ହେଲେ ସିଂହ ମିଳିଲା ନାହିଁ ।

ବଣରେ ସିଂହ ଖୋଜୁଥିବାବେଳେ ଜଣେ ବୁଢ଼ା ଲୋକ ସହିତ ତାହାର ଦେଖାହେଲା ଏବଂ ଛବଂଗ ତାଙ୍କୁ ପ୍ରଣାମ କଲା ।

"ତୁମେ କୁଆଡ଼େ ଯାଉଛ ?"—ବୁଢ଼ା ଜଣକ ଛବଂଗକୁ ପଚାରିଲେ । "ମୁଁ ସିଂହ ଖୋଜୁଛି । ଆପଣ ମୋତେ କହିପାରିବେ ସିଂହ କେଉଁଠାରେ ମିଳିବ ?"

ବୁଢ଼ା ତାକୁ ମୁଣ୍ଡଠାରୁ ଗୋଡ଼ ପର୍ଯ୍ୟନ୍ତ ଅନେଇ କହିଲା, "ତୁମେ ତ ଜଣେ ଅତ୍ୟନ୍ତ ସାହସୀ ବାଳକ । ସାମନା ରାସ୍ତାରେ ଯାଅ । କିଛି ଦୂର ଗଲାପରେ ଲାମାଙ୍କର ଗୋଟିଏ ମନ୍ଦିର ଦେଖାଯିବ । ଦୁଆର ଖୋଲି ଭିତରକୁ ଗଲେ ସେଠାରେ ତୁମେ ଜଣେ ଲାମାଙ୍କୁ ଦେଖିବ । ସେ ତୁମକୁ ଦେଖିବା ମାତ୍ରେ ପିଟିବାକୁ ଆରମ୍ଭ କରିଦେବେ । କିନ୍ତୁ ତୁମେ ଚୁପଚାପ ମାଡ଼ ଖାଇବ । ଶେଷରେ ସେ ତୁମକୁ ଏପରି ଯାଗା ବତାଇ ଦେବେ ଯେଉଁଠାରେ କି ସିଂହ ମିଳିବ !"

Digitized by PPRACHIN, SOA

ବୁଢ଼ା କହିଥିବା ରାସ୍ତାରେ ଛବଂଗ ଚାଲିବାକୁ ଲାଗିଲା । ବାଟରେ ଯାଉ ଯାଉ ଗୋଟିଏ ଅଣଓସାରିଆ ରାସ୍ତାଟିଏ ଆସିଲା, ପରେ ପୁଣି ତାଠାରୁ ଛୋଟ ଓ ଅଣଓସାରିଆ ରାସ୍ତା ଦେଖିଲା । ଶେଷରେ ସେ ଯାଇ ଲାମାଂକ ମଂଦିରରେ ପହଂଚିଲା । ସେଠାରେ ପହଂଚି ଛବଂଗ ପାଟିକରି କହିଲା "କବାଟ ଖୋଲ ।" କବାଟ ଖୋଲି ଭିତରୁ ଧଳା ଦାଢୀ ଥିବା ଜଣେ ଲାମା ବାହାରିଲେ ଏବଂ ସେ ଛବଂଗକୁ ପିଟିବାକୁ ଆରମ୍ଭ କରିଦେଲେ ।

ଛବଂଗ ଚୁପ୍‌ଚାପ ମାଡ଼କୁ ସହିନେଲା । ବୁଢ଼ାଲୋକ କଥା ତାର ମନେଥିଲା । ବହୁତ ପିଟିବା ପରେ ଲାମା ପଚାରିଲେ, "ତୁମେ କିଏ ଓ ଏଠାକୁ କାହିଁକି ଆସିଛ ?"

ଛବଂଗ ସବୁ କଥା କହିବାରୁ ସେ ହସିବାକୁ ଲାଗଲେ । କହିଲେ "ସିଂହ ମାରିବାକୁ ଚାହୁଁଛ ? ବହୁତ ସାହସୀ ବାଳକ ତୁମେ । ଆଚ୍ଛା ଶୁଣ ! ସାମନାରେ ଥିବା ଛୋଟ ରାସ୍ତାରେ କିଛି ବାଟ ଗଲେ ଗୋଟିଏ ବଡ଼ ଚଂଦନ ଗଛ ଅଛି । ତା ପାଖ ଦେଇ ପ୍ରତିଦିନ ଗୋଟିଏ ସିଂହ ପାଣି ପିଇବାକୁ ଯାଏ । ତୁମେ ଗଛରେ ଲୁଚିଯିବ । ପ୍ରଥମେ ପକ୍ଷୀମାନେ ପାଣି ପିଇବାକୁ ଆସିବେ । ତାପରେ ପଶୁମାନେ ଓ ଶେଷରେ ସିଂହ ଆସିବ । ଯେମିତି ସିଂହଟି ଗଛର ପାଖ ଦେଇ ଯିବ ତୁମେ ଡ଼େଇଁକରି ତା ପିଠି ଉପରେ ବସି ପଡ଼ିବ । ତା କାନକୁ ଟାଣି ଚଂଦନ କାଠରେ ମାରିବ ଏବଂ ଶେଷରେ ସିଂହଟି ମୁଣ୍ଡ ହଲାଇବ । ଏହାର ଅର୍ଥ ହେଉଛି ତୁମେ ଯାହା ଚାହିଁବ ସେ ସେଇଆ କରିବ । ତାପରେ ତୁମେ ଯେତେବେଳେ ତୁମ ମନ ଅନୁସାରେ ଚଂଦନ ବାଡ଼ିକୁ ବୁଲାଇବ ସେତେବେଳେ ସିଂହ ମଧ୍ୟ ତୁମ ପାଖରେ ଆସି ପହଂଚିବ ।"

କିଛି ଦିନ ଚାଲିବା ପରେ ଛବଙ୍ଗ ସେହି ଚନ୍ଦନ ଗଛ ପାଖରେ ପହଞ୍ଚିଲା ଏବଂ ଗଛରେ ଲୁଚି ବସି ରହିଲା ।

ସତକୁ ସତ ସେଇ ବାଟ ଦେଇ ସିଂହ ଆସିଲା । ଯେମିତ ସିଏ ଚନ୍ଦନ ଗଛ ତଳଦେଇ ଯାଇଛି ଛବଙ୍ଗ ଡ଼େଇଁକରି ତା' ଉପରେ ବସିପଡ଼ି ସିଂହ ମୁଣ୍ଡ ହଲାଇବା ପର୍ଯ୍ୟନ୍ତ ତାକୁ ପିଟିବାକୁ ଲାଗିଲା ।

ଏବେ ଛବଙ୍ଗର ଖୁସୀର ସୀମା ରହିଲା ନାହିଁ । ସେ ସିଧାସଳଖ ରାଜାଙ୍କ ପାଖକୁ ଯାଇ କହିଲା. "ମହାଶୟ ! ମୁଁ ଆପଣଙ୍କ ସର୍ତ୍ତ ପୂରଣ କରିଛି ।"

ରାଜାଙ୍କର ବିଶ୍ୱାସ ହେଲା ନାହିଁ । ସେ ପଚାରିଲେ "କଣ' ତୁମେ ସିଂହ ଶିକାର କରି ଆଣିଛ ?"

"ଶିକାର କରି ଆଣିନି ବରଂ ପୋଷା ମନେଇ ଆଣିଛି । "ଛବଙ୍ଗ ରାଜାଙ୍କୁ ଉତ୍ତର ଦେଲା । ଏକଥା ଶୁଣି ରାଜା ଆଶ୍ଚର୍ଯ୍ୟ ହୋଇଗଲେ । "କଣ ତୁମେ କହୁଛ ? ସିଂହକୁ ପୋଷା ମନେଇ ଆଣିଛ ?" ରାଜା ପଚାରିଲେ ।

"ହଁ ମହାରାଜ !"ଛବଙ୍ଗ ଉତ୍ତର ଦେଲା । "ସିଂହ କେଉଁଠାରେ ଅଛି ?" ରାଜା ଛବଙ୍ଗକୁ ପୁଣି ପଚାରିଲେ । ସଙ୍ଗେ ସଙ୍ଗେ ଛବଙ୍ଗ ବାଡ଼ି ବୁଲାଇଲା ଏବଂ ଦରବାର ଭିତରେ ଗର୍ଜ୍ଜନ କରି ଭୟଙ୍କର ଗୋଟିଏ ସିଂହ ଆସି ଛିଡ଼ା ହେଲା ।

ରାଜଦରବାରୀମାନେ ଭୟରେ ପଳାଇବାକୁ ଲାଗିଲେ । ରାଜା ଭୟରେ ଥରିବାକୁ ଲାଗିଲେ ଏବଂ ଚିତ୍କାର କରି କହିଲେ "ଏହାକୁ ବାହାରକୁ ତଡ଼ିଦଅ । ଆଜଠାରୁ ମୁଁ ତୁମକୁ ନଜ ପୁଅ ରୂପେ ସ୍ୱୀକାର କଲି ଏବଂ ତୁମ ମାଙ୍କୁ ରାଣୀ କରି ରଖିବି " ।

ହଠାତ୍ ସିଂହଟି ଅଦୃଶ୍ୟ ହୋଇଗଲା ।

ମାତ୍ର ରାଜା ଏତେ ସହଜରେ ହାରିବା ଲୋକ ନ ଥିଲେ । ସେ ଆଉ ଗୋଟିଏ ଚାଲାକି ଖେଳିଲେ, "ତୁମେ ବଡ଼ ଯୋଗ୍ୟ ପୁଅ ଅଟ," ସେ ଛବଙ୍ଗକୁ କହିଲେ, "ତୁମ ପାଇଁ ଗୋଟିଏ ସୁନ୍ଦର ବୋହୂ ମଧ୍ୟ ହେବା ଉଚତ । ମୁ ଶୁଣିଛି ଯେ ଶିଫୁ ନାମକ ଗୋଟିଏ ଅସୁରୀ ଝିଅ ପୃଥିବୀର ସବୁଠାରୁ ସୁନ୍ଦର ଝିଅ । କଣ ତୁମେ ତା ସହିତ ବିବାହ କରି ପାରିବ ? "

Digitized by PPRACHIN, SOA

"କାହିଁକି ନୁହେଁ"—ଛବଙ୍ଗ ଉତ୍ତର ଦେଲା ।

"ତେବେ ବର୍ତ୍ତମାନ ଯାଅ ଓ ବିବାହ କରି ସେହି ଝିଅଟିକୁ ନେଇଆସ ।" ରାଜା କହିଲେ ।

ଛବଙ୍ଗ ସଙ୍ଗେ ସଙ୍ଗେ ରାଜଦରବାରରୁ ଚାଲିଗଲା । ଅନେକ ଦିନ ଧରି ସେ ବଣ ପାହାଡ଼ରେ ବୁଲିଲା, କିନ୍ତୁ କେଉଁଠାରେ ହେଲେ ଶଫୁ ଅସୁରର ରାଜପ୍ରାସାଦ ସେ ଦେଖି ପାରିଲା ନାହିଁ ।

ଚାଲି ଚାଲି ଶେଷରେ ସେ ସମୁଦ୍ର କୂଳରେ ପହଞ୍ଚିଲା । ସେଠାରେ ସେ ଦେଖିଲା ଯେ ଗୋଟିଏ ଡ଼େଙ୍ଗା ଝିଅଟିଏ ବଡ଼ ଟବ୍‌ଟିକୁ ଚାମଚ ଭଳି ଧରି ବାରମ୍ବାର ସମୁଦ୍ରରୁ ପାଣି ପିଉଛି । ଦେଖୁ ଦେଖୁ ସେ ସମୁଦ୍ରର ଅଧାପାଣି ମଧ୍ୟ ପିଇଦେଲା ।

"ତୁମେ ତ ବଡ଼ ଅଦ୍‌ଭୁତ ଝିଅ ।" ଛବଙ୍ଗ କହିଲା, "ଅଧା ଠାରୁ ବେଶୀ ସମୁଦ୍ରର ପାଣିକୁ ପିଇଦେଲ !"

"ମୁଁ ତ କିଛି ନୁହେଁ," ଝିଅଟି କହିଲା, ମୁଁ ଶୁଣିଛି ଏହି ପୃଥିବୀରେ ଏପରି ଜଣେ ମଣିଷ ଅଛି ଯିଏ କି ସିଂହକୁ ମଧ୍ୟ ପୋଷା ମନେଇ ପାରେ ।

"ସେ ତ ମୁଁ" ଛବଙ୍ଗ କହିଲା ।

"ତୁମେ !" ଏକଥା କହି ସେ ହିଃ—ହିଃ—ହିଃ କରି ହସିବାକୁ ଲାଗିଲା ।

"ହଁ—ହଁ ମୁଁ ; ଦେଖାଇବି ତୁମକୁ ସିଂହ ?"

"ଦେଖାଅ" ଝିଅଟି ତା କଥାକୁ ହସରେ ଉଡ଼ାଇଲା ପରି କହିଲା ।

ଛବଙ୍ଗ ଚନ୍ଦନର ବାଡ଼ିଟିକୁ ପବନରେ ବୁଲାଇଲା ମାତ୍ରେ ଧୂଳିଝଡ଼ ହେଲା । ପୁଣି ଏକ ଗର୍ଜନ ଶୁଣାଗଲା ଏବଂ ଭୟଙ୍କର ସିଂହଟିଏ ସାମନାରେ ଆସି ଛିଡ଼ାହେଲା ।

ଝିଅଟି ଭୟରେ ଥରିବାକୁ ଲାଗିଲା । ହାତଯୋଡ଼ି କହିଲା "ଏହାକୁ ନେଇଯାଅ, ନେଇଯାଅ ମୁଁ ଜୀବନ ସାରା ତୁମର ସେବା କରିବି ।"

ଛବଙ୍ଗ ହସିଲା ଏବଂ କହିଲା, "ତାହେଲେ କୁହ ଶିଫୁ ଅସୁରର ମହଲ କେଉଁଠାରେ ଅଛି ?"

ଝିଅଟି ତାକୁ ନିଜ ସାଙ୍ଗରେ ଗୋଟିଏ ଅସାଧାରଣ ପାହାଡ଼ ଉପରକୁ ନେଇଗଲା । ସେଠାରେ ସେ ଦେଖିଲା ଗୋଟିଏ ଲୋକ ନିଜର ଦୁଇ ହାତରେ ଦୁଇଟି ବିଶାଳ ପାହାଡ଼କୁ ଧରି ଆସୁଅଛି ।

"ତୁମେ ତ ବଡ଼ ଅଦ୍‌ଭୁତ ଲୋକ !" ଛବଙ୍ଗ ଆଶ୍ଚର୍ଯ୍ୟ ହୋଇ କହିଲା । "ମୁଁ କି ଅଦ୍‌ଭୁତ ଲୋକ ? ପୃଥିବୀରେ ଏପରି ଜଣେ ଆଶ୍ଚର୍ଯ୍ୟଜନକ ଲୋକ ଅଛି ଯଏ କି ସିଂହକୁ ପୋଷା ମନେଇ ପାରେ ।"

"ସେତ ମୁଁ !" ଛବଙ୍ଗ କହିଲା । "ତୁମେ !" ସେ ଛବଙ୍ଗର ମୁଣ୍ଡ ଠାରୁ ପାଦ ପର୍ଯ୍ୟନ୍ତ ଚାହିଁ କହିଲା । ଛବଙ୍ଗ ଚନ୍ଦନ ବାଡ଼ିଟିକୁ ବୁଲାଇଲା ମାତ୍ରେ ସିଂହଟି ଗର୍ଜନ କରି ସାମନାରେ ଆସି ଛିଡ଼ା ହୋଇଗଲା ।

"ଦୂର କରିଦଅ । ଏହାକୁ ଦୂର କରିଦଅ," ସେହି ଲୋକଟି କହିଲା । "ମୁଁ ଜୀବନସାରା ତୁମର ଚାକର ହୋଇ ରହିବି ।"

Digitized by PPRACHIN, SOA

Digitized by PPRACHIN, SOA

ଏଥର ସେମାନେ ସମସ୍ତେ ଶିଫୁ ଅସୁରର ମହଲ ଖୋଜିବାକୁ ବାହାରିଲେ । ଯେତେବେଳେ ସେମାନେ ଗୋଟିଏ ବଡ଼ ନଦୀ ପାରି ହେଉଥିଲେ ସେତେବେଳେ ସେମାନେ ଗୋଟିଏ ଲୋକକୁ ଦେଖିଲେ । ସେ ଲୋକଟା ଏକ ଲୟରେ ଆକାଶ ଆଡ଼କୁ ଚାହିଁଥିଲା ।

"କଣ ଦେଖୁଛ ?" ଛବଙ୍ଗ ସେହି ଲୋକକୁ ପଚାରିଲା । "ମୁଁ ପାଞ୍ଚମାସ ତଳେ ଗୋଟିଏ ତୀର ଆକାଶକୁ ଛାଡ଼ିଥିଲି, ଆଜି ପର୍ଯ୍ୟନ୍ତ ସେହି ତୀରଟି ପୃଥିବୀରେ ପଡ଼ିନାହିଁ," ସେହି ଲୋକଟି କହିଲା ।

"ଭାଇ, ତୁମେ ତ ପ୍ରକୃତରେ ଜଣେ ଅଦ୍‌ଭୁତ ଲୋକ !" ଛବଙ୍ଗ କହିଲା । "ମୁଁ ତ କିଛି ନୁହେଁ, ମୁଁ ଶୁଣିଛି ଅଦ୍‌ଭୁତ ଲୋକ ତ ପୃଥିବୀରେ ଜଣେ ଅଛି ଯିଏ କି ସିଂହକୁ ପୋଷା ମନେଇ ପାରେ ।

"ସେ ତ ମୁଁ" ଛବଙ୍ଗ କହିଲା ।

"ଯାଅ ଯାଅ, ରାସ୍ତା ଦେଖ । ସିଂହ କେବେ ଜୀବନରେ ଦେଖିଛ !" ଲୋକଟି ଛବଙ୍ଗକୁ ବେପରୁଆ ଭାବରେ କହିଲା । ସେତେବେଳେ ଛବଙ୍ଗ ଚନ୍ଦନ କାଠର ବାଡ଼ିଟିକୁ ବୁଲାଇବା ମାତ୍ରେ ଗର୍ଜନ କରି ସିଂହ ସାମନାରେ ଆସି ଛିଡ଼ା ହୋଇଗଲା ।

ଏଣୁ ସେହି ଲୋକଟି ଖୁବ୍ ଡ଼ରିଯାଇ କହିଲା, "ଭାଇ ! ମୋତେ ବଞ୍ଚାଅ ; ଜୀବନ ସାରା ମୁଁ ତୁମର କାମ କରିବି !"

ତାପରେ ଛବଙ୍ଗ ସମସ୍ତଙ୍କୁ ସାଙ୍ଗରେ ନେଇ ପୁଣି ଆଗକୁ ଯିବାକୁ ଲାଗିଲା । ଏମିତ ଚାଲି ଚାଲି ବହୁତ ଦିନ କଟିଗଲା ।

ଶେଷରେ ସେମାନେ ଅସୁରର ମହଲରେ ପହଞ୍ଚିଲେ । ସେତେବେଳକୁ ରାତି ହୋଇଯାଇଥାଏ । ସମସ୍ତେ ହାଲିଆ ହୋଇ ମହଲ ପାଖରେ ଶୋଇ ପଡ଼ିଲେ ।

ମାତ୍ର ଛବଙ୍ଗକୁ ନିଦ ନାହିଁ । ସେ ମହଲରେ ପଶିବାର ଉପାୟ ଚିନ୍ତା କରୁଥାଏ । ହଠାତ୍ ପାଖ ଗଛର ଡାଳରେ ବସିଥିବା ଦୁଇଟି ପକ୍ଷୀଙ୍କର କଥାବାର୍ତ୍ତା ଛବଙ୍ଗ ଶୁଣି ପାରିଲା ।

ସେଥିରୁ ଗୋଟିଏ ପକ୍ଷୀ କହୁଛି "ସକାଳେ ଯେତେବେଳେ ରାଜକୁମାରୀ ସ୍ନାନ କରିବାକୁ ଯାଆନ୍ତି ସେତେବେଳେ କେତେ ସୁନ୍ଦର ଦେଖାଯାନ୍ତି" !

"ଏତେ ଭିଡ଼ ଭିତରେ ତୁମେ କିପରି ଜାଣିଲ ରାଜକୁମାରୀ କିଏ ?" ଦ୍ୱିତୀୟ ପକ୍ଷୀଟି ପଚାରିଲା ।

"କାହିଁକି, ଏଥିରେ ଆଶ୍ଚର୍ଯ୍ୟ ହେବାରେ କ'ଣ ଅଛି ? ରାଜକୁମାରୀକୁ ତ ଭିଡ଼ ଭିତରେ ମଧ୍ୟ ଚହ୍ନି ହେବ । ପୁଣି ତାର କପାଳରେ 'ଓଁ' ଲେଖା ଅଛି"—

—ପ୍ରଥମ ପକ୍ଷୀଟି ଉତ୍ତର ଦେଲା ।

ଏ କଥା ଶୁଣିବା ପରେ ସକାଳୁ ଛବଙ୍ଗ ରାଜକୁମାରୀଙ୍କୁ ଚିହ୍ନି ପାରି ତାକୁ ନିଜ ଦେଶକୁ ନେଇ ଆସିଲା ଏବଂ ଯାଇ ରାଜାଙ୍କ ପାଖରେ ପହଞ୍ଚିଲା ।

ରାଜା ଛବଙ୍ଗର ଏପରି ପରାକ୍ରମ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସେ ଛବଙ୍ଗକୁ ପୁଅ ଭାବେ ସ୍ୱୀକାର କରି ନିଜର ଉତ୍ତରାଧିକାରୀ ବୋଲି ଘୋଷଣା କଲେ ଓ ଛବଙ୍ଗର ମାଆକୁ ରାଜମହଲକୁ ଅଣାଇ ପୁଣି ରାଣୀ କରାଇଲେ ।

Digitized by PPRACHIN, SOA

ଫେରିବାଲା ଜ୍ୟୋତିଷ

(ଇରାନ)

ସେ ଜଣେ ଫେରିବାଲା ଥିଲା । ବହୁତ ଗରୀବ । ଦିନସାରା ଖଟି ଖଟି କୌଣସି ପ୍ରକାରେ ଦୁଇଓଳ ଖାଇବାକୁ ଯୋଗାଡ଼ କରୁଥିଲା । ଥରେ ସେହି ଗରୀବ ଫେରିବାଲାର ସ୍ତ୍ରୀ ଗାଧୋଇବା ପାଇଁ ସର୍ବ ସାଧାରଣ ଗାଧୁଆ ଘରକୁ ଗଲା ଏବଂ ଯେତେବେଳେ ସେ ଗାଧୋଉଛି ସେତେବେଳେ ଲୋକଙ୍କ ପାଟିତୁଣ୍ଡ ଶୁଣିଲା । ଗାଧୁଆ ଘରର ଜମାରେ ଥିବା ଲୋକ ବହୁତ ବ୍ୟସ୍ତ ଜଣା ପଡୁଥିଲେ । ସେଠାରେ ଗାଧୋଉଥିବା ସବୁ ସ୍ତ୍ରୀ ଲୋକମାନଙ୍କୁ ଜଲଦି ବାହାରକୁ ବାହାରି ଆସିବା ପାଇଁ କହୁଥିଲେ ।

ଫେରିବାଲାର ସ୍ତ୍ରୀ ମଧ୍ୟ ଅଧା ଗାଧୋଇ ବାହାରକୁ ଚାଲିଆସିଲା ! "କଥା କ'ଣ" ? ସେ ଜାଣିବାକୁ ଚାହିଁଲା । ଗାଧୁଆ ଘରର ଜମାରେ ଥିବା ଲୋକ ଜଣକ ତାକୁ କହିଲେ ଯେ ସବୁଠାରୁ ବଡ ରାଜ ଜ୍ୟୋତିଷଙ୍କର ସ୍ତ୍ରୀ ଏବେ ଗାଧୋଇବା ପାଇଁ ଆସବେ । ଗାଧୁଆ ଘର ତେଣୁ ସଫା କରିବାର ବନ୍ଦୋବସ୍ତ କରାଯିବ ।

ଫେରିବାଲାର ସ୍ତ୍ରୀ ହତାଶ ହୋଇ ଘରକୁ ଫେରି ଆସିଲା । ରାତିରେ ନିଜ ସ୍ୱାମୀ ସହିତ କର୍କି କରି କହିଲା, "ତୁମେ କାହିଁକି ଜ୍ୟୋତିଷ ହେଉନାହଁ ? ଯାହାଦ୍ୱାରା ମୋତେ ମଧ୍ୟ ଲୋକେ ଖାତିରି କରିବେ" ।

"ମୁଁ ଜଣେ ଫେରିବାଲା । ମୁଁ ଭଲା ଜ୍ୟୋତିଷ କିପରି ହେବି ? ମୋତେ ସେ ବିଦ୍ୟା ଜଣା ନାହିଁ" । ଫେରିବାଲା ନିଜ ସ୍ତ୍ରୀକୁ ଏକଥା କହିଲା ।

"ସେଥିରେ କଣ ଅଛି ! ତୁମେ ମଧ୍ୟ ଶିଖିନିଅ" ।

"ମୁଁ କିପରି ଶିଖି ପାରିବି ?" ଫେରିବାଲା ନିଜେ ଅକ୍ଷମ ବୋଲି କହିଲା ।

"ତା' ହେଲେ ତୁମେ ମୋତେ ଛାଡପତ୍ର ଦେଇଦିଅ" । ଫେରିବାଲାର ସ୍ତ୍ରୀ ଶେଷ ଧମକ ଦେଲା

ବିଚରା ଫେରିବାଲା ଏବେ କ'ଣ କରିବ ? କିଛି ଭାବି ପାରିଲାନି । ଶେଷରେ ସେ ଖୁବ୍ ବ୍ୟସ୍ତ ହୋଇ ଘରୁ ବାହାରି ପଡିଲା । ବଜାରକୁ ଯାଇ ଗୋଟିଏ ସତରଞ୍ଜି, ଗୋଟିଏ ଚାଦର ଓ କିଛି କାଗଜପତ୍ର କିଣିଲା । ଏ ସବୁ ଯୋଗାଡ଼ କଲା ପରେ ସେ ରାସ୍ତା କଡରେ ବସିବା ପାଇଁ ଗୋଟିଏ ଜାଗା ବାଛିଲା ।

ସର୍ବ ସାଧାରଣ ଗାଧୁଆ ଘର ସାମନା ରାସ୍ତା କଡରେ ଗୋଟିଏ ଗଛ ତଳେ ସତରଞ୍ଜି ପକାଇ ସେ ଜ୍ୟୋତିଷ ସାଜି ବସି ପଡିଲା କିନ୍ତୁ ଜ୍ୟୋତିଷ ବିଦ୍ୟା ତାକୁ ଜଣା ନାହିଁ । କାଳେ ତାର ସ୍ତ୍ରୀ ତାକୁ ଛାଡପତ୍ର ଦେଇ ଦେବ ସେହି ଭୟରେ ବିଚରା ଜ୍ୟୋତିଷ ହୋଇ ବସି ରହିଲା ।

ସେତିକିବେଳେ ସେ ରାଜ୍ୟର ରାଜକୁମାରୀ ଗାଧୋଇବାକୁ ଆସିଲେ । ଗାଧୋଇବା ବେଳେ ରାଜକୁମାରୀ ନିଜର ଗୋଟିଏ ଦାମିକା ମୁଦିକୁ ଯତ୍ନରେ ରଖିବା ପାଇଁ ଜଣେ ଦାସୀକୁ ଦେଲେ । ସେତେବେଳେ ବିଚରା ଦାସୀ ଭାବଲା, ହୁଏତ ମୁଦିଟି ହାତରୁ କେଉଁଠି ଖସିଯାଇ ପାରେ ।

ତେଣୁ ସେ ଗାଧୁଆ ଘରର ବାହାର କାନ୍ଥରେ ଥିବା ଗୋଟିଏ କଣାରେ ମୁଦିଟି ରଖି ଦେଲା । ସେହି ସ୍ଥାନକୁ ଚିହ୍ନିବା ପାଇଁ ମୁଦିସହିତ ମୁଣ୍ଡ ବାଳଟିଏ ରଖିଲା । ସମୟ ପଡିଲେ ଯେମିତିକି ତାକୁ ଖୋଜିବାକୁ ଅସୁବିଧା ହେବ

Digitized by PPRACHIN, SOA

ତାପରେ କିଛି କାମରେ ଏଣେ ତେଣେ ବ୍ୟସ୍ତ ରହିଲ । ଏହି ସମୟ ଭିତରେ ରାଜକୁମାରୀ ତାଙ୍କ ଗାଧୁଆ ଶେଷ କରି ଦାସୀକୁ ମୁଦିଟି ଆଣିବାକୁ କହିଲେ

ଦାସୀଟି ବିଚ୍ଚରି ବହୁତ ସରଳ ଥିଲ । କେଉଁଠି ମୁଦିଟି ରଖିଥିଲ ସେତେବେଳକୁ ସେ ଭୁଲି ଯାଇଛି । ଯଦିଓ ରାଜକୁମାରୀଙ୍କ ପାଖରେ ଆହୁରି ଅନେକ ମୁଦି ଥିଲ, ତଥାପି ସେହିମୁଦିଟି ସବୁଠାରୁ ମୂଲ୍ୟବାନ । ତାହା ହଜିବା ମାନେ ଦାସୀଟି ମୃତ୍ୟୁଦଣ୍ଡ ଭୋଗିପାରେ । ଏଣୁ ଦାସୀଟି ଖୁବ୍ ବ୍ୟସ୍ତ ହୋଇ ପଡ଼ିଲ । ଏବଂ ମୁଦିଟିକୁ ଖୋଜି ଖୋଜି ବାହାରକୁ ଆସିଲ ।

ସେତେବେଳେ ସେହି ଦାସୀଟି ଦେଖିଲ ଯେ ବାହାରେ ଜଣେ ଜ୍ୟୋତିଷ ବସିଛନ୍ତି । ବଡ ଆଶା ନେଇ ତାଙ୍କ ପାଖକୁ ଗଲ ଏବଂ କହିଲ "ଜ୍ୟୋତିଷ ମହାରାଜ ! ରାଜକୁମାରୀଙ୍କ ମୁଦିଟି ମୁଁ ହଜାଇ ଦେଇଛି । ସେଇଟି କେଉଁଠି ଅଛି ଯଦି ଆପଣ କହି ଦେଇ ପାରିବେ ତେବେ ମୋ ଜୀବନ ରକ୍ଷା ହେବ "।

ଫେରିବାଲ ଜ୍ୟୋତିଷ ଏବେ ବଡ ଚିନ୍ତାରେ ପଡିଲ କଅଣ କରିବ କିଛି ଭାବି ପାରିଲ ନାହିଁ । କି ଉତ୍ତର ଦେବ ? ତାକୁ ଏପରି ଅସୁବିଧାରେ ପକାଇଥିବାରୁ ମନେ ମନେ ସେ ନିଜ ସ୍ତ୍ରୀ ଉପରେ ବିରକ୍ତ ହେଲ । ତାପରେ ସେ ଦାସୀ ଆଡକୁ ଚାହିଁ ଦେଖିଲ ଯେ ତାର ବୁର୍ଖା କାନ୍ଧ ପାଖରେ ସାମାନ୍ୟ କଟା ଅଛି ସେହି କଟା ବାଟ ଦେଇ ତାର ସୁନ୍ଦର ବାଳ ବାହାରକୁ ଦେଖା ଯାଉଛି

ପାଗଳଙ୍କ ପରି ଉପରକୁ ଚାହିଁ ସେ କହିଲ, "ମୋତେ ଗୋଟିଏ କଣା ଦେଖାଯାଉଛି । ତା' ବ୍ୟତୀତ ମୋତେ ଆଉ କିଛି ଜଣାନାହିଁ" ।

Digitized by PPRACHIN, SOA

ଦାସୀଟି ଏତିକି କଥା ଶୁଣିଛି କି ନାହିଁ ମୁଦି କେଉଁଠି ରଖିଛି ତାର ମନେ ପଡ଼ିଗଲା । ସେଠାରୁ ସେ ଗଲିଆସି କାନ୍ଥ କଣାରୁ ମୁଦିଟିକୁ ବାହାର କରି ରାଜକୁମାରୀଙ୍କୁ ଦେଲା ଓ ଜ୍ୟୋତିଷଙ୍କର ବହୁତ ପ୍ରଶଂସା କଲା ।

ରାଜକୁମାରୀ ମଧ୍ୟ ନିଜ ରାଜାଙ୍କୁ ଜ୍ୟୋତିଷଙ୍କ ବିଷୟରେ କହିବାରୁ ରାଜା ବି ବହୁତ ଖୁସି ହେଲେ । ସେ ଜ୍ୟୋତିଷଙ୍କୁ ବହୁତ ପୁରସ୍କାର ଦେଲେ ଓ ନିଜ ଦରବାରରେ ସାଧାରଣ ଜ୍ୟୋତିଷ ପଦରେ ରଖିଲେ ।

ଏବେ ଫେରିବାଲାର ସ୍ତ୍ରୀ ବହୁତ ଖୁସି ହେଲେ । କିନ୍ତୁ ଏଣେ ବିଚରା ଫେରିବାଲା ବହୁତ ଚିନ୍ତିତ । ତାର ମନେ ହେଉଥିଲା ଯେ ଯେଉଁଦିନ ଅସଲ କଥା ଜଣା ପଡ଼ିବ ସେ ନିଶ୍ଚୟ ମୃତ୍ୟୁଦଣ୍ଡ ପାଇବ ।

ତାପରେ ଦିନେ ରାଜମହଲରେ ଚୋରମାନେ ପଶି ଚୋରୀ କଲେ । ବହୁତ ମୂଲ୍ୟବାନ ଜିନିଷ ସେମାନେ ନେଇଗଲେ । କେହି ଧରା ପଡିଲେନ ।

ଏଣୁ ରାଜା ଜ୍ୟୋତିଷଙ୍କୁ ଡକାଇ କହିଲେ, "ଯଦି ଚାଳିଶ ଦିନ ଭିତରେ ଚୋର ଧରା ନ ପଡେ ତେବେ ତୁମକୁ ମୃତ୍ୟୁଦଣ୍ଡ ମିଳିବ" । ଫେରିବାଲା ଯାଇ ନିଜ ସ୍ତ୍ରୀକୁ ସବୁକଥା କହିଲା । "ଯେଉଁଦିନ ଠିକ୍ ଚାଳିଶ ଦିନ ପୂରିବ, ଆମେ ଏହି ସହର ଛାଡି ପଳାଇଯିବା" । ଏକଥା ମଧ୍ୟ ସେ ସ୍ତ୍ରୀକୁ କହିଲା । ତାପରେ ସେ ଗୋଟିଏ ହାଣ୍ଡିରେ ଚାଳିଶଟି ଖଜୁରକୋଳି ଆଣି ରଖିଲା । ଏବଂ ସ୍ତ୍ରୀକୁ କହିଲା ଦେଖ୍ ପ୍ରତିଦିନ ମୋତେ ରାତିରେ ଏଥିରୁ ଗୋଟିଏ ଗୋଟିଏ ଖଜୁରକୋଳି ଦେବୁ । ଯେଉଁଦିନ ହାଣ୍ଡିରୁ ସବୁ ସରିଯିବ ଜାଣିବୁ ଯେ ଚାଳିଶଦିନ ପୁରିଗଲା । ଆଉ ସେଇଦିନ ଆମେ ଏଠାରୁ ପଳେଇବା" ।

ରାଜମହଲରୁ ଜିନିଷ ଚୋରୀ କରିଥିବା ଚୋରଙ୍କ ସଂଖ୍ୟା ବି କମ୍ ନ ଥିଲା । ସେମାନେ ମଧ୍ୟ ଚାଳିଶ ଥିଲେ । ଚୋର ଧରିବା ପାଇଁ ରାଜା ଜ୍ୟୋତିଷଙ୍କୁ କହିଛନ୍ତି ବୋଲି ସେମାନେ ମଧ୍ୟ ଜାଣିଲେ । ଏଣୁ ସେମାନେ ଠିକ୍ କଲେ ଯେ ତାଙ୍କ ଭିତରୁ ଜଣେ ରାତିରେ ଜ୍ୟୋତିଷଙ୍କ ଘରକୁ ଯାଇ ଖବର ନେବ ଯେ ଜ୍ୟୋତିଷ ସେମାନଙ୍କୁ ଧରିବା ପାଇଁ କଅଣ କରୁଛନ୍ତି ? ସେମାନେ ସେଇଆ କଲେ । ପ୍ରଥମେ ଚୋରଙ୍କ ଭିତରୁ ଜଣେ ଜ୍ୟୋତିଷଙ୍କ ଘରକୁ ଯାଇ କାନ ପାରିଲା ।

ରାତିରେ ଯେତେବେଳେ ଜ୍ୟୋତିଷଙ୍କ ସ୍ତ୍ରୀ ହାଣ୍ଡିରୁ ଗୋଟିଏ ଖଜୁର କୋଳି ଆଣି ତାଙ୍କୁ ଦେଲେ ସେତେବେଳେ ଜ୍ୟୋତିଷ ମନ ଦୁଃଖରେ ପଚାରିଲେ, "ଏହା ଚାଳିଶଟି ଭିତରୁ ପ୍ରଥମଟି ନା ? " "ହଁ" -ତାଙ୍କ ସ୍ତ୍ରୀ କହିଲେ ।

ଚୋରଟି ଭାବିଲା ଯେ ଜ୍ୟୋତିଷ ତା ଆସିବା ବିଷୟରେ ଜାଣିପାରିଛନ୍ତି ବୋଲି ଏଇ ପ୍ରଥମ ବୋଲି କହୁଛନ୍ତି । ସେ ଦୌଡ଼ି ଦୌଡ଼ି ନିଜଦଳର ସର୍ଦ୍ଦାରଙ୍କ ପାଖରେ ପହଂଚି କହିଲା, "ଜ୍ୟୋତିଷ ବହୁତ ଜ୍ଞାନୀ ଅଟନ୍ତି । ସେ ମୋର ସେଠାକୁ ଯିବାକଥା ମଧ୍ୟ ଜାଣି ପାରିଛନ୍ତି " ।

ଚୋରଙ୍କ ସର୍ଦ୍ଦାର ଦ୍ୱିତୀୟ ଦିନ ଆଉ ଗୋଟିଏ ଚୋରକୁ ପଠାଇଲା । ଜ୍ୟୋତିଷଙ୍କ ସ୍ତ୍ରୀ ଦ୍ୱିତୀୟ ଦିନ ଆଉ ଗୋଟିଏ ଖଜୁର କୋଳି ତାଙ୍କୁ ଆଣି ଦେଲେ । ସେତିକି ବେଳେ ଦ୍ୱିତୀୟ ଚୋରଟି କାନପାରି ଶୁଣୁଥାଏ । ଜ୍ୟୋତିଷ କହୁଥିଲେ, "ତା' ହେଲେ ଆଜି ଏଇଟି ଦ୍ୱିତୀୟ ନାଁ ? "

ଏହିପରି ପ୍ରତିଦିନ ଗୋଟିଏ ଲେଖାଏଁ ଚୋର ଆସୁଥିଲେ । ଶେଷରେ ଚାଳିଶ ଦିନ ପୂରିବା ଦିନ ଚୋରମାନଙ୍କ ସର୍ଦ୍ଦାର ନିଜେ ଆସିଲା । ସେଦିନ ଜ୍ୟୋତିଷଙ୍କ ସ୍ତ୍ରୀ ଶେଷ ଖଜୁର କୋଳିଟି ଆଣିଲେ ଏବଂ କହିଲେ "ଆଜି ଏଇଟି ସବୁଠାରୁ ବଡ" କାରଣ ସେ ଶେଷ ଦିନଟି ଜାଣିବା ପାଇଁ ଗୋଟିଏ ବଡ଼ ଖଜୁର କୋଳି ରଖିଥିଲେ ।

Digitized by PPRACHIN, SOA

ଠିକ୍ ଏତିକିବେଳେ ଚୋରଙ୍କ ସର୍ଦ୍ଦାର ବୁଝିଲା ଯେ ଆଉ ଖସିବାର ରାସ୍ତା ନାହିଁ । ଜ୍ୟୋତିଷ ସବୁକିଛିଜାଣି ପାରୁଛନ୍ତି । ତେଣୁ ସେ ଜ୍ୟୋତିଷଙ୍କ ପାଖକୁ ଯାଇ ମୁଣ୍ଡକୁ ତଳକୁ କରି କହିଲା, "ଆଜ୍ଞା ଆମକୁ କ୍ଷମା କରନ୍ତୁ । ଆଉ ଭବିଷ୍ୟତରେ ଆମେ ଚୋରୀ କରିବୁ ନାହିଁ । ଚୋରୀ ହୋଇଥିବା ସବୁ ଜିନିଷ ଆମେ ଆପଣଙ୍କ ଘରେ ଛାଡ଼ି ଦେଇ ଯାଉଛୁ ।" ଏସବୁ ଦେଖି ଜ୍ୟୋତିଷ ଖୁବ୍ ଆଶ୍ଚର୍ଯ୍ୟ ହେଲେ ମଧ୍ୟ ଗମ୍ଭୀର ହୋଇ ରହିଲେ ଏବଂ ଚୋରୀ ଯାଇଥିବା ସବୁ ଜିନିଷତକ ସେ ରାଜମହଲକୁ ପଠାଇ ଦେଲେ । ରାଜା ଏଥର ମଧ୍ୟ ତାଙ୍କୁ ବହୁତ ପୁରସ୍କାର ଦେଲେ ।

ଆଉ ଦିନକର କଥା । ରାଜା ଥରେ ଶୀକାର କରିବାକୁ ଗଲେ । ସେଠାରେ ସେ ଘାସ ଉପରେ ବସିଥିବା ଗୋଟିଏ ପୋକକୁ ଧରିବାକୁ ଚେଷ୍ଟା କଲେ । ପ୍ରଥମ ଥର ଧରିପାରିଲେ ନାହିଁ । ଦ୍ୱିତୀୟ ଥର ମଧ୍ୟ ପୋକଟି ପଳାଇଲା । ତୃତୀୟ ଥର ସେ ପୋକଟିକୁ ନିଜ ହାତ ମୁଠାରେ ଧରି-ନେଲେ । ସେତେବେଳେ ରାଜାଙ୍କୁ ହସ ଲାଗିଲା ।

ଜ୍ୟୋତିଷଙ୍କୁ ଡକାଇ ପଚାରିଲେ ମୋ ହାତ ମୁଠାରେ କଅଣ ଅଛି । ଏବେ ଜ୍ୟୋତିଷ ବିଚାର ପୁଣି ସଙ୍କଟରେ ପଡ଼ିଲା । ବ୍ୟତିବ୍ୟସ୍ତ ହୋଇ ସେ ରାଜାଙ୍କ ହାତ ମୁଠାକୁ ଚାହିଁ ରହିଲା ଏବଂ ଧୀରେ ଧୀରେ ଗୁଣୁ ଗୁଣୁ ହୋଇ କହିଲା "ପ୍ରଥମ ଥର ଖସିଗଲା । ଦ୍ୱିତୀୟ ଥର ଭାଗ୍ୟ ଭଲଥିଲା । କିନ୍ତୁ ଏଥର ରାଜାଙ୍କ ହାତରୁ ଖସି ଯିବା ସହଜ କଥା ନୁହେଁ ।"

ଏକଥା ଶୁଣୁ ଶୁଣୁ ରାଜା ଖୁସିରେ ନାଚି ଉଠିଲେ । ତାପରେ ଜ୍ୟୋତିଷଙ୍କୁ ବହୁତ ପୁରସ୍କାର ମିଳିଲା । କିନ୍ତୁ ଫେରିବାଲା ଜ୍ୟୋତିଷ ସେତେବେଳେ ଭାବୁଥିଲା ଯେ ବର୍ତ୍ତମାନ ଆଉ ଖସିବାର କୌଣସି ଆଶା ନାହିଁ । ତେଣୁ ସେ ମନକୁ ମନ କହିଲା, ଯାହା ହେବାର ହେଲାଣି । ଏଥର ମୁଣ୍ଡ ଖରାପ ହେବାର ବାହାନା କରିବା ଯାହା ଦ୍ୱାରାକି ଏ ସଙ୍କଟରୁ ମୁକ୍ତି ମିଳିବ ।

ଦିନେ ଜ୍ୟୋତିଷ ଗାଧୋଉଥିବା ବେଳେ ଭାବିଲେ ଏହି ସମୟ ହିଁ ଉପଯୁକ୍ତ । ଲୁଗା ନ ପିନ୍ଧି ସେ ଗାଧୁଆଘରୁ ସିଧା ଦଉଡ଼ି ଦଉଡ଼ି ରାଜଦରବାରରେ ପହଞ୍ଚିଲେ । ରାଜାଙ୍କୁ କୁଣ୍ଢାଇ ଧରି ତାଙ୍କୁ ଉଠାଇ ବାହାରକୁ ନେଇଆସିଲେ । ସେ ଭାବୁଥିଲେ ଯେ ଏପରି କଲେ ତାଙ୍କୁ ନିଶ୍ଚିତ ଭାବେ ପାଗଳ ବୋଲି ସମସ୍ତେ ଜାଣିବେ ଓ ତାଙ୍କୁ ପାଗଳ ଘୋଷଣା କରାଯିବ । କିନ୍ତୁ ସେମିତି କିଛି ହେଲା ନାହିଁ ।

Digitized by PPRACHIN, SOA

ଯେମିତି ଜ୍ୟୋତିଷ ରାଜାଙ୍କୁ ହାତରେ ଉଠାଇ ବାହାରକୁ ଆଣିଛନ୍ତି, ଦରବାରର ଛାତଟି ହଠାତ୍ ଖସି ପଡ଼ିଲା । ଫଳରେ ତଳେ ବସିଥିବା ବହୁତ ଲୋକ ଚୁପିହୋଇ ମରିଗଲେ । କିନ୍ତୁ ରାଜା ବଞ୍ଚିଗଲେ ।

ରାଜାଙ୍କ ପ୍ରାଣ ଜ୍ୟୋତିଷ ଯୋଗୁ ବଞ୍ଚିଗଲା । ସମସ୍ତେ ଜାଣିଲେ ଯେ ଜ୍ୟୋତିଷ ବିଚରା ଆଗରୁ ଜାଣି ଗାଧୁଆ ଘରୁ ଲୁଗା ନ ପିନ୍ଧି ଦଉଡ଼ି ଦଉଡ଼ି ସିଧା ରାଜାଙ୍କୁ ବଞ୍ଚାଇବା ପାଇଁ ଦରବାରକୁ ଚାଲି ଆସିଛନ୍ତି ।

ଏପରି ପ୍ରଭୁଭକ୍ତ ଆଜିକାଲି ଦୁନିଆଁରେ କେଉଁଠୁ ମିଳିବ ? ତା' ପରେ ରାଜା ତାଙ୍କୁ ନିଜ ଦରବାରରେ ସବୁଠାରୁ ବଡ ଜ୍ୟୋତିଷ ବୋଲି ଘୋଷଣା କଲେ । ଏକଥା ଶୁଣି ତାଙ୍କ ସ୍ତ୍ରୀ ଖୁସିରେ ଫୁଲି ଉଠିଲେ । ତା'ପରେ ସେ ଗାଧୋଇବା ପାଇଁ ସର୍ବସାଧାରଣ ଗାଧୁଆ ଘରକୁ ଗଲେ । ଏବେ ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ବଡ ଜ୍ୟୋତିଷଙ୍କ ପତ୍ନୀଙ୍କୁ ଦିନେ ଯେଉଁ ସମ୍ମାନ ମିଳୁଥିଲା ଆଜି ତାଙ୍କୁ ମଧ୍ୟ ସେହି ସମ୍ମାନ ମିଳୁଛି ।

Digitized by PPRACHIN, SOA

ରୂପାର କୁହାଟ

(ମାଂଚୁରିଆ)

ଅନ୍ଧଟିଏ । ଆଖିକୁ ତାର ଦିଶେନା । ପୁରୁଣା ଛିଣ୍ଡା ଲୁଗାରେ ଦୁର୍ବଳ ଦେହକୁ ତାର ଘୋଡ଼େଇ ନଇଁ ନଇଁ ବାଟ ଚ଼ଲେ । ଥରୁଥିବା ହାତରେ ତାର ସୀତାରଟିକୁ ଧରି ଗଳିରୁ ଗଳିକୁ ସେ ବୁଲେ । ଗୀତ ଗାଏ । ସେତେବେଳେ ପିଲାଠାରୁ ବୁଢ଼ା ଯାଏ ସମସ୍ତେ ତାକୁ ଘେରି ଯାଆନ୍ତି । "ଅନ୍ଧ ଗାୟକ ଆସିଲା— ଅନ୍ଧ ଗାୟକ ଆସିଲା"—ସଭିଙ୍କର ଏହି ପାଟି ତୁଣ୍ଡରେ ସାରା ବସ୍ତିଟି କଂପିଉଠେ ।

ଅନ୍ଧ ସୀତାର ବଜାଇ, ଗୀତ ଗାଏ । ଲୋକମାନେ ବିହୋଳ ହୋଇ ଶୁଣନ୍ତି । ବେଳେବେଳେ ସେହି ଗୀତଗୁଡ଼ିକ ଏତେ ମର୍ମସ୍ପର୍ଶୀ ହୋଇଥାଏ ଯେ ଶୁଣିବା ଲୋକର ଆଖିରେ ଲୁହ ଆସିଯାଏ ।

ଅନ୍ଧର ଗୀତ ଶୁଣି ଲୋକମାନେ ତାକୁ ପଇସା ଦିଅନ୍ତି । ଅନ୍ଧଟି ସେହିସବୁ ପଇସାକୁ ଗରିବ ଅସହାୟ ଲୋକଙ୍କୁ ବାଣ୍ଟିଦିଏ ଓ ଯାହାକିଛି ବଳିଯାଏ ତାକୁ ସେ ଗୋଟିଏ ନମ୍ମା ମୁଣିରେ ମୁରାଇ ଛାତି ଭିତରେ ଲୁଚାଇ ରଖେ—କାରଣ, କାଳେ କିଏ ଚୋରି କରି ନେଇଯିବ ।

ଅନ୍ଧଟିର ଘରଦ୍ୱାର କିଛି ନଥିଲା । ଯେଉଁଠି ରାତି ହୋଇଯାଏ ସେଠାରେ ସେ ଶୋଇପଡେ । ଯେଉଁ ଆଡକୁ ରାସ୍ତା ଥାଏ ସେ ସେଇ ଆଡକୁ ଯାଏ । ଘାସ ପଡିଆ ଭିତରେ ବୁଲେ । ଲୋକମାନେ କହନ୍ତି ଯେ ସେ ଜଣେ ଭିକାରୀ । କେହି କେହି ଭଲ ଗାୟକ ବୋଲି ତାଙ୍କୁ କହନ୍ତି । ଏବଂ ଗାଁର କେତେକ ତାକୁ ପୁରା ପାଗଳଟିଏ ବୋଲି କହନ୍ତି ।

ଥରେ ଗୋଟିଏ ଗାଁରେ ସେ ଗୀତ ଗାଉଥିଲା । ବହୁତ ଲୋକ ତାକୁ ଚାରିଆଡୁ ଘେରି ତାର ଗୀତ ଶୁଣୁଥିଲେ । ସେମାନଙ୍କର ଭିତରେ ଜଣେ ଧୋବଧଉଳିଆ ଲୋକ ଅନ୍ଧ ଗାୟକଙ୍କୁ ଲାଗିକରି ଛିଡ଼ା ହୋଇ ଗୀତ ଶୁଣୁଥିଲେ । ଗୀତ ଶେଷ ହୋଇଯିବାରୁ ଲୋକମାନେ ଯିବାକୁ ବାହାରିଲେ । ସେତିକି-ବେଳେ ସୁବିଧା ପାଇ ସେହି ଅଜଣା ଲୋକଟି ଅନ୍ଧଠାରୁ ଜବରଦସ୍ତ ରୂପା ଟଙ୍କା ଥିବା ମୁଣିଟିକୁ ଛଡାଇ ନେଲା । ସେତେବେଳେ ଅନ୍ଧ ଗାୟକ ବିଚରା ଚିତ୍କାର କରି ଉଠିଲା, "ଆରେ ଲୁଟି ନେଇଗଲା । ଦିନ ଦିପହରେ ମୋଠାରୁ ଲୁଟିନେଲା" । ଅନ୍ଧର ଚିତ୍କାର ଶୁଣି ଚାରିଆଡୁ ଲୋକମାନେ ଦଉଡ଼ି ଆସିଲେ ଏବଂ ସେହି ଅଜଣା ଲୋକଟିକୁ ଧରି ଗାଳି ଗୁଲଜ ଦେଲେ । "ଅନ୍ଧ ଭିକାରୀଠାରୁ ଲୁଟିକରି ନେଲାବେଳେ ତୁମକୁ ଲାଜ ଲାଗିଲାନି ? ତୁମେ ମଣିଷ ନୁହେଁ, ପଶୁ, ରାକ୍ଷସ"। ଲୋକମାନଙ୍କ ଗାଳି ଗୁଲଜ ଶୁଣି ଅଜଣା ଲୋକଟି କଡା ଭାବରେ କହିଲା, "ତୁମମାନଙ୍କ ମୁଣ୍ଡ ଖରାପ ହୋଇ ଯାଇଛି, ଏହି ମୁଣିଟି ମୋର । ଏଇ ଭିକାରୀ ଠାରେ କେଉଁଠୁ ପଇସା ଆସିଲା ? ଯଦି ତା ପାଖରେ ପଇସା ଥାଆନ୍ତା ତେବେ ସେ କାହିଁକି ଭିକ ମାଗନ୍ତା ? "

ଅଜଣା ଲୋକଟିର ଏପରି କଥା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ଯେତେବେଳେ ସେ ଟଙ୍କା ମୁଣିଟିକୁ ଫେରାଇ ଦେଲାନି ସେତେବେଳେ ଲୋକମାନେ ତାକୁ ଧରି ଅଦାଲତକୁ ନେଇଗଲେ ଅଦାଲତର ବିଚାରପତି ସହାନୁଭୂତି ଦେଖାଇ ଅନ୍ଧ ଭିକାରୀକୁ ବସାଇଲେ ଓ ରାଗରେ ଅଜଣା ଲୋକ ଆଡକୁ ଦେଖି କହିଲେ—"ତୁମେ ଦିନ ଦିପହରେ ଏହି ଅନ୍ଧ ଭିକାରୀ ଠାରୁ ପଇସା ଲୁଟିକରି ନେଉଥିଲ ? ଜାଣିଛ ଏ ବଡ ଅନ୍ୟାୟ । ତୁମର ଏତେ ସାହାସ ? "

Digitized by PPRACHIN, SOA

ତାଙ୍କ କଥାରେ ଅଜଣା ଲୋକ ଉପରେ କିଛି ପ୍ରଭାବ ପଡ଼ିଲା ନାହିଁ । ଯେମିତିକି ସେ କିଛି ଜାଣେନା ? ଏବଂ ତା'ପରେ ସେ ହଠାତ୍ ଛିଡାହୋଇ ଗମ୍ଭୀର ଭାବେ କହିଲା "ଆପଣ ଜାଣନ୍ତି, କାହା ସହିତ କଥାବାର୍ତ୍ତା ଆପଣ କରୁଛନ୍ତି ? ମୁଁ କେତେବଡ ପରିବାରରଲୋକ ? ମୋର ପୂର୍ବପୁରୁଷ କେତେ ବଡ ଲୋକ ଥିଲେ ? ମୁଁ ପୁଣି ଚୋରୀ କରିବି ? ଅନ୍ଧ ଭିକାରୀକୁ ଲୁଟିବି ? "

"ମହାଶୟ, ଆପଣଙ୍କ ଭଳି ଲୋକଙ୍କୁ ମୁଁ ମୁହୂର୍ତ୍ତକ ମଧ୍ୟରେ ଉଡାଇ ଦେଇ ପାରିବି । ମୋର ପରିବାରର ରାଜକୁମାର ଓ ରାଜଦରବାର ସହିତ ସଂପର୍କ ଅଛି । ଏପରି କିଏ ଅଛି ଯିଏକି ମୋ ବାପାଙ୍କୁ ଜାଣେନାହିଁ ? ମାଛୁରିଆ ନୁହେଁ, ସାତ ସମୁଦ୍ର ପାରିର ଲୋକମାନେ ମଧ୍ୟ ତାଙ୍କ ନା ଜାଣିଛନ୍ତି । ଆପଣ ତାଙ୍କୁ ଚିହ୍ନନ୍ତି ? ବୃଦ୍ଧ ଅଟନ୍ତି—ଅଣ୍ଟା ତାଙ୍କର ନଇଁ ପଡ଼ିଛି । "

"ତାଙ୍କ ନାଆଁ କଅଣ ?" ଜଜ୍ ପଚାରିଲେ । "କୁହାଯିବ । ମାତ୍ର ବର୍ତ୍ତମାନ ନୁହେଁ " ଏସବୁ ଶୁଣି ଜଜ୍ ଚିନ୍ତିତ ହେଲେ । କଥାର ରହସ୍ୟ କିଛି ବୁଝି ପାରିଲେ ନାହିଁ । ତେଣୁ ମକଦ୍ଦମାକୁ ପରଦିନ ପାଇଁ ସ୍ଥଗିତ ରଖିଲେ ।

ସେଦିନ ରାତିରେ ଅଜଣା ଲୋକଟିକୁ ଜେଲ୍‌ରେ ରଖାଗଲା । ରାତିରେ କେହି ନଥିବା ବେଳେ ଜଜ୍ ସେହି ଲୋକଟି ପାଖକୁ ଗଲେ । ତା' ପରେ ମୁଣିରେ ଥିବା ରୂପା ଟଙ୍କାକୁ ବାଣ୍ଟି ଦିଆଗଲା । ଏକଥା ଆଉ କେହି ଦେଖିଲେ ନାହିଁ—ଜାଣିଲେ ନାହିଁ ମଧ୍ୟ ।

ତା' ପର ଦିନ ପୁଣି ଅଦାଲତ ବସିଲା । ଏଥର ଜଜ୍ ବହୁତ ବଦଳି ଯାଇଥିଲେ । ବୁଢା ଭିକାରୀକୁ ରାଗିକରି କହିଲେ, "ବଦମାସ ବୁଢା, ଅନ୍ୟର ପଇସା ଦେଖି ଈର୍ଷା କରୁଛୁ ? ଧନୀ-ଗରିବ ତ ସବୁ ଭାଗ୍ୟ ନେଇ ହୁଅନ୍ତି । ପୁଣି ତୁ ଏପରି ଭଲ ଲୋକର ଟଙ୍କା ମୁଣିକୁ ହାତ କରିବାକୁ ବସିଛୁ । ଭାବୁଛୁ ଧନୀ ହୋଇଯିବୁ ? ତତେ ଏ ବୁଢା ବୟସରେ ଲାଜ ଲାଗୁନି ? "

Digitized by PPRACHIN, SOA

ବୁଢା ଆବାକ୍ ହୋଇଗଲା । ସେ କିଛି ବୁଝି ପାରିଲା ନାହିଁ । ନିଜ କାନ ଉପରେ ତାର ବିଶ୍ୱାସ ହେଲା ନାହିଁ । କଣ ଭାବୁ ଭାବୁ ସେ ହଠାତ୍ ତଳେ ପଡ଼ି ଶୋଇଗଲା । ଯେପରିକି କାନ ପାରି ସେ କିଛି ଶୁଣୁଛି । ଅନେକ ସମୟ ପର୍ଯ୍ୟନ୍ତ ହାତରେ ଚଟାଣକୁ ଅଣ୍ଡାଳିବାକୁ ଲାଗିଲା । ଏସବୁ ଦେଖି ଜଜ୍ କିଛି ବୁଝି ପାରିଲେ ନାହିଁ । ତାକୁ ପଚାରିଲେ "ଏ କଅଣ କରୁଛ ?" ଅନ୍ଧଟି କହିଲା, "ମହାଶୟ, ବର୍ତ୍ତମାନ ମୁଁ ଗୋଟିଏ ଶବ୍ଦ ଶୁଣିଥିଲି । ତାହା ରୂପା ଧାତୁର ଶବ୍ଦ ଭଳି ଥିଲା । କେଉଁଠୁ ଆସୁଥିଲା ସେ ଶବ୍ଦ ତାହା ଖୋଜୁଛି, କାଳେ କେଉଁଠାରେ କିଛି ରୂପା ଟଙ୍କା ମିଳିଯିବ ଓ ତାହା ମୁଁ ଆପଣଙ୍କୁ ଉପହାର ଦେବି । "କିଛି ସମୟ ରହି ପୁଣି କହିବାକୁ ଲାଗିଲା.... "ଅନ୍ଧ ମୁଁ । ଦେଖିପାରେନା । କିନ୍ତୁ କାନରେ ଶୁଣିପାରେ ସେହି ରୂପାର ଶବ୍ଦ ଏପର୍ଯ୍ୟନ୍ତ ମଧ୍ୟ ହେଉଛି । କଅଣ ଆପଣମାନଙ୍କ ମଧ୍ୟରୁ କେହି ଶୁଣି ପାରୁଛନ୍ତି ? ଗୁରୁଜନମାନେ କହିଛନ୍ତି ଯେ ଏହି ଶବ୍ଦ ଯୁଗ ଯୁଗ ଧରି ଶୁଣା ଯାଉଛି । ଆଉ ଭବିଷ୍ୟତରେ ମଧ୍ୟ ଶୁଣାଯିବ । ଯେଉଁଦିନ ପୃଥିବୀର ସବୁ ପଥର ତରଳି ପାଣି ଭଳି ବହିବାକୁ ଲାଗିବ ସେଦିନ୍ ଆଉ ଶୁଣାଯିବ ନାହିଁ କେବେହେଲେ ଶୁଣାଯିବ ନାହିଁ ଏକଥା କହି ଦୁଇ ହାତରେ ସେ ମୁଣ୍ଡକୁ ବାଡେଇ କାନ୍ଦିବାକୁ ଲାଗିଲା ଓ ତା'ପରେ ବେହୋସ ହୋଇଗଲା ।

ଯେତେବେଳେ ତାର ଚେତା ଆସିଲା, ସେ ନିଜକୁ ଉଚ୍ଚା ଉଚ୍ଚା କାନ୍ଥ ଥିବା କୋଠରୀ ଭିତରେ ବନ୍ଦ ହୋଇଥିବାର ଦେଖିଲା । ଲୁହା ଶିକୁଳିରେ ସେ ବନ୍ଧାହୋଇ ପଡ଼ିଥିଲା ।

ଏହି ଘଟଣା ଘଟିବାର ବର୍ଷ ନୁହେଁ ଅନେକ ଯୁଗ ବିତିଗଲାଣି । ଆଜି ସେ ଭିକାରୀ ନାହିଁ, ଜଜ୍ ନାହାନ୍ତି ବା ସେହି ବନ୍ଦୀଶାଳା ନାହିଁ । କେବଳ କେତେକ ପାହାଡର ଭଙ୍ଗା ଅଂଶ ପଡ଼ି ରହିଛି, ଯେଉଁଥିରୁ କି ଅମାବାସ୍ୟାର ଅନ୍ଧାର ରାତିରେ କେବେ କେବେ ଏକ ଶବ୍ଦ ଶୁଣାଯାଏ । "ପଥର ତରଳିବ.......ରୂପାର ଶବ୍ଦ ଆଉ ଶୁଣାଯିବ ନାହିଁ ....ଶୁଣାଯିବ ନାହିଁ କେବେହେଲେ ବି ଶୁଣାଯିବ ନାହିଁ ।"

ଲୋକମାନେ ସେହି ରାସ୍ତାରେ ଏକୁଟିଆ ରାତିରେ ଯାଆନ୍ତି ନାହିଁ । ଡରନ୍ତି । କୁହନ୍ତି ଭୂତ ଏପରି କହୁଛି ।

Digitized by PPRACHIN, SOA

ସ୍ୱର୍ଗର ମଣିଷ

(ଯୁଗୋସ୍ଲାଭିଆ)

ସେଦିନ ବହୁତ ଗରମ ପଡ଼ିଥାଏ । ସତେ ଯେମିତ ନିଆଁ ବରଷୁଛି । ଏପରି ଉଦୁଉଦିଆ ଦ୍ୱିପ୍ରହରରେ ଜଣେ ତୁର୍କୀ ଚାଷୀ ଓ ତାର ସ୍ତ୍ରୀ ସେ ପର୍ଯ୍ୟନ୍ତ ନିଜ ମକା କ୍ଷେତରେ କାମ କରୁଥିଲେ ।

"ଏବେ ତ ବହୁତ ବେଳ ହୋଇଗଲାଣି," ଝାଳ ପୋଛୁ ପୋଛୁ ତୁର୍କୀ ନିଜ ସ୍ତ୍ରୀ ଆଡ଼କୁ ଚାହିଁ କହିଲା ସ୍ତ୍ରୀର ଚେହେରା ଗରମରେ ଲାଲ ହୋଇ ଯାଇଥାଏ । "ତୁମେ ଏବେ ଯାଇ କୁଡ଼ିଆରେ ଆରାମ କର, ଆଉ ମୁଁ ଯାଇ ଘୋଡ଼ାକୁ ପାଣି ପିଆଇ ଆଣିବି । ପୁଣି ଖାଇବା ପିଇବାର ବନ୍ଦୋବସ୍ତ କରିବା" । ଏକଥା କହି ଚାଷୀଟି ନିଜର କୋଦାଳଟିକୁ ହିଡ଼ ଉପରେ ରଖିଦେଇ ପାଖ ଗଛରେ ବନ୍ଧା ହୋଇଥିବା ଘୋଡ଼ା ପାଖକୁ ଗଲା ।

ତୁର୍କୀର ସ୍ତ୍ରୀ ମଧ୍ୟ ହସି ହସି ଦାଆଟିକୁ ତଳେ ରଖି ଦେଇ ଗହଳ ଗଛ ଛାଇରେ ଥିବା କୁଡ଼ିଆ ଭିତରେ ମଶିଣା ପକାଇ ଶୋଇ ପଡ଼ିଲା ଓ ରୁମାଲରେ ବିଂଚି ହେବାକୁ ଲାଗିଲା । ଠିକ୍ ସେତିକିବେଳେ ବାହାରୁ କେହି ଆସୁଥିବାର ଶବ୍ଦରେ ସେ ଚମକି ଉଠିଲା । ଲୁଗାପଟା ଠିକ୍ କରିନେଇ ସେ ପଚାରିଲା, " କିଏ ? କିଏ ?"

"ମୁଁ ଜଣେ ବାଟୋଇ " ଅଜଣା ଲୋକଟି ଉତ୍ତର ଦେଲା । "ବହୁତ ଶୋଷ ଲାଗୁଛି । ମୁନ୍ଦାଏ ପାଣି ଦେଇ ପାରିବ ?"

ତୁର୍କୀ ସ୍ତ୍ରୀଟି 'ପାଣିରେ ପୂରିଥିବା ମାଠିଆଟିଏ ତା'ପାଖରେ ଆଣି ରଖିଲା ଏବଂ ତାକୁ ପଚାରିଲା "କେଉଁଠୁ ଆସିଛ ?" " ମୁଁ............ମୁଁ..........ଦୂରରୁ—ବହୁତ—ଦୂରରୁ........ ।"ସେ ଢକ, ଢ଼କ କରି ପାଣି ପିଇ ଏକଥା କହିଲା, "ମୁଁ ସେପୁରରୁ ଆସିଛି ।"

" କଅଣ କହିଲ ? ସେପୁରରୁ ଅର୍ଥାତ୍ ସ୍ୱର୍ଗରୁ ? "ଆଶ୍ଚର୍ଯ୍ୟ ହେଲେ । ତୁର୍କୀ ସ୍ତ୍ରୀ ଦେଖିଲା ଅଜଣା ଲୋକର ନୂଆ ରକମର ସର୍ବିୟାର ପର୍ବତାଞ୍ଚଳୀମାନଙ୍କ ପୋଷାକ ସହ ବହୁତ ମିଳି ଯାଉଥିଲା ।

"ହଁ, ହଁ । ଏଥିରେ ଆଶ୍ଚର୍ଯ୍ୟ ହେବାର କଅଣ ଅଛି ?" ବଡ଼ ବେପରୁଆ ଭାବରେ ବାଟୋଇଟି ଉତ୍ତର ଦେଲା । ଯେପରିକି ଏହା ଏକ ସାଧାରଣ ନିତିଦିନିଆ ଘଟଣା ।

"ତା'ହେଲେ ଆପଣ ଗୋଟିଏ କଥା କହି ପାରିବେ ?" କିଛି ଭାବି କରି ତୁର୍କୀ ସ୍ତ୍ରୀ କହିଲା "ତୁମେ କେବେ ସ୍ୱର୍ଗରେ ମିଜୋକୁ ଦେଖିଛ ? ମୋ ପ୍ରଥମ ସ୍ୱାମୀ । ସେ ଏବେ କିଛି ମାସ ତଳେ ସେପୁରକୁ ଚାଲି ଯାଇଛି । ତା'ପରେ ମୁଁ ଏହି ଦ୍ୱିତୀୟ ବିବାହ କରିଛି ।"

"ମିଜୋ ? ମିଜୋ ତୁମର ପୂର୍ବ ସ୍ୱାମୀ" କୌତୁହଳରେ ଅଜଣା ଲୋକଟି ପଚାରିଲା, " ସେ ତ ସ୍ୱର୍ଗରେ ମୋର ପଡ଼ୋଶୀ । ମୋର ବହୁତ ଭଲ ସାଙ୍ଗ । କ୍ଷୀର ଓ ନୀର ପରି ଆମର ସଂପର୍କ । ମୁଁ ଭଲ ତାକୁ କିପରି ଜାଣିବନି ?"

ତୁର୍କୀ ସ୍ତ୍ରୀ ଏଥର ତାକୁ ବହୁତ ଆଦରରେ କହିଲା, "ସେ ସୁଖୀ ଅଛନ୍ତି ତ ସେଠାରେ ?"

Digitized by PPRACHIN, SOA

Digitized by PPRACHIN, SOA

"ସୁଖୀ କୁହ ବା ଦୁଃଖୀ କୁହ କୌଣସି ପ୍ରକାରେ ଦିନ ବିତାଉଛି ବିଗ୍ରା, "ଉଦାସ ସ୍ୱରରେ ଅଚିହ୍ନା ଲୋକଟି କହିଲା । "ପକେଟ ଖର୍ଚ୍ଚ ନଥିବାରୁ ବିଗ୍ରା ବେଳେ ବେଳେ ବ୍ୟସ୍ତ ହୁଏ । ନହେଲେ ବାକି ସବୁ ଠିକ୍ ଅଛି ।"

ମିଜୋ ପଇସା ଅଭାବରୁ ଦୁଃଖୀ ଥାଏ, ଏହା ଶୁଣି ତୁର୍କୀ ସ୍ତ୍ରୀ ଉଦାସ ହୋଇ ଉଠି କହିଲା, ମୋର ଗୋଟିଏ ଅନୁରୋଧ ରଖିବ । ମିଜୋକୁ ଯଦି ମୁଁ ଏଠାରୁ କିଛି ପଇସା ପଠାଏ, ତେବେ କଅଣ ଦୟାକରି ତାଙ୍କୁ ସେଠାରେ ଦେଇ ପାରିବେ ?"

"ଏଠାରୁ କାହିଁକି ପଠାଇବାର କଷ୍ଟ କରିବେ ଆପଣ ? ଆମେ ଦୁଇଜଣ ହେଲୁ ପରମ ବନ୍ଧୁ । କଅଣ ବନ୍ଧୁର ଏହି ସାମାନ୍ୟ କାମରେ ମୁଁ ଆସି ପାରିବିନି ।" ବାଟୋଇ ଜଣକ ସହାନୁଭୂତି ଦେଖାଇ କହିଲା ।

ନିଜର ମୃତ ସ୍ୱାମୀଙ୍କ ପ୍ରତି ବିଦେଶୀର ଏତେ ଆତ୍ମୀୟତା ଦେଖି ତୁର୍କୀ ସ୍ତ୍ରୀଟି ଗଦ୍ ଗଦ୍ ହୋଇଗଲା ।

ସେ ନିଜର ସବୁତକ ଝାଳବୁହା ପଇସାକୁ ତୁର୍କୀ ଚାଷୀର ବାକ୍ସରୁ କାଢି ବିଦେଶୀ ହାତରେ ଦେଇଦେଲା ।

ବିଦେଶୀ ଥଳୀଟିକୁ ନେଇ ଚାଲିଗଲା । ଗଛ ପତ୍ର ଗହଳରେ ସେ ଯେତେବେଳ ଯାଏଁ ଅଦୃଶ୍ୟ ନହୋଇଛି ତୁର୍କୀ ସ୍ତ୍ରୀଟି ତାକୁ ଚାହିଁ ରହିଲା । ସେତେବେଳେ ସେ ଭାବୁଥିଲା ମିଜୋର କିଛି ଦିନ ଅନ୍ତତଃ ଆରାମରେ କଟିଯିବ ।

ଏତକିବେଳେ ତୁର୍କୀ ମଧ୍ୟ ଘୋଡ଼ାର ଲଗାମ ଧରି ଆସ ପହଞ୍ଚି ଗଲା । "କାହା ସହିତ କଥା ହେଉଥିଲ ?" ପଚାରିଲା ସେ ।

"ଜଣେ ବାଟୋଇ" । ସ୍ତ୍ରୀ ତାର ଉତ୍ତର ଦେଲା, "କହୁଥିଲା କି ସ୍ୱର୍ଗରୁ ଆସିଛି । ଶୁଣୁଛ, ତୁମେ ? ବଡ଼ ଉତ୍ସାହରେ ତୁର୍କୀସ୍ତ୍ରୀ କହିଲା, "ବିଗ୍ରା ମିଜୋ ସ୍ୱର୍ଗରେ ମଧ୍ୟ ସୁଖରେ ନାହିଁ । ସେ କହୁଥିଲା ଯେ ପକେଟ ଖର୍ଚ୍ଚ ନଥିବାରୁ ତାର ଭାରି ଅସୁବିଧା ହେଉଛି । ଚା-ଚୂନପତ୍ର ପାଇଁ ସବୁବେଳେ ଅନ୍ୟମାନଙ୍କୁ ହାତ ପତାଉଛି । ତାର ଏହି ଦୁଃଖ ପାଇଁ ଆମେ ଏଠୁ କଅଣ କରି ପାରିବା ? ଖାଲି ଏତିକି ଛଡ଼ା........"

"ଖାଲି ଏତିକି ଛଡ଼ା........?" କଥା ମଝିରେ ତୁର୍କୀ ଚାଷୀ-କହିଲା । ତୁର୍କୀ ଚାଷୀର ସ୍ତ୍ରୀ ଏକ ଲୟରେ କହି ଚାଲିଲା, "ଏଣିକି କିଛି ପଇସା ମଝିରେ ମଝିରେ ଏଠାରୁ ମିଜୋ ପାଖକୁ ପଠାଇବା ।"

"ତା'ହେଲେ ତୁମେ କଅଣ ଏପରି କିଛି କରିଛ ?" ସନ୍ଦେହରେ ତୁର୍କୀ ଚାଷୀଟି ପଚାରିଲା । "ପଇସା ପଠାଇ ଦେଲି । ଲୋକଟି ଭାରି ଭଲ । ନେବା ପାଇଁ ମନା ମଧ୍ୟ କଲା ନାହିଁ । ଏହା କଅଣ ଆମ ପ୍ରତି କମ୍ ଦୟା ? କହୁଥିଲା, ସ୍ୱର୍ଗରେ ପହଞ୍ଚି ମିଜୋକୁ ଦେଇଦେବ । ଆଉ ଶୁଣ ଗୋଟିଏ ଆଶ୍ଚର୍ଯ୍ୟ କଥା, ମଜୋ ସ୍ୱର୍ଗରେ ତାର ପଡ଼ୋଶୀ ।"

ତୁର୍କୀ ସ୍ତ୍ରୀଟି କହିଯାଉଥିଲା ଓ ତୁର୍କୀ ଚାଷୀ ମୁଣ୍ଡରେ ହାତ ଦେଇ ଶୁଣୁଥିଲା କେବଳ । ତା'ପରେ ହଠାତ୍ ରାଗିଯାଇ କହିଲା, "କେଡ଼େ ବୋକା ତୁମେ ! ମରିବା ଲୋକ ପୁଣି କେବେ ପୃଥିବୀକୁ କଅଣ ଫେରେ ? ନିଶ୍ଚୟ ସେ ଲୋକଟି ଠକ ହୋଇଥିବ । କୁଆଡ଼େ ଗଲା ସେ ? ମୁଁ ତାର ଏବେ ମଜା ଛଡ଼ାଉଛି ।" ରାଗରେ ତୁର୍କୀ ଚାଷୀ ଉଠି ଛିଡ଼ା ହେଲା ।

Digitized by PPRACHIN, SOA

ସ୍ତ୍ରୀ ସାମନା ସଡ଼କ ଆଡ଼କୁ ହାତ ଦେଖାଇଲେ । ତୁର୍କୀ ଗ୍ରଷୀ ନିଜର ଧାରୁଆ ଛୁରା କାଢି ଧରି ଘୋଡ଼ାର ପିଠି ଉପରକୁ ଡେଇଁ ବସିଗଲା । ପବନ ଠାରୁ ଅଧିକ ବେଗରେ ସେହି ଆଡ଼କୁ ଗଲା ଯେଉଁ ଆଡ଼କୁ ବାଟୋଇ ଯାଇଥିଲା ।

ସେହି ବାଟୋଇ ମନରେ ମଧ୍ୟ ବଡ଼ ଭୟ । ଭାବୁଥିଲା, ଯଦି ଏହି ଘଟଣା ତୁର୍କୀ ଗ୍ରଷୀ ଜାଣିବ ତା'ହେଲେ ଅବସ୍ଥା ଅସମ୍ଭାଳ ହୋଇ ପଡ଼ିବ । ସେ କୌଣସି ପ୍ରକାରେ ମୋତେ ଜିଅନ୍ତା ଛାଡ଼ିବନି" ।

ସେତିକିବେଳେ ପଛରୁ ଧୂଳି ଉଡ଼ାଇ ଆସୁଥିବା ଘୋଡ଼ା ଟାପୁର ଶବ୍ଦ ତାକୁ ଶୁଭିଲା । ବୁଲି କରି ଦେଖେତ ଚେହେରା ଏକାବେଳେ ଶେତା ପଡ଼ିଗଲା । ସେ ପ୍ରାଣ ପଣେ ଜୋରରେ ଦଉଡ଼ିଲା । ଆଗରେ ନଇ ପୋଲ ପାରି ହେବା ପରେ ତାକୁ ଗୋଟିଏ ଅଟା କଳ ଦେଖାଗଲା । ସେ ସେହି ଆଡ଼କୁ ଗ୍ଳିଲା ।

ଧଇଁ ସଇଁ ହୋଇ କଳ ଘର ଭିତରେ ପଶିଗଲା । ନିଜ କାମରେ ବ୍ୟସ୍ତ ଥିବା କଳ ବାଲାର କାନ୍ଧକୁ ଜୋରରେ ଝୁଂକି କରି ହଲଇ ଦେଇ କହିଲା "ଆରେ, ଆରେ, କେଡ଼େ ଅଜବ୍ କଥା । କେଡ଼େ ଅଜବକଥା—"କଅଣ ହେଲା ? କଅଣ ହେଲା ?" କଳବାଲା ଆଶ୍ଚର୍ଯ୍ୟ ହୋଇ ବାଟୋଇ ଆଡ଼କୁ ଗ୍ଳହିଁଲା ।"

"ସେଆଡ଼କୁ ଦେଖ" ସେହି ବାଟୋଇଟି ପାଟିକରି କହିଲା । "କଅଣ ? କଅଣ ?" କଳବାଲା ପୁଣି ପଗ୍ରରିଲା ।

"ଆରେ ନିଜକୁ ରକ୍ଷାକର । ନିଜକୁ ରକ୍ଷାକର । ସେହି ତୁର୍କୀ ଗ୍ରଷୀ ଛୁରା ନେଇ ତୋତେ ମାରିବା ପାଇଁ ମାତାଲ ହୋଇ ଦଉଡ଼ି ଆସୁଛି ।"

"କିନ୍ତୁ କାହିଁକି ? କଣପାଇଁ ?" କଳବାଲା ନିଜ କାମ ଛାଡ଼ି ଆଶ୍ଚର୍ଯ୍ୟ ହୋଇ ତାହା ଆଡ଼କୁ ଦେଖିଲା ।

"ଏହାତ ତୁମେ ଜାଣ । ହୋଇପାରେ ଅଜଣାରେ କୌଣସି ବଡ଼ ଭୁଲ ତୁମେ କରିଛ ।" ବାଟୋଇ କହିଲା ।

କଳବାଲା ଝରକା ଦେଇ ବାହାରକୁ ଦେଖିଲା ସତକୁ ସତ ତୁର୍କୀ ଗ୍ରଷୀ ରାଗରେ ଲାଲ ହୋଇ ଛୁରୀ ବାହାର କରି ଘୋଡ଼ାର ପିଠି ଉପରେ ବସି ମାଡ଼ି ଆସୁଛି ।

ବିଗ୍ରରା କଳବାଲା ବଡ଼ ଅସୁବିଧାରେ ପଡ଼ିଲା । ହଠାତ୍ ଏ କଅଣ ହେବାକୁ ଯାଉଛି ସେ ବୁଝି ପାରିଲା ନାହିଁ । ଭୟରେ ଡରିଯାଇ ସେ ପଗ୍ରରିଲା "ତାହାହେଲେ ମୁଁ ଏବେ କଅଣ କରିବି ? କିପରି ବଞ୍ଚିବି ? କୁଆଡ଼େ ଯିବି ?"

ବିଦେଶୀ କିଛି ଭାବିଲା ପରି କହିଲା "ଆଚ୍ଛା ଦେଖ୍, ଗୋଟିଏ ଉପାୟ କର । ହୁଏତ ତୋ ଜୀବନ ରକ୍ଷା ହୋଇଯାଇପାରେ ।" "କଅଣ ?" କଳବାଲା ତା'ଆଡ଼କୁ ବଡ଼ ଆତୁର ଆଖିରେ ଗ୍ଳହିଁଲା ।

"ତୁ ଶୀଘ୍ର ମୋ ଲୁଗାପଟା ପିନ୍ଧି ପକା ଓ ପଛପଟୁ ପଳା । ତୋର ଅଟା ଲାଗିଥିବା ପୋଷାକୁ ମୁଁ ପିନ୍ଧି ପକାଇବି । ମୋ ସହିତ ଲାଗିଲେ ମୁଁ ତାର ସବୁ ଦାନ୍ତକୁ ଗଣି ଗଣି କରି ଝଡ଼ାଇ ଦେବି । ସେହି ମୂର୍ଖକୁ ଜଣା ପଡ଼ିବ ଯେ ସେ କାହା କବଜାରେ ପଡ଼ିଛି । ଯାହାହେଉ ତୁ ଶୀଘ୍ର ପଳା ଏକଥା କହି ବାଟୋଇଟି ଶୀଘ୍ର ନିଜର ଲୁଗାପଟା ତାକୁ ପିନ୍ଧାଇ ଦେଲା ଓ ତାର ଲୁଗାପଟା ନିଜେ ପିନ୍ଧି ପକାଇଲା ।

Digitized by PPRACHIN, SOA

ବିଗ୍ରା କଳବାଲା ବିକଳରେ ଜୀବନ ରକ୍ଷା କରିବାପାଇଁ ପଛବାଟ ଦେଇ ପଳାଇଲା । ବାଟୋଇ ଶୀଘ୍ର ଶୀଘ୍ର ଗୋଟିଏ ପରେ ଗୋଟିଏ ଅଖାରେ ଅଟା ଭର୍ତ୍ତିକରିବାକୁ ଲଗିଲା । ଅଟାରେ ସେ ମୁଣ୍ଡ ଠାରୁ ପାଦ ପର୍ଯ୍ୟନ୍ତ ବୁଡ଼ିଗଲା ଓ ଏପରି ଏକ ଲୟରେ କାମ କଲା ଯେ, ଯେପରିକି ତାର ଜାଣି ଏଇ ପେଷା । ଯେମିତି ନିଜ କାମଛଡ଼ା ଦୁନିଆର ଆଉ କୌଣସ ଖବର ତାକୁ ଜଣା ନାହିଁ ।

ସେତେବେଳ ତୁର୍କୀ ଗ୍ରଷୀ ସାପ ଭଳି ଫଁ ଫଁ ହୋଇ ଘୋଡ଼ାରୁ ଓହ୍ଲାଇଲା, "କୁଆଡ଼େ ଗଲା ସେହି ଠକ ।" ସେ କଳରେ କାମ କରୁଥିଲା ଲୋକଟିକୁ ପଗ୍ରରିଲା ।

"କେଉଁ ଠକ ?" ସେ ଏହିପରି କହି କହି ଅଟାକୁ ଅଖା ଭିତରେ ଜଲଦି ଜଲଦି, ଭର୍ତ୍ତି କରୁଥାଏ ।

"ଆରେ ସେହି ବିଚିତ୍ର ଲୁଗାପଟା ପିନ୍ଧିଥିବା ଲୋକ ?" ତୁର୍କୀ ବ୍ୟସ୍ତହୋଇ କହିଲା, "ନିଜକୁ ସେ ବଦମାସ ସ୍ୱର୍ଗରେ ରହୁଛି ବୋଲି କହୁଥିଲା । ଟିକିଏ ମୋତେ ତାକୁ ଦେଖାଅ ତ ? ବର୍ତ୍ତମାନ ତାକୁ ଏହି ଧାରୁଆ ଛୁରୀ ସାହାଯ୍ୟରେ ସ୍ୱର୍ଗରେ ପହଞ୍ଚାଇ ଦେବି ।" ରାଗରେ ତମ୍ ତମ୍ ହୋଇ ତୁର୍କୀ କହିଲା ।

"ମୁଁ ଜାଣେ ନାହିଁ କାହାକୁ । ନା ସ୍ୱର୍ଗରେ ଥିବା ଲୋକ ନା, ନର୍କରେ ଥିବା ଲୋକ । କଳ ପାଖରେ ବସିଥିବା ଲୋକଟି ମୁଣ୍ଡରେ ହାତ ରଖି କହିଲା ।"

"ହଁ ଶୁଣ ।" ଯେପରି ହଠାତ୍ ତାର ମନେ ପଡ଼ିଲା" ଗୋଟିଏ ଲୋକ ଏବେ ଏହି ବାଟ ଦେଇ ଯାଇଛି, ବିଚିତ୍ର ଲୁଗା ପିନ୍ଧିଥିଲା । ଏଠାରୁ ସେ ଡ଼ାହାଣ ହାତ ପଟେ ଥିବା ରାସ୍ତା ଦେଇ ଜଙ୍ଗଲ ଆଡ଼କୁ ଗଲା । ହୋଇପାରେ ସେହି ଲୋକଟି ତୁମର ସ୍ୱର୍ଗର ଲୋକ ।"



ତୁର୍କୀ ଆଉ କିଛି ଦେଖିବାକୁ ବା ଶୁଣିବାକୁ ଗ୍ରହିଁଲା ନାହିଁ । ଏତିକି ଜାଣିବା ତା ପକ୍ଷରେ ଯଥେଷ୍ଟ ଥିଲା । ଆଗକୁ ରାସ୍ତା ଠିକ୍ ନ ଥିବାର ଦେଖି ଘୋଡ଼ାକୁ ସେହିଠାରେ ଗୋଟିଏ ଗଛରେ ବାନ୍ଧି ଯୋରରେ ଆଗକୁ ଗ୍ରଲିବାକୁ

Digitized by PPRACHIN, SOA

ଲାଗିଲା । ଦୂରରେ ସେହିପରି ଲୁଗା ପିନ୍ଧିଥିବା ଗୋଟିଏ ଲୋକ ପାହାଡ଼ ଉପରେ ଚଢ଼ୁଥିବା ଦେଖାଗଲା । ତେଣୁ ସେ ତା ପାଖକୁ ଜୋରରେ ଦୌଡ଼ିବାକୁ ଲାଗିଲା ।

ବହୁତ ସମୟ ପର୍ଯ୍ୟନ୍ତ ଦୁଇଜଣ ଆଗ ପଛ ହୋଇ ଦୌଡ଼ିଲେ । ତୁର୍କୀ ଚାଷୀକୁ ନିଜ ପଛରେ ଦଉଡ଼ିବାର ଦେଖି ସେହି ଲୋକ ମଧ୍ୟ ପବନ ପରି ଦୌଡ଼ିବାକୁ ଲାଗଲା । କିନ୍ତୁ ଶେଷରେ ତୁର୍କୀ ଚାଷୀ ତାକୁ ଧରିନେଲା ଏବଂ ତାର ବେକକୁ ମୋଡ଼ି ବହୁତ ମାରିଲା । ଯେତେବେଳେ ଶେଷରେ ତା' ହାତ ମାରି ମାରି ବଥାଇଲା, ସେ ନିଜ ଧାରୁଆ ଛୁରୀ ବାହାର କରି ବୁଲାଇ କହିଲା "ବାହାର କର ଟଙ୍କା ଥଳୀ" ।

"ଥଳୀ ?" ନିରିହ କଳବାଲା ଅଣନିଶ୍ୱାସୀ ହୋଇ କହିଲା ! "ଆରେ ଯାହାକୁ ମୋ ସରଳ ସ୍ତ୍ରୀ ଠାରୁ ଠକି କରି ବର୍ତ୍ତମାନ ନେଇ ଆସିଛୁ ।"

"କିଏ ତୁମ ସ୍ତ୍ରୀ ମୁଁ କାହାକୁ ଠକିଲି ? ହାୟ ଭଗବାନ ? ମୁଁ ପୁଣି କାହାକୁ କାହିଁକି ଠକିବାକୁ ଯିବି ?" ବିବ୍ରତ ହୋଇ କଳବାଲା କହିଲା ।

"ଚୁପ୍‌କର ! ଚୁପ୍‌କର ! ମୁହଁ ବନ୍ଦ କର" । ତୁର୍କୀ ତା ଲମ୍ବା ବେକକୁ ଦୁଇ ହାତରେ ଚିପି ଧରିବାରୁ ଭୟରେ ତା ଆଖି ବାହାରକୁ ବାହାରି ଆସିଲା ।

"ତୁ ନିଜକୁ ସ୍ୱର୍ଗରୁ ଆସିଛୁ ବୋଲି କହି ମୋର ବୋକୀ ସ୍ତ୍ରୀଠାରୁ ପଇସା ଠକି ଆଣିଛୁ । କହୁଥିଲୁ ସ୍ୱର୍ଗରେ ମିକୋକୁ ଦେଇଦେବୁ ?"

"କିଏ ମିକୋ ? କିପରି ସ୍ୱର୍ଗ ? ଏହା ତୁମେ କଅଣ କହୁଛ ସର୍ଦ୍ଦାର ? ମୁଁ କୌଣସି ମିକୋକୁ ଜାଣେ ନାହିଁ ।" କଳବାଲା ମୁଣ୍ଡ ଉପରେ ଥିବା ଛୁରୀର ଦାଢ଼କୁ ଦେଖି ପୁରା ଡ଼ରିଗଲା ।

"ତାହାହେଲେ ତୁ କିଏ ? ସତ କହ" ତୁର୍କୀ ନିଜ ମୁଣ୍ଡରୁ ଝାଳ ପୋଛି ପଚାରିଲା ।

"ମୁଁ କଳବାଲା ହଜୁର ।" "ତୁ ଅପରାଧି ନୁହେଁ ଯଦି ତାହା ହେଲେ ଦୌଡ଼ୁଥିଲୁ କାହିଁକି ?" "ମତେ କିଛି ଜଣା ନାହିଁ" କଳବାଲା ଡ଼ରି ଯାଇ କହିଲା । "ଆପଣ ଛୁରୀ ନେଇ ମୋ କଳ ଆଡ଼କୁ ରାଗରେ ମାଡ଼ି ଆସୁଥିଲେ । ଜଣେ ଅଜଣା ବ୍ୟକ୍ତି କହିଲା ଯେ ମୋତେ ଆପଣ ମାରିବାକୁ ଚାହୁଁଛନ୍ତି । ପୁଣି ସେହି ଭଲଲୋକର ମୋ ଉପରେ ଦୟା ଆସିଗଲା । ସେ ନିଜେ ମୋତେ ତା ଲୁଗା ପିନ୍ଧାଇ ଦେଲା ଓ ନିଜେ ମୋ ଲୁଗା ପିନ୍ଧି କଳ ଚଳାଇଲା । ଯାହା ଦ୍ୱାରା ମୋ ଜୀବନ ରକ୍ଷା ହେବ । ତୁର୍କୀର ମୁଣ୍ଡ ବୁଲାଇଲା । "କେଉଁଠି ଅଛି ସେ ଲୋକ ?" ସେ ପଚାରିଲା । "କଳ ଘରେ ଅଛି ।"

ଏହା ଶୁଣି ପୁଣି ସେ କଳ ଆଡ଼କୁ ଦଉଡ଼ିଲା । ତା ପଛେ ପଛେ ବିନା ଦୋଷରେ ମାଡ଼ ଖାଇଥିବା କଳବାଲା ମଧ୍ୟ ଦଉଡ଼ିଲା ।, ଦୌଡ଼ି ଦୌଡ଼ି ଥକା ହୋଇ ସେଠାରେ ପହଞ୍ଚି ସେମାନେ ଦେଖିଲେ ଯେ କଳଘର ବନ୍ଦ । ବାହାରୁ ତାଲା ପଡ଼ିଛି । ଅଗଣାରେ ବନ୍ଧା ହୋଇଥିବା ଘୋଡ଼ାଟିକୁ ନେଇ ସେହି ଠକ ଲୋକଟି ଚମ୍ପଟ ମାରିଛି । ତୁର୍କୀ ଚାଷୀ ମୁଣ୍ଡରେ ହାତ ଦେଇ ଘରକୁ ଫେରିଲା । ଘରେ ତା ସ୍ତ୍ରୀ ତାକୁ ଚାହିଁ ବସିଥିଲା । ବିନା ଘୋଡ଼ାରେ ହତାଶ ହୋଇ ଫେରିବା ଦେଖି ସେ ପଚାରିଲା "ଘୋଡ଼ା କାହିଁ ?"

Digitized by PPRACHIN, SOA

"ଆଉ କିଛି ପଚାରନି" "ତୁର୍କୀ ଦୀର୍ଘ ଶ୍ୱାସ ନେଇ କହିଲା ।" ତୁମ ମିକୋର କଥା ମନେ ପଡ଼ିଲା । କଣ କରିଥାନ୍ତି ? ତୁମେ ଯେତେବେଳେ ଆଜିପର୍ଯ୍ୟନ୍ତ ମୁ ରୋଜଗାର କରିଥିବା ଝାଳବୁହା ଧନକୁ ତା ସୁଖପାଇଁ ସ୍ୱର୍ଗକୁ ପଠାଇ ପୁଣ୍ୟ କଲ । ମୁଁ ବି କାହିଁକି ସେଥିରୁ ବାଦ ପଡ଼ିବି । ଭାବିଲି ବିଚରା ସ୍ୱର୍ଗରେ ପାଦରେ ଚାଲୁଥିବ । ତେଣୁ ଘୋଡ଼ା ପଠାଇ ଦେବା ଭଲ ।"

" ତାହାହେଲେ ତୁମେ ବଡ଼ ବୁଦ୍ଧିମାନ କାମଂ କରିଛ ।" ସ୍ତ୍ରୀ ତା ଆଡ଼କୁ ଚାହିଁଲା, ସେ ବୁଝି ପାରିଲା କଥା କଅଣ ।

"ହଁ ବହୁତ ବୁଦ୍ଧିମାନର କାମ । ତୁମଠାରୁ ମଧ୍ୟ ବେଶୀ ।" କହିକରି ତୁର୍କୀ ଲୋକଟି ଜୋରରେ ହସି ଉଠିଲା ଓ ତା ସଙ୍ଗେ ସଙ୍ଗେ ତା ସ୍ତ୍ରୀ ମଧ୍ୟ । ଆଉ କେବେ ଏପରି ବୁଦ୍ଧିମାନର କାମ ନ କରିବା ପାଇଁ ଦୁହେଁ ପ୍ରତିଜ୍ଞା କରି ନିଜ କାମରେ ପୁଣି ଲାଗିଲେ ।

Digitized by PPRACHIN, SOA

ସୁନେଲି ବତକ

(ନରୱେ)

ଗୋଟିଏ ବୁଢ଼ୀ ଥିଲା । ଅତି ସରଳ ଓ ନିରୀହା । ତେଣୁ ଲୋକମାନେ ତାକୁ "ସତ୍ୟ ଯୁଗର" ଲୋକ ବୋଲି କହୁଥିଲେ ।

ଏକାକୀ ନିଜର ଛୋଟ କୁଡ଼ିଆଟିରେ ରହୁଥିଲା । ଧନ ଦଉଲତ ତା'ର କିଛି ନ ଥିଲା । କେବଳ ତାର କେତେକ ସୁନେଲୀ ବତକ ଥିଲା । ବୁଢ଼ୀ ସେମାନଙ୍କୁ ଭରସା କରି ନିଜର ଦିନ କଟାଉ ଥିଲା ।

ବୁଢ଼ୀଟି ସେହି ବତକମାନଙ୍କୁ ବହୁତ ଭଲ ପାଉଥିଲା । ପ୍ରତିଦିନ ସକାଳେ ସେ ତାଙ୍କର ଛୋଟ ଛୋଟ ଚଞ୍ଚୁକୁ ଆଉଁସି ଦେଇ ଗେଲ କରେ । ଭରପୁର ହୋଇଥିବା ବତକ ଘରକୁ ମନ ପୂରାଇ ଦେଖେ ଓ ବହୁତ ଖୁସି ହୁଏ ।

ଗୋଟିଏ ସୁନ୍ଦର ଶଂଖ ମଲମଲ କଣ୍ଢେଇ ଭଳି ଛୋଟ ଝିଅଟିଏ ତାର ବତକ ମାନଙ୍କର ଦେଖାଶୁଣା କରୁଥିଲା । ଖନେଇ ଖନେଇ ସେ ବହୁତ ମିଠାକଥା କହୁଥିଲା । ହସି ଖେଳି ଗୀତ ଗାଇ ସମସ୍ତଙ୍କୁ ଖୁସି କରାଉଥିଲା ।

ସବୁଦିନେ ସଞ୍ଜବେଳେ ସେ ବତକମାନଙ୍କୁ ପୋଖରୀକୁ ଗାଧୋଇ ଦେବାକୁ ନେଇଯାଏ । ସୂର୍ଯ୍ୟ ବୁଡ଼ି ଯାଉଥାନ୍ତି । ପଶ୍ଚିମ ଆକାଶ ଲାଲ୍ ପଡ଼ିଯାଏ । ପୋଖରୀର ନୀଳ ପାଣି ତରଳ ସୁନା ପରି ଝଟକି ଉଠେ । ବରଫ ଜମିଥିବା ପାହାଡ଼ଟି ଅନେକ ମନୋହର ରଙ୍ଗରେ ଭରିଯାଏ । ସେତିକିବେଳେ ସେ ପୋଖରୀ କୂଳର ସବୁଜ ଘାସ ଉପରେ ଥିବା ଧଳା ପଥର ଖଣ୍ଡିକରେ ବସି ମନ ମତାଣିଆ ଗୀତ ଗାଏ । ତାର ଗୀତ ଶୁଣିବାକୁ ସବୁ ବତକମାନେ ତାକୁ ଘେରି ଯାଆନ୍ତି । ଏକ ଲୟରେ ତା ମୁହଁକୁ ଚାହିଁ ସୁନେଲି ପର ଖୋଲି ନାଚନ୍ତି ।

ଧୀରେ ଧୀରେ ଚନ୍ଦ୍ର କିରଣ ବିଛେଇ ପଡ଼େ । ସୁନା ପରି ଦେଖାଯାଉଥିବା ପାହାଡ଼ ରୂପା ପରି ଚମକି ଉଠେ । ବତକ ମାନେ ଦଳ ବାନ୍ଧି ହସି ଖେଳି ଘରକୁ ଫେରନ୍ତି ।

ଏହିପରି ଶରତ ଋତୁ କଟିଗଲା । ସୁଖ ଶାନ୍ତିରେ ସମସ୍ତଙ୍କ ଦିନ ବିତିବାକୁ ଲାଗିଲା ।

ଦିନେ ସେହି ଛୋଟ ବାଳିକାଟି ତାର ନିଜ ଘରକୁ ଚାଲିଗଲା । ତା' ଯିବାରେ ବୁଢ଼ୀ ବହୁତ ଦୁଃଖିତ ହେଲା । ବିଚାରୀ ବତକମାନେ ମଧ୍ୟ ଦୁଃଖିତ ହେଲେ । ଖାଇବା, ପିଇବା, ନାଚିବା ଗାଇବା ସବୁ ସେମାନେ ଛାଡ଼ି ଦେଲେ । ରାତି ଦିନ ପୋଖରୀ କୂଳରେ ସେହି ପଥରକୁ ଘେରି ବସି ରହିଲେ । ଯେଉଁଠାରେ ସେହି ବାଳିକାଟି ପରୀମାନଙ୍କର ସୁନ୍ଦର ସୁନ୍ଦର ଗୀତ ଗାଇ ଶୁଣାଉଥିଲା, ଗାଉଥିଲା ଓ ନାଚୁଥିଲା ।

ବୁଢ଼ୀ ବିଚାରୀ ବହୁଦିନ ପର୍ଯ୍ୟନ୍ତ ଦୁଃଖୀ ରହିଲା । କାରଣ ଆଉ ତାକୁ ସାହାଯ୍ୟ କରିବା ପାଇଁ କେହି ନ ଥିଲେ । ଏକୁଟିଆ ଖାଇବା ତିଆରି କରେ, ବାସନ ସଫା କରେ, ଲୁଗାପଟା ଧୁଏ, ଘର ପରିଷ୍କାର କରେ ଓ ତା ସହିତ ବତକମାନଙ୍କୁ ମଧ୍ୟ ଦେଖାଶୁଣା କରେ ।

ବଳ ବୟସ ହଟି ଯିବାରୁ ଏତେ ଅଧିକ କାମ ତା ଦେଇ ହୋଇପାରୁ ନ ଥିଲା । ସେ ଶୀଘ୍ର ହାଲିଆ ହୋଇ ପଡୁଥିଲା । ସବୁଦିନ ଶୋଇବା ସମୟରେ ଭାବୁଥିଲା—ଆସନ୍ତା କାଲି ସେ ସେହିପରି ମିଠା ମିଠା ଗୀତ ଗାଉଥିବା ଛୋଟ ଝିଅଟିଏ ଆଣିବ ଯିଏ ତାକୁ କାମରେ ସାହାଯ୍ୟ କରିବ । କିନ୍ତୁ କାଲି କେବେ ଆସୁ ନ ଥିଲା ।

Digitized by PPRACHIN, SOA

ବତକମାନେ ଦିନକୁ ଦିନ ଦୁର୍ବଳ ହୋଇ ପଡ଼ିଲେ । ବୁଢ଼ୀ ତାଙ୍କ ଦୁଃଖ ଦେଖି ସମ୍ଭାଳି ପାରିଲା ନାହିଁ । ତେଣୁ ଦିନେ ସକାଳୁ ଉଠି ସେ ଘରୁ ବାହାରି ପଡ଼ିଲା । ଯାଉ ଯାଉ ଜଙ୍ଗଲରେ ଗୋଟିଏ ଭାଲୁ ରାସ୍ତାରେ ବସିଥିବାର ଦେଖିଲା ।

"ବୁଢ଼ୀମା, ଏତେ ସକାଳୁ ସକାଳୁ କୁଆଡ଼େ ଯାଉଛ " ଭାଲୁଟି ବୁଢ଼ୀକି ପ୍ରଣାମ କରି ପଚାରିଲା ।

"ନିଜ ବତକ ପଲଙ୍କ ଦେଖାଶୁଣା କରିବା ପାଇଁ ଗୋଟିଏ ଜଗୁଆଳି ଖୋଜୁଛି, ପୁଅ"–ସେ ଉତ୍ତର ଦେଲା ।

"ତା ହେଲେ ବୁଢ଼ୀମା, ଏତେ ସାମାନ୍ୟ କଥାରେ ବ୍ୟସ୍ତ ହେଉଛୁ କାହିଁକି ?" ସଙ୍ଗେ ସଙ୍ଗେ ଭାଲୁ କହିଲା "ତୁ ବୁଢ଼ୀ ବିଚରା କେଉଁ ଆଡ଼େ ବୁଲିବୁ ? ଚାଲ, ମୁଁ ନିଜେ ତାଙ୍କର ଦେଖାଶୁଣା କରିବି ।"

"ନାହିଁରେ ପୁଅ, ନାହିଁ" ବୁଢ଼ୀ ଡରିଗଲା । "ମୋ ବତକମାନେ ବହୁତ ନିରୀହ । ତୋର ଭୟଙ୍କର ପାଟି ଶୁଣିଲେ ତାଙ୍କ ପ୍ରାଣ ଛାଡ଼ିଯିବ । ତୁ ଟିକେ ଦୟାକର ବର୍ତ୍ତମାନ । ଏହି ଟିକକ କାମ ପାଇଁ ତୋତେ କାହିଁକି କଷ୍ଟ ଦେବି ! ଏହି କାମ ତ କୌଣସି ଗୋଟିଏ ଛୋଟ ଝିଅ ମଧ୍ୟ କରି ନେବ । " ବୁଢ଼ୀ କୌଣସି ପ୍ରକାର ପ୍ରାଣ ବଞ୍ଚାଇ ପଳାଇ ଗଲା ।

ଟିକିଏ ଆଗକୁ ଗଲା ପରେ ଗୋଟିଏ ଗଧିଆ ବୁଢ଼ୀର ପାଦତଳେ ମୁଣ୍ଡ ରଖି ପ୍ରଣାମ କଲା । "ବୁଢ଼ୀମା, ଆଜି ତୋର ଦର୍ଶନ କରି ମୋ ଜନ୍ମ ସଫଳ ହେଲା । ଏତେ ସକାଳୁ ତୁ କାହିଁକି କଷ୍ଟ କରି ଆସିଲୁ ?"

Digitized by PPRACHIN, SOA

"ପୁଅ, ମୁଁ ନିଜ ବତକମାନଙ୍କ ପାଇଁ ଗୋଟିଏ ଜଗୁଆଳି ଖୋଜି ବାହାରିଛି ।" ବୁଢ଼ୀ ସେହି ଉତ୍ତର ପୁଣି ଦେଲା ।

"ଆମେ ଥାଉ, ଥାଉ, ବୁଢ଼ୀମା, ତୋତେ କଷ୍ଟ ଭୋଗିବାକୁ ହେବ, ଏହା କିପରି ହୋଇ ପାରେ? ପୁଣି ତୋର ଏହି ନାତି ମଧ୍ୟ ଆଜିକାଲି ବେକାର ଅଛି । କାମ ଖୋଜୁଛି । ତୋ ବତକମାନଙ୍କର ଦେଖାଶୁଣା କଲେ ତ କେହି ଛୋଟ ହୋଇ ଯିବନାହିଁ ?"

"ତୋତେ କଅଣ କଷ୍ଟ ଦେବି ପୁଅ"—ବୁଢ଼ୀ କହିଲା । "ନା, ନା, ଆଇ । ମୁଁ କଅଣ ପରଲୋକ ? ବୁଢ଼ା ବୁଢ଼ୀମାନଙ୍କର ସେବା କରିବାର ସୌଭାଗ୍ୟ ତ କେବେ କେବେ ମିଳେ !" ଗଧିଆ ଜିଦ୍ ଧରିଲା ।

ତାକୁ ବୁଝାଇ ବୁଢ଼ୀ କହିଲା– "ମୋ ବତକମାନେ ବହୁତ ସରଳ । ମିଠା ସ୍ୱର ବିନା ସେମାନେ ବଞ୍ଚି ପାରିବେ ନାହିଁ । ତୁ ମିଠା ସ୍ୱରରେ କଥା କହିବା ଅଭ୍ୟାସ କର । ମିଠା କଥା କହିବା ଶିଖିଗଲେ ମୋ ଘରକୁ ଖୁସିରେ ଆସିବୁ ।"

ପୁଣି ବୁଢ଼ୀ ଆଗକୁ ଗ୍ଲଲିଲା । ଏହିପରି ଗ୍ଲଲୁଗ୍ଲଲୁ ସଂଧ୍ୟା ହୋଇଗଲା । ଭୋକିଲା ଶୋଷିଲା, ଦିନସାରା ଗ୍ଲଲି ହାଲିଆ ହୋଇ ଥିବାରୁ ତାକୁ ଆଉ ଆଗକୁ ଯିବାକୁ ସାହାସ ହେଲାନାହିଁ । ତେଣୁ କୌଣସି ଝଂକାଳିଆ ବରଗଛ ଛାଇରେ ବସି ଆରାମ କଲା ।

ସେତିକିବେଳେ ଜଙ୍ଗଲରୁ ବାହାରି କୋକିଶିଆଳି ତାକୁ ନମସ୍କାର କଲା ।

"ମୋ ଭଲ ଆଇଟି, ଆଜି କୁଆଡ଼େ ଯାଉଛୁ ?" ସେ ପଗ୍ଲରିଲା । "ବତକଙ୍କ ଜଗୁଆଳି ଖୋଜିବା ପାଇଁ"—ଆଇ କହିଲା ।

"ତା'ହେଲେ ଆଇ, ମୁଁ ତୋତେ ସାହାଯ୍ୟ କରିବି," କୋକିଶିଆଳି କହିଲା । "ବାସନ ମାଜି ଦେବି, ଲୁଗାପଟା ଧୋଇ ଦେବି । ଖାଲି ସମୟରେ ଦେଖାଶୁଣା ମଧ୍ୟ କରିଦେବି । ଏହାଛଡ଼ା ଆଉ, ଅଧିକା କଅଣ ମୁଁ ତୋତେ ସାହାଯ୍ୟ କରି ପାରିବି ?"

ବୁଢ଼ୀ ବହୁତ ବ୍ୟସ୍ତ ଥିଲା । ଗ୍ଲଲାକ କୋକିଶିଆଳିର ମିଠା ମିଠା କଥାରେ ଭାସିଗଲା । ତାକୁ ନିଜ ସାଙ୍ଗରେ ନେଇ ଆସିଲା ।

କୋକିଶିଆଳି ସେହି ଦିନ ଠାରୁ ପ୍ରତିଦିନ ବତକ ପଲଙ୍କୁ ପୋଖରୀ ପର୍ଯ୍ୟନ୍ତ ନେଇଯାଏ । କିନ୍ତୁ ରାତିରେ ଯେତେବେଳେ ଫେରେ ସବୁଦିନ ବତକମାନଙ୍କ ସଂଖ୍ୟା କମ୍ ହୋଇଯାଏ । ଏହିପରି ଧୀରେ ଧୀରେ ଶେଷରେ ଏପରି ଗୋଟିଏ ଦିନ ଆସିଲା ଯେଉଁଦିନ ଗୋଟିଏ ହେଲେ ବତକ ସଂଧ୍ୟାରେ ଘରକୁ ଫେରିଲେ ନାହିଁ ।

ରାତି ହେବାକୁ ଲାଗିଲା । ସେ ପର୍ଯ୍ୟନ୍ତ ଜଗୁଆଳି କୋକିଶିଆଳି ବା ବତକ ଘରକୁ ଫେରି ନଥିଲେ । ବୁଢ଼ୀର ଚିନ୍ତା ହେଲା । ପୋଖରୀ ଆଡ଼କୁ ଯିବା ପାଇଁ ସେ ବାହାରୁଥିଲା ବେଳେ କୋକିଶିଆଳି ଦଉଡ଼ି ଦଉଡ଼ି ଆସ ପହଞ୍ଚିଲ ।

"ଆଇ ଆଜ ବତକମାନେ ଘରକୁ ଫେରିବାକୁ ମନା କରୁଛନ୍ତି ।" କୋକିଶିଆଳି ବୁଢ଼ୀକୁ କହିଲା ।

"କାହିଁକି ?" "ସେମାନେ ରୁଷିଲା ପରି ଜଣା ପଡ଼ୁଛନ୍ତି ।" କୋକିଶିଆଳି ଉତ୍ତର ଦେଲା ।

Digitized by PPRACHIN, SOA

ବୁଢ଼ୀ ବହୁତ ଆଶ୍ଚର୍ଯ୍ୟ ହେଲା । ସେହି ସମୟରେ ସେ ଲହୁଣୀ ଥାଳି ହାତରେ ଧରି ରୋଷେଇ ଘର ବାହାରେ ଛିଡ଼ା ହୋଇଥିଲା । ସାଙ୍ଗେ ସାଙ୍ଗେ ସେଇଠାରେ ତାକୁ ଫୋପାଡ଼ି ଦେଇ ସେ ଜୋରରେ ପୋଖରୀ ଆଡ଼କୁ ଗଲା ।

ଚତୁର କୋକିଶିଆଳି ଯାହା ମନେ ମନେ ଖୋଜୁଥିଲା ତାହା ହେଲା । ସେ ଭାବିଲା, ବୁଢ଼ୀ ଫେରିବା ପୂର୍ବରୁ ହିଁ ସବୁ ଲହୁଣୀ ସଫା କରି ଜଙ୍ଗଲକୁ ପଳାଇବା ଉଚିତ । ତେଣୁ ସେ ଜଲଦି ଜଲଦି ପ୍ଲେଟ ଋଟିବାକୁ ଲାଗିଲା । ସେତକିବେଳେ ସିଡ଼ି ଉପରେ କାହାର ପାଦ ଶବ୍ଦ ଶୁଣାଗଲା ।

"ଆଇ, ମୁଁ ପୁଣି ଫେରି ଆସିଛି ! ଆଇ !" ସେହି ଶଂଖମଲ୍‌ମଲ୍ କଂଢ଼େଇ ଭଳି ଝିଅଟି ମଧୁର ସ୍ୱରରେ କହିଲା ।

ତାକୁ ଦେଖିବା ମାତ୍ରେ କୋକିଶିଆଳି ଲାଙ୍ଗୁଡ଼ ଜାକି ପଳାଇବାକୁ ବାହାରିଲା । ଝିଅଟି ତାର ଦୁଷ୍ଟାମି ବୁଝି ପାରିଲା । ସେ ରାସ୍ତା ଅଟକାଇ ଛିଡ଼ା ହୋଇଗଲା ।

ସେତିକିବେଳେ ଅଣନିଶ୍ୱାସୀ ହୋଇ ବୁଢ଼ୀ ମଧ୍ୟ ଆସି ପହଞ୍ଚିଲା । ରାଗରେ ଗର୍ଜ୍ଜନ କରି ସେ କହିଲା "ବତକ ପଲ କୁଆଡ଼େ ଗଲେ ? ସେଠାରେ ତ ଖାଲି ହାଡ଼ ପଡ଼ିଛି ।"

କୋକିଶିଆଳି କିଛି ଉତ୍ତର ଦେଇ ପାରିଲା ନାହିଁ । ଏତିକିବେଳେ ବୁଢ଼ୀ ଦେଖିଲା ଯେ ଲହୁଣୀ ଥାଳି ମଧ୍ୟ ଅଧା ହୋଇଯାଇଛି । ତାର ରାଗ ଆହୁରି ବଢ଼ିଗଲା । ରାଗରେ ସେ ଆଗରେ ଠିଆ ହୋଇଥିବା କୋକିଶିଆଳି ଉପରକୁ ଲହୁଣୀ ଥାଳିକୁ ଫୋପାଡ଼ି ଦେଲା । କୋକିଶିଆଳି ବଡ଼ ଘୁଲାକ । ଝରକା ବାଟ ଦେଇ ଜଙ୍ଗଲକୁ ପଳାଇଲା । କିଛି ଆଘାତ ତା' ମୁଣ୍ଡରେ ନ ଲାଗି ଲାଞ୍ଜରେ ଲାଗିଥିଲା । ଲହୁଣୀ ଲାଗି ଯିବାରୁ ଲାଞ୍ଜରେ ଧଳା ଦାଗ ହୋଇଗଲା ।

ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ସବୁ କୋକିଶିଆଳିଙ୍କ ଲାଞ୍ଜରେ ଧଳାଦାଗ ଅଛି । ସେମାନଙ୍କର ବିଶ୍ୱାସଘାତକତାର ଚିହ୍ନ ଆଜି ପର୍ଯ୍ୟନ୍ତ ରହି ଆସିଛି ।

ସୁନ୍ଦର ଗୀତ ଗାଉଥିବା ଝିଅଟି ଫେରି ଆସିବାରୁ ବୁଢ଼ୀର ସବୁ ଚିନ୍ତା ଦୂର ହୋଇଗଲା । ପୁଣି ସେ ଛୋଟ ଛୋଟ ବତକ ପାଳିଲା । ତାଙ୍କ ପାଇଁ ଗୋଟିଏ ବଡ଼ ଘେରା ତିଆରି କଲା । ପୁଣି ପୋଖରୀ କୂଳରେ ପରୀମାନଙ୍କର ସୁନ୍ଦର ସୁନ୍ଦର ଗୀତ ଶୁଣାଗଲା ।

Digitized by PPRACHIN, SOA

ପକ୍ଷୀର ଭାଷା

(ସୋଭିଏତ ସଂଘ)

ସମୁଦ୍ର କୂଳରେ ସହରଟିଏ ଥିଲା । ସେଠାରେ ଜଣେ ଧନୀ ବେପାରୀ ରହୁଥିଲେ । ତାଙ୍କର ଦୁଇଟି ପୁଅ ଥିଲେ– ବିସଳୀ ଓ ଲବାନ ।

ବିସଳୀ ବଡ଼ ଓ ବହୁତ ଚାଲାକ । କିନ୍ତୁ ଲବାନ ସରଳ ସ୍ୱଭାବର ଥିଲା କିନ୍ତୁ ବହୁତ ପରିଶ୍ରମୀ ଓ ଦୟାଳୁ ମଧ୍ୟ ଥିଲା ।

ବିସଳୀକୁ ଉପଯୁକ୍ତ ଗୁଣୀ ବୋଲି ଭାବି ବେପାରୀ ତାକୁ ବହୁତ ଭଲ ପାଉଥିଲେ । ତାଙ୍କୁ ଲାଗୁଥିଲା ଯେ ବିସଳୀ ଦିନେ ତାଙ୍କର ବ୍ୟବସାୟକୁ ସମ୍ଭାଳିବ । କିନ୍ତୁ ଲବାନ ସବୁବେଳେ ବାପାଙ୍କ ଠାରୁ ଗାଳି ଶୁଣୁଥିଲା । ତାକୁ ବୋକା ଭାବି ବାପା କଥା କଥାକେ ଗାଳି ଦେଉଥିଲେ । ବିଚରା ଲବାନ ଚୁପ୍‌ଚାପ୍ ସବୁ ସହି ଯାଉଥିଲା ।

ଥରେ ବେପାରୀ ନିଜ ଦୁଇ ପୁଅଙ୍କୁ ଡ଼ାକି ବେପାର କରିବାକୁ ବାହାରକୁ ଯବା ପାଇଁ କହିଲେ । ବିସଳୀକୁ ଦଶଟି ସୁନା ମୋହର ଏବଂ ଲବାନକୁ ମାତ୍ର ଦୁଇଟି ସୁନା ମୋହର ସେ ଦେଲେ ।

ତା'ପରେ ଦୁହେ ବିଭିନ୍ନ ଦିଗକୁ ବାହାରିଲେ । ଗୋଟିଏ ସପ୍ତାହ ପରେ ଦୁହିଁଙ୍କୁ ଫେରିବାକୁ ପଡ଼ିବ ।

ଘରୁ ବାହାରି ବିସଳୀ ଗୋଟିଏ ମେଳାରେ ଯାଇ ପହଞ୍ଚିଲା । ସେଠାରେ ତାକୁ ଅନେକ ସାଙ୍ଗ ସାଥୀ ମିଳିଗଲେ ଓ ତାଙ୍କ ସାଙ୍ଗରେ ମଉଜ କରି ସବୁଯାକ ସୁନା ମୋହର ସାରି ଦେଲା ।

କିନ୍ତୁ ବିଚରା ଲବାନ ଦୁଇ ଦିନ ପର୍ଯ୍ୟନ୍ତ ଏଣେତେଣେ ବୁଲିଲା । କୁଆଡ଼େ ଯିବ ? କ'ଣ କରିବ? ସେ କିଛି ଭାବି ପାରୁନଥିଲା । ହଠାତ୍ ଦିନେ ବଣରେ ଯାଉ ଯାଉ ସେ ଜଣେ କାଠୁରିଆକୁ ଦେଖିଲା ଏବଂ ସେ ତା'ସାଙ୍ଗରେ ଗଲା ।

ସେଦିନ ରାତିରେ ବହୁତ ଜୋରରେ ଝଡ଼ ହେଉଥାଏ । ସେହି ଝଡ଼ରେ ଗୋଟିଏ ଚଢ଼େଇର ବସା ଭାଙ୍ଗି ପଡ଼ିଲା ଓ ଚଢ଼େଇର ଗୋଟିଏ ଛୁଆ ତଳେ ପଡ଼ିଗଲା । ଲବାନ ତାକୁ ସ୍ନେହରେ ଉଠାଇ ଚଢ଼େଇ ବସାଟିକୁ ସଜାଡ଼ି ଦେଇ ସେଥିରେ ତାକୁ ଶୁଆଇ ଦେଲା । ସେତିକିବେଳେ ମାଆ ଚଢ଼େଇଟି ଦୂରରୁ ଏ ସବୁ ଦେଖୁଥିଲା । ଝଡ଼ ବନ୍ଦ ହୋଇଯିବା ମାତ୍ରେ ସେ ଲବାନ ପାଖକୁ ଆସି ବହୁତ ସ୍ନେହରେ କହିଲା, "ପୁଅ ତୁମେ ବହୁତ ଦୟାଳୁ । ତୁମେ ଆଜି ମୋ ଛୁଆର ଜୀବନ ବଞ୍ଚାଇଛ । କୁହ ତୁମକୁ ମୁଁ କ'ଣ ପୁରସ୍କାର ଦେବି ?"

ପକ୍ଷୀଟି ମଣିଷଙ୍କ ପରି କଥା କହିବା ଦେଖି ଲବାନ୍ ଆଶ୍ଚର୍ଯ୍ୟ ହେଲା । ପକ୍ଷୀଟି ପୁଣି ପଚାରିବାରୁ ସେ କହିଲା, "ମୋତେ ପୁରସ୍କାର ଦେବା ଦରକାର ନାହିଁ । ମୁଁ ତ ମୋର କର୍ତ୍ତବ୍ୟ କରିଛି ।"

ପକ୍ଷୀଟି ବାରମ୍ବାର ଜିଦ୍ ଧରିବାରୁ ଲବାନ୍‌କୁ ଶେଷରେ କିଛି ମାଗିବାକୁ ପଡ଼ିଲା । ତେଣୁ ସେ କହିଲା, "ଆଚ୍ଛା ଯଦି ତୁ ଜିଦ୍ ଧରୁଛୁ ତେବେ ଗୋଟିଏ କାମ କର । ମୋତେ ତୋ ଭାଷା ବହୁତ ମଧୁର ଲାଗୁଛି । ମୋତେ ତାହା ଶିଖାଇ ଦେବୁ ?"

ପକ୍ଷୀଟି ଲବାନ୍‌ର କଥା ମାନିଲା ଏବଂ ଦୁଇ ଚାରି ଦିନ ଭିତରେ ନିଜ ଭାଷା ତାକୁ ଶିଖାଇ ଦେଲା । ସପ୍ତାହ ଶେଷ ହେବା ପରେ ଦୁଇ ଭାଇ ଘରକୁ ଫେରିଲେ ।

Digitized by PPRACHIN, SOA

ବେପାରୀ ବହୁତ ଖୁସିରେ ବିସଳୀକୁ ପଚାରିଲା, "କଅଣ ରୋଜଗାର କରିଛୁ, ପୁଅ ?"

"ବାପା, ମୁଁ ମେଳାକୁ ଯାଇଥିଲି । ସେଠାରେ କୌଣସି ଭଲ କାମରେ ନିଜ ଧନକୁ ଖଟାଇଛି । ପରେ କେବେହେଲେ ତାର ଲାଭ ଆମକୁ ମିଳବ । "

ବାପା ନଜର ଚତୁର ପୁଅର କଥା ଶୁଣି ସନ୍ତୁଷ୍ଟ ହୋଇଗଲେ ।

ପୁଣ ସେ ଲବାନ୍ ଆଡକୁ ଦେଖି ପଚାରିଲେ, "ତୁ କଅଣ କରିଛୁ ?

ଲବାନ୍ କିଛି ନ କହି ଚୁପଚାପ ବାପା ଦେଇଥିବା ମୋହର ଦୁଇଟି ଫେରାଇ ଦେଲା ।

"ସାରାଦିନ ପର୍ଯ୍ୟନ୍ତ ତୁ କଅଣ କରିଥିଲୁ ?" ସେ ରାଗିକରି ପୁଣି ପଚାରିଲେ ।

"ମୁ ଜଙ୍ଗଲକୁ ଯାଇଥିଲି । ସେଠାରେ ପକ୍ଷୀମାନଙ୍କ ଭାଷା ଶିଖିଲି ।"

ବାପା ହସିବାକୁ ଲାଗିଲେ ଓ କହିଲେ "ତୁ ସତରେ ମୂର୍ଖ । ଆରେ ପାଗଳ, ପକ୍ଷୀଙ୍କ ଭାଷା କଅଣ କେବେ ମଣିଷ ବୁଝିପାରେ ?"

ବାପାଙ୍କ କଥା ଶୁଣି ଲବାନ୍ କିଛି କହିଲା ନାହିଁ, ଚୁପ ହୋଇ ରହିଲା ।

ଏହି ସମୟରେ ବେପାରୀର ଦୃଷ୍ଟି ସାମନା କାଛରେ ବସି ଚେଁ ଚେଁ କରୁଥିବା ପକ୍ଷୀ ଉପରେ ପଡ଼ିଲା । କିଛି ଭାବିକରି ସେ କହିଲେ, "ଆଛା ତୁ ପକ୍ଷୀଙ୍କ ଭାଷା ଯଦି ବୁଝିପାରୁଛୁ ତା'ହେଲେ କହ, ସାମାନାରେ ବସଥିବା ପକ୍ଷୀଟି କଅଣ କହୁଛି ?" ଇବାନ୍ ମନଦେଇ ପକ୍ଷୀର କଥା ଶୁଣିଲା ଓ ତା' ପରେ ବାପାଙ୍କ ଆଡକୁ ଚାହିଁ କହିଲା "ସେମାନେ ଯାହା କହୁଛନ୍ତି ତାହା ମୁ କହିପାରିବି ନାହିଁ ।"

ଏହି ଉତ୍ତର ଶୁଣି ବେପାରୀକୁ ରାଗ ଲାଗିଲା । ସେ କାନକୁ ଟାଣିକରି କହିଲେ "ଆରେ ଯଦି ଜାଣିଛୁ, ତା' ହେଲେ କହୁନୁ କାହିଁକି ? ଦୁଷ୍ଟ କେଉଁଠିକାର । ମତେ ବୋକା ବୋଲି ଭାବିଛୁ ?

ଇବାନ୍ ଡରରେ ଥରିବାକୁ ଲାଗିଲା ।

ସେ କହିଲା, "ଏମାନେ କହୁଛନ୍ତି, ଯେଉଁ ବ୍ୟକ୍ତି ଅନ୍ୟାୟ କରେ ସେ ଦିନେ ନା ଦିନେ ଭିକାରୀ ହୁଏ । ଯେଉଁ ବ୍ୟକ୍ତି ଅଳସୁଆ, କାମଚୋର ଓ ମିଛୁଆ ସେ ସଇସ ହୁଏ । କିନ୍ତୁ ଯେଉଁ ଲୋକ ସାଧାସଧା ଓ ସତ୍ୟବାଦୀ ତାକୁ ରାଜ୍ୟ ମିଳେ ।"

ଇବାନ୍ ନିଜ କଥା ଶେଷ କରିଛି କି ନାହିଁ ବେପାରୀ ତା' ଗାଲରେ ଜୋରରେ ଚପୁଡାଟାଏ ପକାଇ କହିଲେ "ଆରେ ମୂର୍ଖ ଆମକୁ ଭିକାରୀ ଓ ସଇସ କରି ନିଜକୁ ସାଧାସଧା କହି ରାଜା କରୁଛୁ ? ତୁ ଜଙ୍ଗଲକୁ ଯାଇ ଏଇଆ ଶିଖିଛୁ ?" ବେପାରୀ ତାକୁ ରାଗରେ ଏତେ ବାଡେଇଲେ ଯେ ସେ ତଳେ ପଡ଼ିଗଲା ।

Digitized by PPRACHIN, SOA

ଏହାର କିଛିଦିନ ପରେ ବେପାରୀ ନିଜର ଦୁଇପୁଅଙ୍କୁ ତାର ଜଣେ ଧନୀ ମିତ୍ରଙ୍କ ପାଖକୁ ପଠାଇଲେ । ସେ ନିଜ ମିତ୍ରଙ୍କୁ ଚିଠି ଲେଖିଲେ ଯେ ମୋ ବଡ଼ପୁଅ ବିସଲୀ ବହୁତ ଚତୁର ଅଟେ । ତାକୁ କୌଣସି ଭଲ କାମ ଦେବ । କିନ୍ତୁ ଇବାନ ବିଲକୁଲ ବୋକା ଅଟେ—ଗୋବରଗଣେଶ ତାକୁ ବାସନ ମାଜିବା କାମରେ ଲଗାଇ ଦେଲେ ବହୁତ ହେବ । ଚିଠିକୁ ନେଇ ଦୁହେଁ ଧନୀ ବେପାରୀଙ୍କ ପାଖକୁ ଗଲେ ।

ବେପାରୀ ଚିଠି ପଢି ଦୁଇଜଣଙ୍କୁ ନିରିଖି ଦେଖିଲା । କିନ୍ତୁ ସେ ଜାଣିପାରିଲା ନାହିଁ ତାଙ୍କ ଭିତରୁ କିଏ ଚତୁର ଓ କିଏ ମୂର୍ଖ ।

ତେଣୁ ପରୀକ୍ଷା ନେବାପାଇଁ ସେ କହିଲା, "ତୁମେ ଦୁହେଁ ଫାଉଡା ଓ ଟୋକେଇ ନେଇ ଆଗରେ ଥିବା ସୁନା ପାହାଡକୁ ଯାଇ ମାଟି ଖୋଳି ନେଇଆସ । ଯିଏ ଶୀଘ୍ର ଓ ବେଶୀ ମାଟି ଖୋଳି କରି ଆଣିବ ତାକୁ ପୁରସ୍କାର ମିଳିବ ।

ଦୁଇଭାଇ ପାହାଡ ଉପରେ ପହଞ୍ଚିଲେ ।

ଚଟାଣ ବହୁତ ଟାଣ ଥିଲା । ସେଥିରେ ସ୍ଥାନେ ସ୍ଥାନେ ସୁଡଙ୍ଗ ଥିଲା, ଯେଉଁଠାରେକି ପକ୍ଷୀମାନେ ବସା ତିଆରି କରିଥିଲେ ।

ବିସଲୀ ଯେମିତି ଫାଉଡା ମାରିବା ଆରମ୍ଭ କଲା , ପକ୍ଷୀମାନଙ୍କ ବସା ଭାଂଗିବାକୁ ଲାଗିଲା ।

ଏହା ଦେଖି ପକ୍ଷୀମାନେ ଡରିକରି ଚେଁ ଚେଁ କରି ଆକାଶରେ ଉଡ଼ିବାକୁ ଲାଗିଲେ ।

"ବିସଲୀ ଏମାନଙ୍କ ବସା ଭାଂଗନାହିଁ । ଏହି ପକ୍ଷୀମାନେ କହୁଛନ୍ତି ଯିଏ ଆମ ବସା ନଷ୍ଟ କରିବ ତାହାର ବହୁତ କ୍ଷତି ହେବ ।" ଇବାନ୍ ପାଟିକରି କହିଲା ।

ଏହା ଶୁଣି ବିସଲୀ ରାଗରେ କହିଲା, "ପୁଣି ତୁ ପାଗଳାମି ଆରମ୍ଭ କଲୁଣି ।" ଇବାନ୍ ଚୁପ ହୋଇଗଲା, କିନ୍ତୁ ବିସଲୀ ପକ୍ଷୀମାନଙ୍କର ବସା ଭାଂଗିବାରେ ଲାଗିଲା ।

ତା' ପରେ ଯେମିତି ସେମାନେ ଟୋକେଇରେ ମାଟି ଭରି ଫେରିବାକୁ ଲାଗିଲେ ସେତେବେଳେ ସବୁ ଚଢେଇ ପାଟି କରି ବିସଲୀ ଉପରେ ଆକ୍ରମଣ କଲେ ।

ଏହି ଅଗ୍ରନକ ଆକ୍ରମଣ ଫଳରେ ଡରିକରି ବିସଲୀର ପାଦ ଖସିଗଲା ଓ ସେ ପଡ଼ିଗଲା । ସେ ଚଟାଣରେ ଗଡ଼ି ପଡିବା ପୂର୍ବରୁ ଇବାନ୍ ତାକୁ ଧରି ପକାଇଲା । କିନ୍ତୁ ବିସଲୀର ଟୋକେଇ ତଳେ ପଡିଗଲା ।

ସେ ଦୁହେଁ ଫେରି ଆସିଲେ । ଇବାନ୍ ହାତରେ ମାଟି ଟୋକେଇ ଥିଲା ଓ ତା' ପଛରେ ଖାଲି ହାତରେ ମୁହଁ ଶୁଖାଇ ବିସଲୀ ଆସୁଥିଲା ।

କିଛି ଦୂର ଆସିବା ପରେ ବିସଲୀ ସହାନୁଭୂତି ଦେଖାଇ କହିଲା, "ଭାଇ ତୁ ଥକି ଯାଇଛୁ । ଆଣ' ତୋ ଟୋକେଇ ମୁ କିଛି ଦୂର ବୋହିନେବି । ତୁ ଏଠାରେ ବସି କିଛି ସମୟ ଆରାମ କର ।"

ଇବାନ୍ ଛୋଟ, ଦୁର୍ବଳ ଓ ପତଳା ଥିଲା । ସେ ବିସଲୀ କଥା ମାନିନେଲା । ଦିନସାରା ପରିଶ୍ରମ କରି ସେ ବହୁତ ଥକିଯାଇଥିଲା । ଆରାମ କରିବାକୁ ବସିବା ମାତ୍ରେ ତାକୁ ଜୋରରେ ନିଦ ହୋଇଗଲା । ତାଦ୍ଵାରା ବିସଲୀକୁ ଭଲ ସୁଯୋଗ ମିଳିଗଲା । ଟୋକେଇ ଉଠାଇ ଇବାନ୍‌କୁ ସେଠାରେ ଛାଡ଼ି ସେ ଘରକୁ ଚାଲିଆସିଲା ।

Digitized by PPRACHIN, SOA

ଘରେ ପହଞ୍ଚି ବେପାରୀକୁ କହିଲା ଇବାନ୍ ବହୁତ ଅଳହୁଆ । ନିଜ ଟୋକେଇକୁ ଫିଂଗି ଆରାମରେ ଶୋଇ ଯାଇଛି ।

ବେପାରୀ ଭାବିଲା ଇବାନ୍‌ର ବାପା ଠିକ୍ ଲେଖିଛନ୍ତି ଯେ ସେ ଗୋଟାଏ ବୋକା ।

ରାତିରେ ଯେମିତି ଇବାନ୍ ଫେରିଲା, ବେପାରୀ ତାକୁ ବହୁତ ମାରିଲା ଓ ଭୋକ ଉପାସରେ ଘରୁ ବାହାର କରିଦେଲା ।

ସାରାରାତି ସେ ବାହାରେ ଥଣ୍ଡାରେ ଥରିବାକୁ ଲାଗିଲା ।

ତା' ପରଦିନ ତାକୁ ଜଣାପଡିଲା କି ଗୋଟିଏ ଜାହାଜ ଯାତ୍ରାରେ ବାହାରୁଛି । ବହୁତ ଅନୁରୋଧ କରିବା ପରେ ଇବାନ୍‌କୁ ଜାହାଜରେ ବାସନ ସଫାକରିବା କାମ ମିଳିଗଲା ।

ଜାହାଜରେ ଏପଟ-ସେପଟ ବୁଲୁଥିଲା ବେଳେ ହଠାତ୍ ସେ ଚକଚକିଆ ଲୁଗା ପିନ୍ଧିଥିବା ବିସଳୀକୁ ସେଠାରେ ଦେଖିଲା । ତାକୁ ବହୁତ ଆଶ୍ଚର୍ଯ୍ୟ ଲାଗିଲା, ପଚାରିଲା "ବିସଳୀ ତୁମେ ଏଠାରେ ? ମୁଁ ତ ସାରାରାତି ତୁମ କଥା ଭାବୁଛି । ବେପାରୀ ମୋତେ ବହୁତ ମାରିଲେ । ମୁଁ ଭାବୁଥିଲି ତୁମକୁ ମଧ୍ୟ କିଛି କମ୍ ମାରିନଥିବେ । ଆରେ, ତୁମେ ଏକାବେଳେ ଏତେ ବଡଲୋକ କିପରି ହୋଇ ଯାଇଛ ?"

"ଏତ ନିଜ ନିଜର ଭାଗ୍ୟ," ବିସଳୀ କହିଲା, "ବେପାରୀ ମୋ ଉପରେ ରାଗିଲେନି । ବରଂ ମୋ ଯୋଗ୍ୟତା ଦେଖି ଖୁସୀ ହୋଇ ନିଜ ଜାହାଜରେ କ୍ୟାପଟେନ୍ କରିଦେଲେ ।"

Digitized by PPRACHIN, SOA

"କିନ୍ତୁ ଜାହାଜ ବିଷୟରେ ତୁମକୁ ତ କିଛି ଜଣାନାହିଁ ?" ଇବାନ୍ କହିଲା । ତା କଥା ଶୁଣି ବିସଲୀ କିଛି ଉତ୍ତର ଦେଲା ନାହିଁ, ବରଂ ରାଗରେ ମୁହଁ ଛିଆଡ଼ିକରି ଚାଲିଗଲା ।

ଜାହାଜ ଚାଲିବାର ସମୟ ଆସିବାରୁ ବଡ କ୍ୟାପଟେନ ବସଲୀକୁ ପାଗ ବିଷୟରେ ପଚାରିଲେ । ବସଲୀକୁ ଏସବୁ କିଛି ଜଣା ନଥିଲା, ମାତ୍ର ସେ କାହିଁକି ତାର ମୂର୍ଖାମୀକୁ ମାନିନେବ ? ବଡ ଆଡ଼ମ୍ବରେ କହିଲା "ଜାହାଜ ଚଳାଅ । ପାଗ ଠିକ୍ ରହିବ । "

ଜାହାଜ ଚାଲିଲା ବେଳକୁ ଇବାନ୍ ଦଉଡ଼ି-ଦଉଡ଼ି ଆସିଲା ଓ ବିସଲୀକୁ କହିଲା, "ବିସଲୀ ଜାହାଜ ଚଳାଅ ନାହିଁ । ଝଡ ହେବାର ଅଛି । ବର୍ତ୍ତମାନ ଆକାଶରେ ଉଡୁଥିବା ପକ୍ଷୀମାନେ କହୁଥିଲେ ।"

ମାତ୍ର ବିସଲୀ ଉପରେ ତା' କଥାର କୌଣସି ପ୍ରଭାବ ପଡ଼ିଲା ନାହିଁ । ସେ ଧମକେଇ ତାକୁ ଚୁପ୍ କରାଇଦେଲା ।

ଜାହାଜ ଚାଲିବାର କିଛି ସମୟପରେ ଭୟଂକର ଝଡ଼ ମଧ୍ୟରେ ପଡ଼ିଗଲା । ବଡ଼ କ୍ୟାପଟେନ ବହୁତ କଷ୍ଟରେ ଜାହାଜକୁ ରକ୍ଷାକଲେ ।

ପକ୍ଷୀମାନଂକ ବିଷୟରେ ଇବାନ ଯେଉଁକଥା କହିଥିଲା କ୍ୟାପଟେନର ତାହା ମନେ ପଡ଼ିଗଲା । ସେହି ମୁହୂର୍ତ୍ତରେ ଇବାନକୁ କ୍ୟାପଟେନ କରିଦେଲେ ଓ ବସଲୀକୁ ବାସନ ସଫାକରିବା କାମରେ ଲଗାଇଦେଲେ ।

ଇବାନର ଚତୁରତା ଯୋଗୁଁ ଯାତ୍ରା ସଫଳହେଲା । କୁଶଳରେ ସେମାନେ ଅନ୍ୟ ଦେଶରେ ପହଂଚିଗଲେ । ସେଠାରେ ବେପାରୀଙ୍କର ବହୁତ ଲାଭହେଲା । ଖୁସୀହୋଇ ଇବାନକୁ ପୁରସ୍କାର ସ୍ୱରୂପ ବହୁତ ସୁନାଦେଲେ ।

ସେଇ ଦେଶ ଇବାନକୁ ଏତେ ଭଲଲାଗିଲା ଯେ ସେ ସେଠାରେ ରହିବାକୁ ଥିରକଲା । ବିସଲୀ ମଧ୍ୟ କୌଣସିମତେ ସେହି ଦେଶରେ ରହିଲା ।

ଏମିତି ଦିନେ ହେଲା ଯେ ସେହି ଦେଶର ରାଜା କାଉମାନଂକ ଉତ୍ପାତ ଯୋଗୁ ବହୁତ ବ୍ୟସ୍ତହୋଇ ପଡ଼ିଲେ । ରାଜମହଲରେ ଅନେକ ଡ଼ାମରାକାଉ ଦିନରାତି ଚବିଶଘଣ୍ଟା କା, କା ଶବ୍ଦକରି ଶାନ୍ତିରେ ଟିକିଏ ଶୋଇବାକୁ ଦେଉନଥିଲେ । ତାଂକୁ ତଡ଼ିବାପାଇଁ ବହୁତ ପ୍ରକାର ଉପାୟ କରାଗଲା ମାତ୍ର କିଛି ଫଳ ହେଲାନାହିଁ । ଶୋଇ ନପାରିବାହେତୁ ରାଜା ବେମାର ହୋଇପଡ଼ିଲେ ।

ସେ ବ୍ୟତିବ୍ୟସ୍ତ ହୋଇ ଶେଷରେ ଘୋଷଣା କଲେ ଯେ ଯିଏ ତାଂକୁ କୁଆମାନଂକ ଦାଉରୁ ମୁକ୍ତିଦେବ, ତାକୁ ଅଧା ରାଜ୍ୟ ମିଳିବ ଓ ରାଜକୁମାରୀ ସହିତ ତାର ବିବାହ କରିଦିଆଯିବ ।

ବିସଲୀ ଏହାଶୁଣି ସଂଗେ ସଂଗେ ପ୍ରସ୍ତୁତ ହୋଇଗଲା ।

ସେ ସାରା ସହରରେ ଥିବା ବିଲେଇମାନଂକୁ ଏକାଠି କଲା । ତାଂକୁ ବହୁତଦିନ ପର୍ଯ୍ୟନ୍ତ ଭୋକରେ ରଖି ପରେ ସେମାନଂକୁ ମହଲ ଭିତରେ ଛାଡ଼ିଦେଲା ।

ଭୋକିଲା ବିଲେଇମାନେ କୁଆମାନଂକ ଉପରକୁ ଡେଇଁ ପଡ଼ିଲେ । ବହୁତ କୁଆ ମଲେ ଓ ଯିଏ ବଂଚିଗଲେ ସେମାନେ ଉଡ଼ି ପଳାଇଲେ ।

Digitized by PPRACHIN, SOA

Digitized by PPRACHIN, SOA

ରାଜା ସେମାନଂକଠାରୁ ମୁକ୍ତିପାଇ ବିସଲୀ ଉପରେ ବହୁତ ଖୁସୀହେଲେ ।

ରାଜା ଅଧା ରାଜ୍ୟ ବିସଲୀକୁ ଦେବାପାଇଁ ଚିନ୍ତା କରୁଥିବା ବେଳେ ହଠାତ୍ ଦିନେ ସାରା ଆକାଶରେ କାଉ ଭର୍ତ୍ତି ହୋଇଗଲେ । ହଜାରହଜାର ସଂଖ୍ୟାରେ କାଉମାନେ ଛଂଗୁଣଭଳି ବିଲେଇମାନଂକ ଉପରେ ଝାଂପିପଡ଼ି ଖୁଂପିଖୁଂପି ସେମାନଂକୁ ମାରିଦେଲେ ।

ସେହି ଦିନଠାରୁ କୁଆମାନେ ଆହୁରି ଜୋରରେ ବୋବାଇବାକୁ ଲଗିଲେ ।

ରାଜାଂକ ରାଗର ସୀମା ରହିଲନାହିଁ । କୁଆମାନଂକ ଉପରେ ତାଂକର କିଛିହାତ ନଥିଲ । ରାଗ ଆଉ ବିସଲୀ ଛଡ଼ା କାହାଉପରେ ସାରିବେ ?

ତେଣୁ ସେ ବିସଲୀକୁ ଫାଶୀ ଦେବାପାଇଁ ଆଦେଶ ଦେଲେ ।

ଇବାନ ଯେତେବେଳେ ଏକଥା ଶୁଣିଲ ସେ ଦୌଡ଼ି ଦୌଡ଼ି ରାଜାଂଙ୍କ ପାଖରେ ପହଂଚି କହିଲ, "ମୋ ଭାଇର ମୃତ୍ୟୁଦଣ୍ଡ କ୍ଷମା କରିଦଅନ୍ତୁ । କୁଆମାନଂକ ଉତ୍ପାତରୁ ମୁଁ ଆପଣଂକୁ ମୁକ୍ତି ଦେବି" ।

ରାଜା ଇବାନର କଥା ମାନିନେଲେ ।

ଇବାନକୁ ପକ୍ଷୀମାନଂକର ଭାଷା ବୁଝିବାଆଗରୁ ଜଣାଥିଲ । କୁଆମାନେ କା, କା କରି ଯାହା କିଛି କହୁଥିଲେ ତାକୁ ମନଧ୍ୟାନଦେଇ ଶୁଣିବାପରେ ଜାଣିଲ ଯେ କୁଆମାନେ ରାଜାଂଙ୍କ ପାଖରେ କିଛି ଗୁହାରି କରୁଛନ୍ତି । ମାତ୍ର ରାଜା ସେମାନଂକ ଭାଷା ବୁଝି ପାରୁନଥିବାରୁ ତାଂକ ଦୁଃଖ ଦୂର କରି ପାରୁନାହାନ୍ତି ।

ଇବାନ କୁଆମାନଂକ ଅଭିଯୋଗକୁ ଧ୍ୟାନର ସହିତ ଶୁଣି ସେମାନଂକ ଇଛା ପୂରଣ କରିଦେଲ । ସନ୍ତୁଷ୍ଟ ହୋଇ କୁଆମାନେ ସେଠାରୁ ଚାଲିଗଲେ ଓ ରାଜାଂକୁ ସେହି କା-କା ଶବ୍ଦରୁ ମୁକ୍ତି ମିଳିଲ ।

ଇବାନକୁ କେବଳ ଯେ ଅଧା ରାଜ୍ୟ ମିଳିଲ, ତାହା ନୁହେଁ ରାଜକୁମାରୀଂକ ସହିତ ତାର ବିବାହ ମଧ୍ୟ ହୋଇଗଲ ।

ବସଲୀର ମୃତ୍ୟୁଦଣ୍ଡ କ୍ଷମାକରି ଦଆଗଲ । ସେହି ରାଜ୍ୟର ନୟମ ଥିଲ କି ଯାହାକୁ କ୍ଷମା ଦିଆଯିବ ତାକୁ ସାରା ଜୀବନ ପର୍ଯ୍ୟନ୍ତ ରାଜମହଲର ଘୋଡ଼ାଶାଳରେ ସଇସହୋଇ କାମକରିବାକୁ ପଡ଼ିବ ।

ଏଣୁ ବିସଲୀ ସଇସ ହୋଇ ରହିଲ ।

ଏହିପରି କେତେବର୍ଷ କଟିଗଲ । ଇବାନ ସୁଖରେ ରାଜତ୍ୱ କରୁଥିଲ ।

Digitized by PPRACHIN, SOA

ଦିନେ ରାଣୀଙ୍କୁ ସାଂଗରେ ନେଇ ସେ ଶୀକାର କରିବା ପାଇଁ ବାହାରିଲା । ଜଂଗଲର ଶେଷ ଭାଗରେ ପହଂଚି ଦେଖିଲା କି ଗୋଟିଏ ବୁଢ଼ା ଭିକାରୀ ଗୀତ ଗାଇ-ଗାଇ ଲୋକମାନଂକୁ ଭିକ୍ଷା ମାଗୁଛି । ସେ ଯେଉଁ ଗୀତ ଗାଉଥିଲା ତାର ଅର୍ଥ ହେଲା ଯେ ଚଢ଼େଇର କଥା ବେଳେବେଳେ ସତ ହୁଏ । ମୁଁ ତ ଭିକାରୀ ହେଲି, କିନ୍ତୁ ମୋ ଇବାନ ରାଜା ହୋଇ ପାରିଲାନାହିଁ ।

ଏଇ ବିଚିତ୍ର ଗୀତ ଶୁଣି ଇବାନ ଅଟକିଯାଇ ଭିକାରୀ ପାଖକୁ ଯାଇ ସେହି ବୁଢ଼ାକୁ ଭଲକରି ଦେଖିଲା ।

ସେ ତାଂକୁ ଦେଖନ୍ତୁକ୍ଷଣ ଚିହ୍ନିପାରିଲା ।

ତାଂଙ୍କର ପାଦତଳେ ପଡ଼ି କହିଲା, "ବାପା, ଚଢ଼େଇର କଥା ସବୁବେଳେ ସତ ହୁଏ । ମୁଁ ହିଁ ଆପଣଂକର ପୁଅ ଇବାନ" ।

ବୁଢ଼ା ବାପା ରାଜା ହୋଇଥିବା ନିଜ ପୁଅକୁ କୋଳକଲେ ଏବଂ ଖୁସୀରେ ତାଙ୍କ ଆଖିରୁ ଲୁହ ବୋହିବାକୁ ଲାଗିଲା ।

Digitized by PPRACHIN, SOA

ବା ଖୋ

(ଭିଏତ୍‌ନାମ)

କୌଣସି ଏକ ଗାଁରେ ଗୋଟିଏ ଗରୀବ ବୁଢ଼ୀଟିଏ ରହୁଥିଲା । ତାର ଗୋଟିଏ ବୋଲି ପୁଅ । ନାଆଁ ତାର ବାଖୋ । ବାଖୋ ବଡ଼ ଶାନ୍ତ ସ୍ୱଭାବର ପିଲଥିଲା । କେବେହେଲେ ସେ କାହାର କିଛି କ୍ଷତି କରୁ ନଥିଲା । ସମସ୍ତଙ୍କୁ ମଧୁର କଥା କହୁଥିଲା, ଖୁସୀରେ ଖେଳୁଥିଲା । କାହା ସାଂଗରେ କଳ କଜିଆ କରିବାକୁ ତାକୁ ଭଲ ଲାଗୁନଥିଲା । ନିଜର ବୁଢ଼ୀ ମା ସହିତ୍ ଦିନସାରା କ୍ଷେତରେ କାମକରେ ଓ ଯାହା କିଛି ମିଳେ ତାକୁ ଖୁସିରେ ଖାଏ ।

ଥରେ ସେହି ଦେଶରେ ଅଗ୍ନନକ ଗୋଟିଏ ରାକ୍ଷସର ଭୟ ଖେଳିଗଲା । ତାର ଚାରୋଟି ମୁହଁ ଓ ପାଂଚୋଟି ନାକଥିଲା । ପାହାଡ଼ପରି ଦେଖିବାକୁ ବହୁତ ଲମ୍ବା, ମୋଟା ଏବଂ ସେହିପରି ରଂଗ ତା'ର କଳା-କୋଚଟ । ଗାରି ଚାରିଟା - ମଣିଷକୁ ସେ ଏକାଥରକେ ଗାଜର-ମୂଳା ଭଳି ଚୋବାଇ ଖାଇଯାଏ ।

ସେହି ରାକ୍ଷସର ଭୟରେ ଚାରିଆଡ଼େ ହା-ହାକାର ପଡ଼ିଗଲା । ତା'ର ନାଁ ଶୁଣିବା ମାତ୍ରେ ସମସ୍ତେ ଡ଼ରରେ କଂପିବାକୁ ଲାଗିଲେ । କେହି ମଧ୍ୟ ତା'ର ଆଦେଶକୁ ଅମାନ୍ୟ କରିବାକୁ ସାହସ କରୁନଥିଲେ । ଧୀରେ-ଧୀରେ ସେ ଅନେକ ଗାଁ, ସହରର ଲୋକଂକୁ ଖାଇ ଶେଷ କରିଦେଲା । ରାଜା ମଧ୍ୟ ନିଜ ରାଜ୍ୟ ଛାଡ଼ି ପଳାଇଲେ । ଲୋକମାନେ ମଧ୍ୟ କିଏ କେଉଁଆଡ଼େ ଲୁଚିବାକୁ ଲାଗିଲେ । ମାତ୍ର ବିଚରା ବାଖୋ ଓ ତାର ବୁଢ଼ୀମା କୁଆଡ଼େ ଯାଇପାରିଲେନାହିଁ । ସେମାନେ ଦିନେ ଜାଣିଲେ ଯେ ଏଥର ରାକ୍ଷସ ତାଙ୍କୁ ଖାଇବାର ପାଳି ଆସିଯାଇଛି ।

ବିଚାର ବୁଢ଼ୀ ଏହି କଥା ଶୁଣି ଡରିଗଲା । ନିଜ ପୁଅକୁ ସେହି ରାକ୍ଷାସ ମୁହଁକୁ କିପରି ଯିବାକୁ ଦେବ ? ମାତ୍ର ବାଖୋର ଜିଦ୍ ମଧ୍ୟ କମ୍ ନଥିଲା । ସେ କୌଣସି ପ୍ରକାରେ ନିଜ ବଦଳରେ ନିଜର ବୁଢ଼ୀମାକୁ ରାକ୍ଷସ ପାଖକୁ ପଠାଇବା ପାଇଁ ରାଜି ହେଲାନାହିଁ । ଶେଷରେ ଯେତେବେଳେ ମା ତାର ମାନିଲା ନାହିଁ, ସେ ତାକୁ ବୁଝାଇ କହିଲା, "ପୁଅର ପ୍ରଧାନ କର୍ତ୍ତବ୍ୟ ହେଉଛି ନିଜ ମାତା-ପିତାଙ୍କ ସେବା କରିବା । ତେଣୁ ମା, ମୁଁ କୌଣସ ପ୍ରକାରେ ତୁମକୁ ନିଜ ବଦଳରେ ସେଠାକୁ ପଠାଇବି ନାହିଁ । ବରଂ ସେହି ଦୁଷ୍ଟ ରାକ୍ଷାସ ସାଙ୍ଗରେ ମୁଁ ନିଜେ ଲଢ଼ିବି ।"

"ପୁଅରେ ତୁ କିପରି ତା' ସହିତ ଲଢ଼ିବୁ ?" ଆଶ୍ଚର୍ଯ୍ୟ ହୋଇ ମା ପଚାରିଲେ ।

"ଯେପରି ଲଢ଼ିବା ଉଚିତ—ସେହିପରି ।" ବାଖୋ କହିଲା ।

"ମାତ୍ର ସେତ ବଡ଼ ବଳୁଆ ଓ ଦୁଷ୍ଟ ରାକ୍ଷସ ଆଉ ତୁ ପିଲା ଲୋକ, ଏକୁଟିଆ ମଧ୍ୟ ।" ବୁଢ଼ୀ ବହୁତ ବୁଝାଇ କହିଲା ।

"ତୁମର ବାଖୋ ମଧ୍ୟ କମ୍ ଲଢ଼ିବ ନାହିଁ, ମା । ଦୁନିଆର ସବୁ ବାଖୋ ଯଦି ଏକାଠି ହୋଇଯାଆନ୍ତି, ତେବେ କଅଣ ଏହିପରି ହଜାର ରାକ୍ଷସକୁ ମାରି ପାରିବେ ନାହିଁ ? ଯଦି ନିଜେ ନିଜକୁ ସାହାଯ୍ୟ କରୁ, ନିଜ ପାଇଁ ନିଜେ ଲଢ଼ୁ, ତେବେ କଅଣ ଶେଷରେ ଆମେ ଜିତି ପାରିବୁନି ?" ଛୋଟ ବୀର ବାଖୋ କହିଲା ।

ନିଜର ସାହସୀ ପୁତ୍ରର ଏପରି କଥା ଶୁଣି ଖୁସୀରେ ବୁଢ଼ୀର ଆଖିରେ ଲୁହ ଆସିଗଲା । ତାକୁ ଛାତିରେ ଲଗାଇ ବିଦାୟ ଦେଇ କହିଲା, "ଯା ପୁଅ, ଭଗବାନ ତୋର ସାହା ହେବେ । ତୋତେ ରାସ୍ତା ବତାଇ ଦେବେ । କୌଣସି ପ୍ରକାର ଅସୁବିଧାରେ ମଧ୍ୟ କେବେହେଲେ ତୁ ନିଜର ସାହସ ହରାଇବୁ ନାହିଁ । ଭଗବାନ ତାକୁ ସାହାଯ୍ୟ କରନ୍ତି, ଯିଏ ନିଜକୁ ନିଜେ ସାହାଯ୍ୟ କରେ ।"

Digitized by PPRACHIN, SOA

ଶେଷରେ ବାଖୋ ଦିନେ ମା'ଙ୍କର ଆଶୀର୍ବାଦ ନେଇ ବାହାରି ପଡ଼ିଲା । ଯାଉ ଯାଉ ସେ ଗୋଟିଏ ଛକ ଉପରେ ବସି ପଡ଼ି ନିଜର ଧାରୁଆ ଛୁରୀକୁ ବାହାର କରି ପଥରରେ ଘଷି ଘଷି ଦାଢ଼ କରିବାକୁ ଲାଗିଲା । ଯେକୌଣସି ବାଟୋଇ ସେହି ବାଟ ଦେଇ ଯାଉଥିଲେ, ତାକୁ ଦେଖି ଅଟକି ଯାଉଥିଲେ । ନପଗ୍ଭରି ରହି ପାରୁନଥିଲେ । "ବାଖୋ", ଏହା ତୁମେ କ'ଣ କରୁଛ ? ପ୍ରଥମରୁ ତ ଛୁରୀ ଏତେ ଧାରୁଆ । ପୁଣ ତାକୁ ଆହୁରି ଦାଢ଼ କାହିଁକି କରୁଛ"

ସେତେବେଳେ ବାଖୋ ହସିକରି ଉତ୍ତର ଦେଉଥିଲା, "ଏଥିରେ ବିଜୁଳି ପରି ଚମକୁଥିବା ଦାଢ଼ ଆଣିବା ପାଇଁ !"

"ମାତ୍ର କାହିଁକି ?" ଲୋକମାନେ ଉତ୍‌କଂଠା ସହିତ ପଗ୍ଭରୁଥିଲେ । "କଳା ରାକ୍ଷସକୁ ମାରିବା ପାଇଁ" ବାଖୋ ଉତ୍ତର ଦେଉଥିଲା, "କ'ଣ ଆପଣମାନେ ମୋତେ ସାହାଯ୍ୟ କରିବେ ?"

"ଆରେ ବାପରେ ବାପ । ଯଦି ଏହି କଥା ରାକ୍ଷସ ରାଜା ଶୁଣିନିଏ, ତେବେ ଆମକୁ କଞ୍ଚା ଖାଇଯିବ । ଏପରି କଥା କୁହନ୍ତି ନାହିଁ ପାଗଳା ! " ଏତିକି କହି ଲୋକମାନେ ଦୌଡ଼ି ପଳାଉଥିଲେ ।

ବିଗ୍ଭରା ବାଖୋ କୁ କିଏ ପୁଣି ସହାୟତା କରିବ ? ମାତ୍ର ସେ ମଧ୍ୟ ସାହସ ହରାଇଲା ନାହିଁ ।

ସେ ଲୋକମାନଙ୍କ ବସ୍ତିକୁ ଛାଡ଼ି ଦୂର ଜଙ୍ଗଲକୁ ଗଲା । ଯାଉଥିବା ସମୟରେ ତାର ନାଗରାଜାଙ୍କ ସାଙ୍ଗରେ ଭେଟ ହେଲା । ବାଖୋ ନିଜର ସବୁ କଥା ତାଙ୍କୁ ଶୁଣାଇଲା । ବିଷାକ୍ତ ନାଗରାଜାଙ୍କ ମନ ତାର ଦୁଃଖଭରା କଥା ଶୁଣି ତରଳି ଗଲା । ସେ କଥାଦେଲେ ଯେ ସମସ୍ତ ସାପସେନା ତାର ସାହାଯ୍ୟ କରିବେ ।

ପୁଣି ସେ ଆଗକୁ ଯିବାରୁ ତାର ବିଷଧର ବିଛାମାନଙ୍କର ବାଦଶାହଙ୍କ ସହିତ ଭେଟ ହେଲା । ବାଖୋ ନିଜର ସେହି କଥା ତାଙ୍କୁ ପୁଣି କହିଲା । ଶେଷରେ ସେ ମଧ୍ୟ ରାଜି ହୋଇଗଲେ ।

ପୁଣି ବିରୁଡ଼ିମାନଙ୍କ ରାଜାଙ୍କ ସହିତଭେଟ୍ ହେଲା । ପିଂପୁଡ଼ି ରାଣୀ, କୋକିଶିଆଳି ରାଣୀ, ଶୃଗାଳମାନଙ୍କ ସରଦାର—ସମସ୍ତେ ନିଜ ନିଜ୍ ସେନାଙ୍କୁ ତା ସାଙ୍ଗରେ ପଠାଇବା ପାଇଁ କଥାଦେଲେ ।

ବାଖୋ ପୁଣି ବସ୍ତିରେ ପଶୁମାନଙ୍କ ପାଖରେ ପହଞ୍ଚ ନିଜର ଗୁହାରୀ କଲା । ସେଠାରେ ମଧ୍ୟ ଗାଈ, ବଳଦ, ଘୁଷୁରୀ, ଗଧ, ହାତୀ, ଓଟ ସମସ୍ତେ ସାହାଯ୍ୟ କରିବା ପାଇଁ ରାଜି ହେଲେ । ରାକ୍ଷସର ଅତ୍ୟାଗ୍ଭର କଥା ଓ ବାଖୋର ଦୁଃଖଭରା କାହାଣୀ ଶୁଣି ଅଗଣାରେ ହୋଇଥିବା ଲଙ୍କାମରିଚ ରାଣୀ ମଧ୍ୟ ରାଗରେ ଲାଲ ହୋଇଗଲା । ସେ ପାଖରେ ଝୁଲୁଥିବା କଖାରୁ ଫୁଲ କାନରେ କହିଲା, "ଆମର ମଧ୍ୟ ଏହି ଗରିବକୁ ସାହାଯ୍ୟ କରିବା ଉଚିତ !" କଖାରୁ ତଙ୍କ ତାର କଅଁଳ ଫୁଲ ଓଠ ହଲାଇ ହଁ କହିଲା । ମୂଳା, ବାଇଗଣ, ଗାଜର, ମଟର, ଟମାଟର ମଧ୍ୟ ତାଙ୍କ ସେନାମାନଙ୍କ ସହିତ ଯୁଦ୍ଧକୁ ଯିବା ପାଇଁ ଅଣ୍ଟା ଭିଡ଼ି ବସିଲେ ।

ଶେଷରେ ଯୁଦ୍ଧର ନିର୍ଦ୍ଧାରିତ ଦିନ ଆସି ପହଞ୍ଚଲା ।

ସକାଳୁ-ସକାଳୁ ବୁଢ଼ା କୁକୁଡ଼ା କୁକୁଡୁ-କୁର ଶବ୍ଦ କରି ଶୋଇ ରହିଥିବା ସଂସାରକୁ ଉଠାଇଦେଲା । ଜଙ୍ଗଲରେ ଶିଆଳର "ହୁକେ ହୋ"ର ତୂରୀ ବାଜିବା ଆରମ୍ଭ ହୋଇଗଲା । ଝିଣ୍ଟିକାର ଝାଞ୍ଜ ବାଜିବାକୁ ଲାଗିଲା । ବାସ୍ ସାରା ସୈନ୍ୟ ପ୍ରସ୍ତୁତ ହୋଇଗଲେ ।

Digitized by PPRACHIN, SOA

ସେନାପତି ବାଖୋ ସମସ୍ତଙ୍କ ଆଗେ ଆଗେ ନିଜର ଦାଢୁଆ ଛୁରୀ ନେଇ ଚାଲିଲା । ତା ପଛରେ ବିରୁଡ଼ି ସୈନ୍ୟ ଚାଲିଲେ, ତାପରେ ଫଣା ହଲାଇ, ଢିଭକାଢ ସାପମାନଙ୍କ ପଲଟଣ ଓ ଭୂଇଁ ଉପରେ ଘଷିହୋଇ ବିଛାଙ୍କ ଦଳ ପଛେ ପଛେ ଚାଲିଲେ । ତାଙ୍କ ପଛରେ ପାଦ ମିଳାଇ କୋକିଶିଆଳଙ୍କର ଦଳ ଥିଲା । ତା ପଛରେ ସୁସ୍ୱାଦୁ ଖାଦ୍ୟ ବୋହିବା ପାଇଁ ଗଧ ଖଚରଙ୍କ ପଂକ୍ତି ଥିଲେ । ଓଟ, ହାତୀମାନଙ୍କର ମଧ୍ୟ ଭିଡ଼ ଥିଲା । ସେମାନଙ୍କ ଛଡ଼ା କଖାରୁ, ଲଙ୍କାମରିଚ, ମୂଳା, ଗାଜର ଓ ବାଇଗଣ ପରି ବୀର ସିପାହୀମାନେ ଥିଲେ ।

ଏହିପରି ଠିକ୍ ଦ୍ୱିପ୍ରହର ବେଳେ ଲୋକଶୂନ୍ୟ ନିଛାଟିଆ ରାଜଧାନୀର ରାଜପଥ ଉପରେ ବାଖୋର ବଳବାନ ସେନାମାନେ ସଂଘବଦ୍ଧ ହୋଇ ଆଗକୁ-ଆଗକୁ ମାଡ଼ି ଚାଲିଲେ । ସ୍ତ୍ରୀ ଲୋକମାନେ ପୃଥିବୀର ଏଇ ବୀର ସିପାହୀମାନଙ୍କ ଉପରେ ପୁଷ୍ପ ବୃଷ୍ଟି କଲେ । ଛୋଟ ବଡ଼ ସମସ୍ତେ ଏମାନଙ୍କୁ ମୁଣ୍ଡନୁଆଁଇ ପ୍ରଣାମ କଲେ । ଏହିପରି ବାଖୋର ସୁସଜ୍ଜିତ ସୈନ୍ୟ ସେହି ପାହାଡ଼ ଆଡ଼କୁ ଚାଲିଲେ ଯେଉଁଠାରେ କି ସେହି ଭୟାନକ ରାକ୍ଷସ ରହୁଥିଲା ।

ଚାଲି-ଚାଲି କିଛି ଦୂର ଯିବା ପରେ ସେନାମାନେ ଅଟକିଗଲେ । ଆଗରେ ଗୋଟିଏ ଖରସ୍ରୋତା ଗଭୀର ନଦୀ ଥିଲା । ତାକୁ କିପରି ପାରି ହେବେ ବହୁତ ବେଳ ପାଏ ଭାବି-ଭାବି ସମସ୍ତ ସୈନ୍ୟବାହିନୀ ଠିଆ ହୋଇଗଲେ । ବହୁତ ମଧ୍ୟ ଆଗକୁ ଯିବାକୁ ସାହସ କଲେ ନାହିଁ । ମାତ୍ର ଏମାନଙ୍କ ମଧ୍ୟରେ ଏପରି ଅନେକ ମଧ୍ୟ ଥିଲେ, ଯେଉଁମାନେ କି ପଛକୁ ହଟିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ ।

ଶେଷରେ ସମସ୍ତେ ମିଳିମିଶି ପୋଲ ତିଆରି କରିବା ପାଇଁ ସ୍ଥିର କଲେ । ହାତୀମାନେ କୂଳରେ ଥିବା ବଡ଼ ବଡ଼ ଗଛକୁ ଉପାଡ଼ି ନଦୀରେ ପକାଇବା ଆରମ୍ଭ କଲେ । ମାଟି ଓ ପଥର ବୋହିବା କାମ ମାଙ୍କଡ଼ ଶିଆଳ, ଭାଲୁ, ବଣମଣିଷ ଆଦି କରିବାକୁ ଲାଗିଲେ । ଗାଜର, ମୂଳା, ବାଇଗଣମାନଙ୍କ ବୀର ସିପାହୀମାନେ ଗଧ ଓ ଖଚରମାନଙ୍କ ଉପରେ ଲଦି ମାଟି ଆଣିବାକୁ ଲାଗିଲେ । କଖାରୁ ଗଛର ଡ଼ଙ୍କମାନେ ମଧ୍ୟ ନଦୀରେ ପଡ଼ିଥିବା ଗଛଗୁଡ଼ିକୁ ପରସ୍ପର ସହିତ ବାନ୍ଧିବାକୁ ଲାଗିଲେ, ଯେପରିକି ସେଗୁଡ଼ିକ ଭାସିଯାଇ ପରସ୍ପର ଠାରୁ ଅଲଗା ନହୋଇ ଯାଆନ୍ତି ।

ଦେଖୁ ଦେଖୁ ପୋଲ ତିଆରି ହୋଇଗଲା । ମଜବୁତ କରିବା ପାଇଁ ଲମ୍ବା ଲମ୍ବା ସାପଗଡ଼ିକ ଦଉଡ଼ି ପରି ପୋଲ ଉପରେ ଗୁଡ଼ାଇ ହୋଇ ରହିଲେ ଯାହାକୁ ଧରି ଧରି ସେନାମାନେ ଆଗକୁ ଚାଲିଲେ ।

ଶେଷରେ ପୋଲ ପାରି ହୋଇଗଲେ ।

Digitized by PPRACHIN, SOA

ମାତ୍ର ସେତେବେଳକୁ ଅନ୍ଧାରରାତି ହୋଇ ଯାଇଥିଲ । ପେଚାମାନେ ଆଗେ ଆଗେ ଉଡ଼ି ରାସ୍ତା ଦେଖାଇବାକୁ ଲଗିଲେ । ଜୁଳୁଜୁଳିଆ ପୋକମାନେ ମଧ୍ୟ ପକ୍ଷୀମାନଙ୍କ ପରି ଚାରିଆଡ଼େ ଖେଳିଯାଇ ଆଲୁଅ ଦେଖାଇଲେ । କୌଣସି ପ୍ରକାରେ ଶେଷରେ ସେହି ଉଚ୍ଚା ଚଟାଣ ଉପରେ ସେନାମାନେ ପହଞ୍ଚଗଲେ ଯେଉଁଠାରେ କି ସେ ଦୁର୍ଗ ଥିଲ ଓ ସେହି ଦୁର୍ଗରେ କଳାରାକ୍ଷସ ରହୁଥିଲ ।

ସେହି ଦୁର୍ଗଟି ବହୁତ ଲମ୍ବା-ଚଉଡ଼ା ଓ ଉଚ୍ଚା ଥିଲ । କଳା ମୁଗୁନି ପଥରରେ ତିଆରି କଳା ଚଟାଣପରି ଲଗୁଥିଲ । ଉଚ୍ଚା ଉଚ୍ଚା ଲୁହାର କବାଟ, ଯାହା ଉପରେ ବଡ଼ ବଡ଼ ଲୁହା କଣ୍ଟା ଲଗିଥିଲ ଓ ବନ୍ଦ ଥିଲ । ଭିତରେ ରାକ୍ଷସ ରାଜା ଗଭୀର ନିଦରେ ଶୋଇ ଜୋରରେ ଘୁଂଗୁଡ଼ି ମାରୁଥିଲ ।

ଏପରି ମଜବୁତ କିଲ୍ଲାକୁ ଭାଙ୍ଗି ଭିତରେ ପହଂଚିବା କିଛି ସାଧାରଣ କାମ ନଥିଲ । କିନ୍ତୁ ସବୁ ବୀର ସିପାହୀମାନେ ନିଜ ଜିଦ୍‌ରୁ ପଛଘୁଞ୍ଚା ଦେବାକୁ ଚାହୁଁ ନଥିଲେ । ହାତଗୋଡ଼ ଲମ୍ବାଇ ସେମାନେ ବସି ନ ରହି ମିଳିମିଶି ପୁଣ କାମ କରିବାକୁ ବାହାରି ପଡ଼ିଲେ ।

କଖାରୁ-ଲଉ ମାନଙ୍କର ଲମ୍ବା ଲମ୍ବା ଡଙ୍କ ଦୁର୍ଗର ଛାତ ଉପରେ ଚଢ଼ିବାକୁ ଲଗିଲେ । ସାପମାନେ ମଧ୍ୟ ଉପରେ ଚଢ଼ିଲେ । ସାପ ଦଉଡ଼ି ସାହାଯ୍ୟରେ ବହୁତ ସିପାହୀ ଛାତ ଉପରେ ଚଢ଼ିବାକୁ ଲଗିଲେ । ଚୁପଚାପ ଭିତରେ ପହଞ୍ଚି ସେମାନେ ଦୁର୍ଗର ସବୁ କବାଟଗୁଡ଼ିକୁ ଖୋଲିଦେଲେ । ବାସ୍, ପୁଣି ଆଉ କଅଣ ଥିଲ । ସବୁ ସେନାମାନେ ଦୁର୍ଗ ଭିତରେ ଏକାଠି ପଶିଯାଇ ରାକ୍ଷସ ରାଜା ଉପରକୁ ଡେଇଁ ପଡ଼ିଲେ ।

Digitized by PPRACHIN, SOA

ସାପମାନେ ତାକୁ ଏପରି ଜୋରରେ ଗୁଡ଼ାଇ ଧରିଲେ ଯେ ସିଏ ହଲି ପାରିଲା ନାହିଁ । ବିରୁଡ଼ିମାନଙ୍କ ସେନା ତାର ଚାରିପଟେ ଘେରିଗଲେ । ପାଦ ଉପରେ ବିଛା ଚଢିବାକୁ ଲାଗିଲେ । ବଡ଼ ବଡ଼ ଲାଉ ତାର ଛାତି ଉପରେ ଜୋରରେ ଡେଇଁ ପଡ଼ିଲେ । ମୂଳା, ଗାଜର ମଧ୍ୟ ବର୍ଷା ହେବାକୁ ଲାଗଲେ । ଲଙ୍କାମରିଚ ତାର ଆଖି ଭିତରେ ପଶଗଲେ । ତାପରେ ବାଘୋର ଦାନ୍ତୁଆ ଛୁରୀର କାମ ଆସଲା । ବାକି ଯାହା ରହିଗଲା ହାତୀମାନେ ତାକୁ ପୂରା କରିଦେଲେ । ଶେଷରେ ଗଧିଆ ଓ କୋକିଶିଆଳମାନଙ୍କ ସେନା ନିଜ ନିଜର କସରତ ଦେଖାଇବା ଆରମ୍ଭ କରିଦେଲେ । କଳା ପାହାଡ଼ ପରି କଳା ରାକ୍ଷସ ଦେଖୁ ଦେଖୁ ମୃତ୍ୟୁର ଗଭୀର ନଦରେ ଶୋଇଗଲା । ପୁଣି ଚଢ଼େଇମାନେ ଗୀତ ଗାଇଲେ । ମଉଳି ପଡ଼ିଥିବା ଗଛସବୁ ପୁଣି ବଞ୍ଚି ଉଠିଲେ । ଗରିବ ଚାଷୀ ଓ ମୂଲିଆମାନେ ଖୁସିରେ ବଂଶୀ ବଜାଇ ସବୁଜ କ୍ଷେତରେ ପୁଣି କାମ ଆରମ୍ଭ କଲେ । ଲୋକମାନଙ୍କର ଦୁଃଖର ଦିନ ସରିଗଲା ।

Digitized by PPRACHIN, SOA

ଠେକୁଆର ଶିଂଗ

(କାମ୍ବୋଡ଼ିଆ)

ବହୁ ଯୁଗ ତଳରକଥା । ପିଂପୁଡ଼ିମାନେ ସେହି ସମୟରେ ବହୁତ ବଡ ବଡ ଥିଲେ । ଲମ୍ବା ଚଉଡ଼ା ଓ ଖୁବ୍ ମୋଟା ମଧ୍ୟ ପ୍ରାୟ ବେଙ୍ଗ ଭଳି ।

ଥରକର ଘଟଣା । କୌଣସିଠାରେ ଗୋଟିଏ ଘନ ଜଙ୍ଗଲ ଥିଲା । ସେଠାରେ କିଛି ଚୋର ଲୁଚିକରି ରହୁଥିଲେ । ତାଙ୍କ ସହିତ ଲୁଚିକରି କିଛି ପିଂପୁଡ଼ି ମଧ୍ୟ ରହୁଥିଲେ । ଦିନେ ଚୋରମାନଙ୍କ ଅସାବଧାନତା ଯୋଗୁଁ ସେମାନଙ୍କର ଚାଳଘର ଜଳିଗଲା । ସବୁ ଜିନିଷ ଜଳି ପାଉଁଶ ହୋଇଗଲା । ସବୁ ଜିନିଷ ନଷ୍ଟ ହୋଇଗଲା । ବାଧ୍ୟ ହୋଇ ତାଙ୍କୁ ଦୂରକୁ ଯିବାକୁ ପଡିଲା ।

କିନ୍ତୁ ପିଂପୁଡ଼ିମାନେ ବହୁତ ବ୍ୟସ୍ତ ହେଲେ । ଭାବିଲେ ସେମାନେ କୁଆଡେ ବର୍ତ୍ତମାନ ଯିବେ ? କଅଣ କରିବେ ? ସେ ପର୍ଯ୍ୟନ୍ତ ତ ସେମାନେ ଆରାମରେ ଥିଲେ । ଖାଇବାର ଚିନ୍ତା ନ ଥିଲା । ପିଇବାର ମଧ୍ୟ ଚିନ୍ତା ନ ଥିଲା । ଚୋରମାନେ ଜିନିଷ ଲୁଟିକରି ଆଣୁଥିଲେ ସେମାନେ ସେଥିରୁ ଚୋରିକରି ନେଉଥିଲେ । ମାଗଣାରେ ବହୁତ ଜିନିଷ ମିଳିଯାଉଥିଲା । କିନ୍ତୁ ଏବେ କଣ ହେବ ।

କାମ କରିବା ସେମାନେ ଶିଖି ନ ଥିଲେ । ଚୋରମାନଙ୍କ ସାଙ୍ଗରେ ରହି ଚୋରିକରିବା ଅଭ୍ୟାସ ମଧ୍ୟ ହୋଇ ଯାଇଥିଲା । ପରିଶ୍ରମ କରିବା ସେମାନେ ଜାଣି ନ ଥିଲେ । କିନ୍ତୁ ବର୍ତ୍ତମାନ କଅଣ କରିବେ ? ଏହା ଭାବି ଭାବି ବହୁତ ଦିନ ବିତିଗଲା । ଅଳସୁଆ ପିଂପୁଡ଼ି ଖରାରେ ପଡିପଡ ଶୁଖିବାକୁ ଲାଗିଲେ ।

ଦିନେ ସେମାନେ ଦେଖିଲେ ଯେ ପାଖ ବୁଦାରେ ଗୋଟିଏ ବୁଢ଼ା ଠେକୁଆ ନଘୋଡ ନିଦରେ ଶୋଇ ଆରାମରେ ଜୋରରେ ଘୁଂଘୁଡ଼ି ମାରୁଛି । ପିଂପୁଡ଼ିମାନେ ଧୀରେ ଧୀରେ ତା ପାଖରେ ପହଞ୍ଚିଲେ । ସମସ୍ତେ ତାକୁ ଘେରିଯାଇ ଭୋକିଲା ସିଂହ ଭଳି ତାକୁ ମାଡିବସିଲେ ।

ବୁଢ଼ା ଠେକୁଆ ଚମକି ପଡ ଉଠି ପଡିଲା । ଆଖି ଫିଟାଇଲା । ଏପଟ ସେପଟ ଚାହିଁ ଦେଖିଲା, ବଡ ବଡ ଭୟଙ୍କର ପିମ୍ପୁଡ଼ିମାନେ ତା ଉପରେ ଚଢ଼ି ଯାଉଛନ୍ତି । ତା'ର ରକ୍ତକୁ ଶୋଷି ମାଂସକୁ ଛିଣ୍ଡାଇ ଛିଣ୍ଡାଇ ଖାଇ ଯାଉଛନ୍ତି । ବିଚରା ଠେକୁଆ କଷ୍ଟରେ କୁନ୍ଥେଇବାକୁ ଲାଗିଲା । ତାପରେ ଜୋରରେ କାନ୍ଦିବାକୁ ଲାଗିଲା, କିନ୍ତୁ ତା କାନ୍ଦ ଶୁଣୁଛିବା କିଏ ?

ଶେଷରେ ତାକୁ ଗୋଟାଏ ଉପାୟ ଦିଶିଲା । ସେ ପିଂପୁଡ଼ିମାନଙ୍କୁ କହିଲା" ତୁମେମାନେ ସତରେ କେତେ ମୂର୍ଖ ! ମୋତେ ଖାଇବାକୁ ଯଦି ଚାହୁଁଛ ତେବେ ଆରାମରେ ଖାଅ । ଖୋଲା ଯାଗାରେ ନେଇକରି ରଖ । ସମସ୍ତେ ମିଳିମିଶି ଆରାମରେ ବସି ପୁଣି ଖାଅ । ଏପରି ତୁମେମାନେ କେତେ ହଇରାଣ ହେଉଛ ତୁଚ୍ଛାଟାରେ କଷ୍ଟ କରିବା ଭଲ କଥା ନୁହେଁ । "

ମୂର୍ଖ ପିଂପୁଡ଼ିମାନଙ୍କ ମୁଣ୍ଡରେ ଏହି କଥା ପଶିଲା । ଠେକୁଆକୁ ସମସ୍ତେ ମଶି ଟେକିନେଇ ଖୋଲା ପଡିଆରେ ଆଣି ପକାଇଦେଲେ । ମାତ୍ର ଠେକୁଆ ପଡୁପଡୁ ଉଠି ବସିଲା ଓ ଏକା ଡିଆଁକେ ଯାଇ ଦୂରରେ ଗୋଟିଏ ପଥର ଉପରେ ବସିଲା । ପୁଣି ହସି ହସି, ଲାଞ୍ଜ ହଲାଇ କହିଲା, "କୁହ, ଏବେ ମଧ୍ୟ କଅଣ ତୁମେମାନେ ମୋତେ ଖାଇବାକୁ ଚାହୁଁଛ ?"

Digitized by PPRACHIN, SOA

ପିଂପୁଡ଼ିମାନେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ । ହାତ ମଳି ରାଗରେ କହିଲେ, "ହଁ ଆମ୍ଭେମାନେ ତୋତେ ଖାଇବାକୁ ଚାହୁଁଛୁ । ତୁ ଆମକୁ ଠକି ଦେଉଛୁ । ଏହା ଠିକ୍ ନୁହେଁ । "

ଠେକୁଆ କିଛି ଭାବି କହିଲା, "ଠିକ୍ ଅଛି । ମୁଁ ତୁମକୁ କଥା ଦେଇଥିଲି ମଁ ସର୍ବଦା ସେଥିପାଇଁ ପ୍ରସ୍ତୁତ ଅଛି । ମାତ୍ର ମୋର ଗୋଟିଏ ସର୍ତ୍ତ ତୁମେ ସବୁ ମାନିବ । " "କି ସର୍ତ୍ତ ?" ପିଂପୁଡ଼ିମାନେ ପଚାରିଲେ ।

ଠେକୁଆ କହିଲା, "ମୁ ବର୍ତ୍ତମାନ ବହୁତ ଦୁର୍ବଳ ଓ ପତଳା ହୋଇ ଯାଇଛି । ମୋତେ ଖାଇ ତୁମ-ମାନଙ୍କର ପେଟ କେବେହେଲେ ପୂରିବ ନାହିଁ । ତେଣୁ ମୋତେ କିଛି ଦିନ ଆଉ ଜଙ୍ଗଲରେ ରହିବାକୁ ଦିଅ । ଯେତେବେଳେ ମୁଁ ମୋଟା ହୋଇଯିବି, ସେତେବେଳେ ମୋତେ ମଜାରେ ଖାଇନେବ ।"

"ତୋତେ ମୋଟା ହେବାକୁ କେତେ ସମୟ ଲାଗିବ ?" ପିଂପୁଡ଼ିମାନେ ପଚାରିଲେ ।

ବୁଢ଼ା ଠେକୁଆ ଉତ୍ତର ଦେଲା—"ଏକଥା ମୁଁ କହି ପାରିବି ନାହିଁ, ମାତ୍ର ଏହା ନିଶ୍ଚିନ୍ତ ଯେ ଯେତେବେଳେ ମୁଁ ମୋଟା ହୋଇଯିବି, ମୋର ଶିଙ୍ଗ ବାହାରିବ । ମୋ ମୁଣ୍ଡ ଆଗରେ ଲମ୍ବା ଲମ୍ବା ଶିଙ୍ଗକୁ ଦେଖି ତୁମେ ଅନୁମାନ କରିବ ଯେ ମୁଁ ମୋଟା ହୋଇଯାଇଛି । ସେତେବେଳେ ତୁମେମାନେ ମୋତେ ଖାଇପାର । ମୁଁ କିଛି କହିବିନି ।"

"ଏହା କେବେ ହେବ? " ପିଂପୁଡ଼ିମାନେ ବଡ ଦୁଃଖରେ ପଚାରିଲେ । "ଯେତେବେଳେ ତୁମର ପକ୍ଷୀହେବ" ଏତିକି କହି ଠେକୁଆଟି ପୁଣି ଏକା ଡିଆଁକେ ଜୋରରେ ବୁଦା ମଧ୍ୟରେ ଉଭେଇଗଲା ।

ଅଳସୁଆ ପିଂପୁଡ଼ିମାନେ ପାଟିରୁ ଲାଳ ଗଡାଇ ରହିଲେ । ନିଜ ମୁହଁକୁ ଶୁଖାଇ ସେମାନେ ବସି ଭାବିଲେ, "ଠେକୁଆ ମୋଟା ହେବ । ତା'ର ଶିଙ୍ଗ ହେବ । ଆମର ପକ୍ଷୀ ଲାଗିବ, ତେବେ ଆମେ ତାକୁ ଆରାମରେ ବସି ଖାଇବା ।"

ହାତ ଉପରେ ହାତ ରଖି ସେମାନେ ଅପେକ୍ଷାରେ ବସି ରହିଲେ ।

ବାଘ, ବିଲୁଆ, ଗଧିଆ, ମୂଷା, ହାତୀ ଯେ କୌଣସି ପଶୁ ସେହିବାଟେ ଯାଉଥିଲେ, ସେମାନେ ତାକୁ ଅଟକାଇ ପଚାରୁଥିଲେ, "ଭାଇ ତୁମେମାନେ ସେହି ବଡ ଠେକୁଆକୁ ଦେଖିଛ କି ? ବର୍ତ୍ତମାନ ସେ ବୋଧହୁଏ ମୋଟା ହୋଇଯିବଣି । ତାର ଲମ୍ବା ଲମ୍ବା ଶିଙ୍ଗ ମଧ୍ୟ ବାହାରି ଯିବଣି । ଆମ୍ଭେମାନେ ତାକୁ ଖାଇବୁ । ସେ କଥା ଦେଇଥିଲା ।"

ଯେ କେହି ତାଙ୍କର ଏହି ମୂର୍ଖପରି କଥା ଶୁଣୁଥିଲା, ହସୁଥିଲା ଓ ଚୁପଚାପ ଚାଲିଯାଉଥିଲା ।

ଏହିପରି ଦିନ ପରେ ଦିନ, ମାସ ପରେ ମାସ ବିତିବାକୁ ଲାଗିଲା । ମାତ୍ର ସେହି ଠେକୁଆ ତାଙ୍କୁ ଦେଖାଦେଲା ନାହିଁ । ପିଂପୁଡ଼ିମାନେ ଭୋକରେ ବସି-ବସି ଶୁଖିବାକୁ ଲାଗିଲେ । ଆଗରୁ 'ବେଙ୍ଗଭଳି ମୋଟା ଥିଲେ ଅଥଚ ବର୍ତ୍ତମାନ ସେମାନେ ଦୁର୍ବଳ ହୋଇ 'ଯଅ' ଦାନା ଠାରୁ ଛୋଟ ହୋଇ ଗଲେଣି । ମାତ୍ର ସେହି ଅଳସୁଆମାନେ କେବେହେଲେ ହାତ ଗୋଡ ହଲାଇ ନ ଥିଲେ । ଖାଦ୍ୟ ସନ୍ଧାନ କରିବା ପାଇଁ ଚେଷ୍ଟା କେବେ ବି କଲେ ନାହିଁ । ହାତ ଉପରେ ହାତ ରଖି ବସି ରହି କେତେବେଳେ ଠେକୁଆ ଆସିବ ଓ କେବେ ତାକୁ ଆରାମରେ ବସି ପେଟଭରି ଖାଇବେ ସେହିକଥା ଚିନ୍ତା କରିବାକୁ ଲାଗିଲେ ।

Digitized by PPRACHIN, SOA

ସେହି ଛୋଟ ଛୋଟ ଦୁର୍ବଳ ପତଳା ପିଂପୁଡ଼ିମାନଙ୍କର ପକ୍ଷୀ ବାହାରିଲା । ସେମାନେ ପବନରେ ଅଳ୍ପ ଅଳ୍ପ ଉଡ଼ିବାକୁ ଲାଗିଲେ । ସେହି ସମୟରେ ଦିନେ ସେମାନେ ଦେଖିଲେ କି ବୁଢ଼ା ଠେକୁଆ ଗୋଟିଏ ଉଚ୍ଚା କୁଦ ଉପରେ ବସି ସେମାନଙ୍କ ଆଡ଼କୁ ଚାହିଁ ଜୋରରେ ହସୁଛି ।

ପିଂପୁଡ଼ିମାନେ ତାକୁ ଘେରିକରି ଛିଡ଼ା ହୋଇଗଲେ । ରାଗରେ ସେମାନେ ଆଖି ତରାଟି ତା ଆଡ଼କୁ ଦେଖିବାକୁ ଲାଗିଲେ । ନିଜ ଦାନ୍ତକୁ କାମୁଡ଼ି ସେମାନେ ତା ଆଡ଼କୁ ମାଡ଼ି ଚାଲିଲେ । ମାତ୍ର ସେ ଜୋରରେ ହସି କହିଲା, "ଦେଖ, ବର୍ତ୍ତମାନ ପର୍ଯ୍ୟନ୍ତ ମୋର ଶିଙ୍ଗ ଉଠିନାହିଁ । ତେଣୁ, ଅଭାଗା ପିଂପୁଡ଼ିମାନେ ତୁମେ ମୋତେ ଖାଇ ପାରିବ ନାହିଁ ।"

ପିଂପୁଡ଼ିମାନେ ଦେଖିଲେ କି ପ୍ରକୃତରେ ସେ ପର୍ଯ୍ୟନ୍ତ ଠେକୁଆର ଶିଙ୍ଗ ଉଠିନାହିଁ । ସେମାନେ ବଡ଼ ନିରାଶ ହେଲେ ।

"ତୁମେ ବଡ଼ ଅଳସୁଆ ଓ ମୂର୍ଖ ଅଟ । ତୁମର ପର ଉଠିଲାଣି କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ତୁମମାନଙ୍କର ବୁଦ୍ଧି ଆସିଲା ନାହିଁ" । ଠେକୁଆ ରାଗିକରି କହିଲା, "ପ୍ରଥମେ ତୁମେ ଏକଥା କୁହ ଯେ ତୁମମାନଙ୍କ ଉପରେ କାହାର ପ୍ରଭାବ ପଡ଼ିଛି, ତୁମେମାନେ ଅନ୍ୟର ରକ୍ତ ପିଇବା କାହାଠାରୁ ଶିଖିଛ ? " । ଠେକୁଆ ଏହିପରି ଗୋଟିକ ପରେ ଗୋଟିଏ ପ୍ରଶ୍ନ ପଚାରିବାକୁ ଲାଗିଲା ।

ପିଂପୁଡ଼ିମାନେ ଉତ୍ତର ଦେଲେ, "ଆମେମାନେ କିଛି ସମୟ ପର୍ଯ୍ୟନ୍ତ ଏପରି ଘରେ ରହୁଥିଲୁ, ଯେଉଁଠାରେ କି କିଛି ମଣିଷ ରହୁଥିଲେ । ସେମାନଙ୍କ ଗୁଣର ପ୍ରଭାବ ହୋଇପାରେ ।"

"ତେବେ ତୁମେମାନେ ଏକଦମ୍ ମୂର୍ଖ ।" ଠେକୁଆ କହିଲା ।

"ଏହା କିପରି ?" ପିଂପୁଡ଼ିମାନେ ପଚାରିଲେ ।

"ତୁମପରି ଯେଉଁମାନେ ମୂର୍ଖ ଓ ଅଳସୁଆ, ସେମାନେ କାହାର ଭଲ ଗୁଣକୁ ଶିଖନ୍ତି ନାହିଁ, ବରଂ ଖରାପ ଗୁଣକୁ ଶିଖନ୍ତି । ଠିକ୍ ସେହିପରି ତୁମେମାନେ କରିଛ", ଠେକୁଆ ଉତ୍ତର ଦେଲା

Digitized by PPRACHIN, SOA

ପିଂପୁଡ଼ିମାନେ ତା କଥା ଶୁଣି ଭାବିବାକୁ ଲାଗିଲେ । ଠେକୁଆ ପୁଣି କହିଲା, "ଦେଖ ତୁମେମାନେ କେବେହେଲେ ଭାବିଛ କି ମଣିଷମାନଙ୍କ ଭିତରେ କିଛି ଭଲ ଗୁଣ ମଧ୍ୟ ଅଛି । କେବେ ତୁମେ ତାଙ୍କଠାରୁ କିଛି ଶିଖିବାକୁ ଚେଷ୍ଟା କରିଛ ?"

"ନା " ପିଂପୁଡ଼ିମାନେ କହିଲେ ।

"ସେଥିପାଇଁ ତ ତୁମମାନଙ୍କର ଏପରି ଅବସ୍ଥା ହୋଇଛି ।" ଠେକୁଆ କହି ଗଲା, "ଦେଖ, ବୁଝିବା ଶୁଝିବା ଲୋକ ଅନ୍ୟମାନଙ୍କ ଖରାପ ଗୁଣକୁ ଛାଡ଼ି ଭଲ ଗୁଣକୁ ଶିଖିଥାଆନ୍ତି । ତେଣୁ—ତୁମମାନଙ୍କୁ ମଧ୍ୟ ବର୍ତ୍ତମାନ ମଣିଷମାନଙ୍କର ଭଲ ଗୁଣକୁ ଶିଖିବା ଓ ଖରାପ ଗୁଣକୁ ଛାଡ଼ିଦେବା ଉଚିତ୍" ।

"ଏହା କିପରି ହେବ ? " ପିଂପୁଡ଼ିମାନେ ପଚାରିଲେ । ଠେକୁଆ କହିବାକୁ ଲାଗିଲା "ମଣିଷମାନେ କେବଳ ଖରାପ ନୁହନ୍ତି, ଭଲ ମଧ୍ୟ ଅଛନ୍ତି । ତାଙ୍କଠାରେ କେବଳ ଖରାପ ଗୁଣ ନୁହେଁ ଭଲ ଗୁଣ ମଧ୍ୟ ରହିଛି । ଭଲ ମଣିଷ ତୁମମାନଙ୍କ ପରି ଗଦିଆ-ଛେଳି ଭଳି ରହନ୍ତି ନାହିଁ । ସେମାନେ ଘରକରି ରହନ୍ତି । ଖୁବ୍ ପରିଶ୍ରମ କରନ୍ତି । ତାଙ୍କର ସବୁକାମ ନିୟମ ଅନୁସାରେ ହୋଇଥାଏ । ନିଜ ନିଜ ଭିତରେ ସ୍ନେହ ସହାନୁଭୂତି ଥାଏ । ମିଳିମିଶି—ବାଣ୍ଟିକରି ଖାଆନ୍ତି । ତୁମମାନଙ୍କୁ ମଧ୍ୟ ବର୍ତ୍ତମାନ ସେମାନଙ୍କ ଗୁଣ ଶିଖିବାକୁ ପଡ଼ିବ । ଯେଉଁଦିନ ତୁମେମାନେ ଏଇ ଭଲ ଗୁଣକୁ ଶିଖିନେବ, ସେହିଦିନ ତୁମମାନଙ୍କୁ ମୋତେ ଖାଇବା ପାଇଁ ଦରକାର ପଡ଼ିବ ନାହିଁ । ଯଦି ତୁମମାନଙ୍କ ଭିତରେ ଭଲଗୁଣ ଦେଖାଯିବ ତେବେ ଭାବିନେବ ଯେ ବୁଢ଼ା ଠେକୁଆର ଶିଙ୍ଗ ଉଠିଲାଣି" ।

ଏତିକି କହି ଠେକୁଆ ବୁଦା ଭିତରେ ଅଦୃଶ୍ୟ ହୋଇଗଲା ।

ପିଂପୁଡ଼ିମାନେ ମିଳିମିଶି ଏଇ କଥାକୁ ବିଚାର କରି ଶେଷରେ ସ୍ଥିର କଲେ ଯେ ଠେକୁଆ କଥା ପାଳନ କରିବେ ।

ସେହିଦିନ ଠାରୁ ପିଂପଡ଼ିମାନଙ୍କର ନୂଆ ଜୀବନ ଆରମ୍ଭ ହେଲା ।

ଆଜିକାଲି ପିଂପୁଡ଼ିମାନେ ମଣିଷମାନଙ୍କ ପରି ଘର କରି ରହୁଛନ୍ତି । ନିଜର ବଡ଼ମାନଙ୍କ କଥା ମାନୁଛନ୍ତି । ନିଜ ନିଜ ଭିତରେ ଝଗଡ଼ା କରୁନାହାନ୍ତି । ଖୁବ୍ ଭଲରେ ରହୁଛନ୍ତି । ମିଳିମିଶି କାମ କରିବା ସେମାନଙ୍କୁ ବଡ଼ ଭଲ ଲାଗୁଛି । ବାଣ୍ଟିକରି ଖାଦ୍ୟ ଖାଉଛନ୍ତି । ସେମାନେ ପରିଶ୍ରମ କରି ଖାଦ୍ୟ ପଦାର୍ଥ ସଂଗ୍ରହ କରୁଛନ୍ତି । ମଣିଷ-ମାନଙ୍କ ପରି ସେମାନେ ମଧ୍ୟ ନିଜର ଗାଈ-ମଇଁଷି ପାଳୁଛନ୍ତି । ଦରକାର ପାଇଁ ନିଜର ଅନ୍ନଭଣ୍ଡାର ମଧ୍ୟ ରଖୁଛନ୍ତି । ମନୁଷ୍ୟମାନଙ୍କଠାରୁ ମଧ୍ୟ ଭଲରେ ରହିବା ସେମାନେ ଶିଖିନେଲେଣି । ତାଙ୍କର ଆକାର ବର୍ତ୍ତମାନ ସୁଦ୍ଧା ଛୋଟ ଅଛି, ମାତ୍ର ସେମାନେ ସେଥିରେ ଖୁସୀ ଅଛନ୍ତି, ଯେଣୁକିନା ସେମାନେ ବିଚାରବନ୍ତ ଅଟନ୍ତି । ସେମାନେ ବୁଝିପାରିଛନ୍ତି ଯେ କୌଣସି ପ୍ରାଣୀ ଆକାର ଯୋଗୁଁ ନୁହେଁ ବରଂ ବିଚାର ଯୋଗୁଁ ବଡ଼ ହୁଏ ।

Digitized by PPRACHIN, SOA

କୁଟା ଠୋକ୍

(ଜାପାନ)

ଏହି କାହାଣୀଟି ଜାପାନର ଗୋଟିଏ ଗାଁର କାହାଣୀ । କାହାଣୀଟି କେଉଁ ସମୟର ସେ ବିଷୟ କାହାକୁ ଜଣାନାହିଁ । ଗାଁର ନାଁ ମଧ୍ୟ ଲୋକମାନେ ବର୍ତ୍ତମାନ ପର୍ଯ୍ୟନ୍ତ ଜାଣିନାହାନ୍ତି । ତଥାପି ଏହି କାହାଣୀ ବହୁକାଳରୁ ପ୍ରଚଳିତ ।

ବାସ୍ତବରେ ଏହା ସେତିକିବେଳର, ଯେତେବେଳେ କି ମନୁଷ୍ୟମାନଙ୍କର ଆକାର ମଧ୍ୟ ଠିକ୍ ହୋଇ ପାରି-ନଥିଲା । କାହାର ମୁଣ୍ଡ କଖାରୁ ପରି ବଡ ତ କାହାର ଆଳୁ ମର୍ଞ୍ଜି ଠାରୁ ମଧ୍ୟ ଛୋଟ ଥିଲା । କିଏ ବହୁତ ଡେଙ୍ଗା ତ କିଏ ଏକଦମ ଗେଡା—ବାମନ ପରି ।

ଲୋକେ କହନ୍ତି ଯେ ସେହି ଗାଁରେ ଗୋଟିଏ ବଡ ମୂର୍ଖଲୋକ ରହୁଥିଲା । ତାର ନାଁ କଅଣ ଥିଲା ତାହା ମଧ୍ୟ କାହାକୁ ଜଣା ନଥିଲା । ତଥାପି ନିଜ ସୁବିଧା ପାଇଁ ଆମେ ତାର ନାଁ "ଓତୋକୋସାନ" ରଖିବା ।

ଓତୋକୋସାନ କେବଳ ମୂର୍ଖ ନୁହେଁ, ବଡ ଧୂର୍ତ୍ତ ମଧ୍ୟ ଥିଲା । ଲୋକମାନଙ୍କ ସାଙ୍ଗରେ ବହୁତ କଳି କରୁଥିଲା । ତାର ଏହି ଦୁଷ୍ଟାମୀ ଯୋଗୁ ପଡୋଶୀ ମାନଙ୍କର ଜୀବନ ନିର୍ବାହ କରିବା ଦୁର୍ବିସହ ହୋଇ ପଡିଲା । ସେ ସଦାବେଳେ ଲୋକମାନଙ୍କୁ ହଇରାଣ କରିବା ପାଇଁ ନୂଆ, ନୂଆ ଉପାୟ ଚିନ୍ତା କରୁଥିଲା ।

ଥରେ ସେ ଗୋଟିଏ ନୂଆ ଉପାୟ ଖୋଜି ବାହାର କଲା । ତେଙ୍ଗୁ ସାଙ୍ଗରେ ମିଶି ଗୋଟିଏ ନୂଆ ଯୋଜନା ପ୍ରସ୍ତୁତ କଲା ।

ତେଙ୍ଗୁକୁ ବହୁତ କମ୍ ଲୋକ ଦେଖିଛନ୍ତି । ଏହା ବଡ ବିଚିତ୍ର ପ୍ରକାର ପ୍ରାଣୀ ଅଟେ । ତାର ନାକ ବହୁତ ଲମ୍ବା । ପିଠି ଉପରେ ଡେଣା ମଧ୍ୟ ଥାଏ ।

ଏହାର ଲୁଗାପଟା ତ ଆହୁରି ବିଚିତ୍ର ଧରଣର । ମୁଣ୍ଡରେ କଳାଟୋପି । ଯାହାକୁ କୁହୁକ ଟୋପି ମଧ୍ୟ କୁହାଯାଏ ।

ଦିନେ ଓତୋକୋସାନ ବାହାରେ ବସି ବାଉଁଶକୁ ଲମ୍ବା-ଲମ୍ବା କରି ଚିରୁଥିଲା । ଏଥିରେ କଅଣ ତିଆରି କରିବ ତାହା ଠିକ୍ କରି ପାରୁନଥିଲା । କେତେବେଳେ ତା ମନରେ ଆସୁଥିଲା କି ଏହା ଭିତରେ ଛୋଟ-ଛୋଟ ପଥର ଖଣ୍ଡ ଭର୍ତ୍ତିକରି କୌଣସି ଖେଳନା ତିଆରି କରିବ । କେତେବେଳେ ଭାବୁଥିଲା, ଏଥିରେ ପଥର ବାନ୍ଧି ଦୂରକୁ ଫୋପଡା ଯାଇ ପାରିବ । କେବେ, କେବେ ଭାବୁଥିଲା ଏଥିରେ ଦୂରବୀକ୍ଷଣ ଯନ୍ତ୍ର କାହିଁକି ତିଆରି ହୋଇ ପାରିବନି ?

ଠିକ୍ ସେହି ସମୟରେ ଓତୋକୋସାନ ଦେଖିଲା, ସାମନାରୁ, ତେଙ୍ଗୁ ଆସୁଛି ।

"କଅଣ କରୁଛ ?", ତେଙ୍ଗୁ ପଚାରିଲା ।

"ଦୂରବୀକ୍ଷଣ ଯନ୍ତ୍ର ତିଆରି କରୁଛି" । ଓତୋକୋସାନ ଉତ୍ତର ଦେଲା । "ଏଥିରେ କଅଣ ହେବ" ?

"ଚନ୍ଦ୍ର ଓ ତାରାମାନଙ୍କ ଦେଖିବି" ।

Digitized by PPRACHIN, SOA

"କଅଣ ସତରେ କିଛି ଏଥିରେ ଦେଖାଯାଏ" ? ଆଶ୍ଚର୍ଯ୍ୟ ହୋଇ ତେଙ୍ଗୁ ପଚାରିଲା ।

"ହଁ, ହଁ, କାହିଁକି ନୁହେଁ ? " ଓତୋକୋସାନ କହିଲା, "ଆ ହାଃ, କି ସୁନ୍ଦର ଦୃଶ୍ୟ ଦେଖାଯାଉଛି । ଚନ୍ଦ୍ର ଉପରେ କେତେ ସୁନ୍ଦର ପାହାଡ ଅଛି ? ଗିରିପଥମାନଙ୍କ ବିଷୟରେ କଅଣ ଆଉ କହିବି । ଆରେ, ଏଠାରେ ନଦୀ କିପରି ଲାଗୁଛି । ଯେପରି ରୂପାର ଲହରୀ" ।

ତେଙ୍ଗୁ କହିଲା, ଏହାକୁ ମୋତେ ଦେଇଦିଅ । "କାହିଁକି ?" ।

"ମୁଁ ତୁମକୁ ନିଜର କାଠ ତିଆରି କୋତାକୁ ଦେଇଦେବି । କଳାଟୋପି ମଧ୍ୟ । ଯଦି ତୁମେ କହିବ ତେବେ ନିଜର କୁଟା ତିଆରି ସୁନ୍ଦର କୋଟ୍ ଟି ମଧ୍ୟ ତୁମକୁ ଦେଇଦେବି ।

କୁଟା ତିଆରି ହୋଇଥିବା କୋଟ୍‌ଟି ବାସ୍ତବିକ ସୁନ୍ଦର ଥିଲା ।

ପ୍ରଥମେ ଓତୋକୋସାନ ମନା କରୁଥିଲା । ମାତ୍ର ଶେଷରେ କୌଣସି ପ୍ରକାରେ ରାଜି ହୋଇଗଲା ।

ନିଜର ବାଉଁଶ ଦୂରବୀକ୍ଷଣ ଯନ୍ତ୍ରକୁ ତାକୁ ଦେଇଦେଲା ଓ କୁଟାର କୋଟ୍‌ଟିକୁ ନେଇଗଲା ।

× × × ×

ଯେମିତି ଓତୋକୋସାନ କୁଟାର କୋଟଟିକୁ ପିନ୍ଧିପକାଇଛି, ସେ ଅଦୃଶ୍ୟ ହୋଇଗଲା ।

ବର୍ତ୍ତମାନ କୋଟ୍ କିମ୍ବା ଓତୋକୋସାନ କେହି ହେଲେ ଦେଖା ଗଲେ ନାହିଁ ।

ପବନରେ ନାଚି ନାଚି ଘୁରି ବୁଲିଲା । ଲୋକମାନେ ତାକୁ ଦେଖି ପାରୁ ନାହାନ୍ତି ଜାଣି ତାକୁ ବଡ ଖୁସୀ ଲାଗିଲା ।

ସଡକ ଉପରେ ଚାଲୁଥିବା କୌଣସି ବାଟୋଇର କୋଟ୍‌ଟିକୁ ଝିଙ୍କି ଦେଉଥିଲା, କାହାକୁ ଗୋଇଠା ମାରି ଦେଉଥିଲା । କାହାର ବାଳକୁ ମଧ୍ୟ ଟାଣି ଦେଉଥିଲା ।

ଏହିପରି ଲୋକମାନଙ୍କୁ ହଇରାଣ କରିବାରେ ତାକୁ ବଡ ମଜା ଲାଗୁଥିଲା ।

ଦୋକାନ ସବୁ ଫଳରେ ଭରା ହୋଇଥାଏ । ଗୋଇଠା ମାରି ସେ ସବୁ ଫଳଗୁଡ଼ିକୁ ରାସ୍ତାରେ ପକାଇ ଦିଏ । ବହୁତ ଜିନିଷକୁ ଏପଟ ସେପଟ କରି ପକାଏ ।

ଲୋକମାନେ ରାଗରେ ଏପଟ ସେପଟ ଦେଖୁଥିଲେ, ମାତ୍ର ତାକୁ କେଉଁଠାରେ ଦେଖି ପାରୁ ନ ଥିଲେ।

ସୁନ୍ଦର ଫ୍ରକ୍‌ଟିଏ ପିନ୍ଧି ଥରେ ଗୋଟିଏ ବାଳିକା ଘରକୁ ଫେରୁଥିଲା । ସେହି ସମୟରେ ଓତୋକୋସାନ ତା'ଠାରୁ ଟଙ୍କା ରଖିବା ଥଳୀଟିକୁ ଛଡାଇ ନେଲା ।

ମାଛ ବଜାରକୁ ତାଜା ତାଜା ମାଛ ଆସିଥିଲା । ଲୋକମାନେ ଦେଖିଲେ—ଗୋଟିଏ ମୋଟା ମାଛ ପବନରେ ଉପରେ ଉଡ଼ୁଛି ।

Digitized by PPRACHIN, SOA

ସନ୍ଧ୍ୟା ପର୍ଯ୍ୟନ୍ତ ଓତୋକୋସାନ ନିଜର ଏହି ଦୁଷ୍ଟାମୀ ଯୋଗୁ ବହୁତ ହାଲିଆ ହୋଇ ଯାଇଥିଲ ।

ଅନ୍ଧାର ହେବାରୁ ସେ ଘରକୁ ଫେରିଆସିଲ ।

ତାର କୁଟା ତିଆରି କୋଟଟିକୁ ବାହାର କରି ଖୁଣ୍ଟରେ ଟାଙ୍ଗିଦେଇ ବିଛଣା ଉପରେ ଗୁରିକାତ ଲମ୍ବାଇ ଚିତ୍‌ହୋଇ ଶୋଇ ପଡ଼ିଲ ।

ଟିକିଏ ପରେ ସେ ଘୁଙ୍ଗୁଡ଼ି ମାରିବାକୁ ଲଗିଲ ।

ତାର ମା ଦେଖିଲେ ଯେ ସେ ଗାଢ ନିଦରେ ଶୋଇ ଯାଇଛି ।

ଖୁଣ୍ଟ ଉପରେ ଝୁଲଇଥିବା କୁଟା କୋଟ୍‌ଟିକୁ ଦେଖି ସେ ବଡ ଆଶ୍ଚର୍ଯ୍ୟ ହେଲେ ।

"ଏହି ଅଳିଆ କେଉଁଠୁ ଉଠାଇ ଆଣିଛି" ବୋଲି ଭାବି ତାର ମା ଚୁଲିରେ ପକାଇ ତାକୁ ଜଳାଇ ଦେଲେ ।

ସକାଳୁ ଯେତେବେଳେ ଓତୋକୋସାନ ତା କୋଟ୍‌ଟିକୁ ଖୁଣ୍ଟ ଉପରେ ଝୁଲିବାର ଦେଖିଲ ନାହିଁ, ସେ ବଡ଼ ଚିନ୍ତାରେ ପଡ଼ିଲ ।

ତାର ମା ତାକୁ କହିଲେ, ସେହି ଗନ୍ଧ ଓ ମଇଳା କୋଟଟିକୁ ସେ ଜଳାଇ ଦେଇଛନ୍ତି ।

ଓତୋକୋସାନ ଦେହରୁ ସମସ୍ତ ରକ୍ତ ଶୁଖିଗଲ ପରି ଜଣାପଡ଼ିଲ । "କେଉଁଠି ଅଛି ତା ପାଉଁଶ ?" ସେ ପାଗଳ ପରି ଚିତ୍କାର କଲ । ମା ଚୂଲି ଆଡ଼କୁ ହାତ ଦେଖାଇଲେ ।

ଓତୋକୋସାନ ସବୁ ପାଉଁଶକୁ ଏକାଠି କଲ । ଭାବିଲ – "ଯାଦୁର କିଛି ପ୍ରଭାବ ଏହି ପାଉଁଶରେ ଥାଇପାରେ" ।

ସେ ନିଜ ଶରୀରରେ ଘଷି ଘଷି ପାଉଁଶ ଲଗାଇଲ । ଯେପରି ଶାରା ଶରୀରରେ ପାଉଁଶରେ ଘଷିଛି ଆଗ ପରି ପୁଣି ଅଦୃଶ୍ୟ ହୋଇଗଲ ।

* * * *

ପବନରେ ପହଁରି ପହଁରି ସେ ପୁଣ ଏପଟ ସେପଟ ଘୁରିବାକୁ ଲଗିଲ ।

କେଉଁଠାରେ କିଛି ଲୋକ ନାଚୁଥିଲେ ।

Digitized by PPRACHIN, SOA

ସେମାନେ ଅନୁଭବ କଲେ କି କିଏ ଜଣେ ସେମାନଙ୍କ ହାତ ଧରି କରି ସେମାନଙ୍କ ସହିତ ନାଚୁଛି ।

" କିନ୍ତୁ ସେ କିଏ ?" ।

" କିଛି ଦେଖା ଯାଉ ନ ଥିଲା ।" ।

ଗୋଟିଏ ଯାଗାରେ ବହୁତ ଅଧିକ ଭିଡ଼ଥିଲା । ତାହା ଗାଁ ର ସବୁଠାରୁ ଗୋଟିଏ ବଡ଼ ମଦ ଦୋକାନ । ସେଠାରେ ଦାମିକା ମଦରେ ଭର୍ତ୍ତି ହୋଇଥିବା ଗୋଟିଏ ବଡ଼ ଗୋଲ ପିମ୍ପା ରଖା ହୋଇଥିଲା । ଲୋକମାନେ ଦେଖିଲେ ମନକୁ ମନ ପିମ୍ପାରେ ଲଗିଥିବା କଳଟି ଖୋଲିଗଲା । ମଦର ଧାର ତଳ ପର୍ଯ୍ୟନ୍ତ ଆସିଲା, ମାତ୍ର ତାପରେ କୁଆଡ଼େ ଅଦୃଶ୍ୟ ହୋଇଗଲା ।

କେବଳ କାହାର ପିଇବାର ଢ଼କ ଢ଼କ ଶବ୍ଦ ଶୁଣା ଯାଉଥିଲା ।

ଟିକିଏ ସମୟ ପରେ ନଳ ପାଖରେ ଖିଲଟି ଲଗିଲା । କେବଳ ଦୁଇଟି ହାତ ଦେଖାଦେଲା । ଦେହର ଯେଉଁ ଅଂଶରୁ ମଦ ପିଇବା ଯୋଗୁ ପାଉଁଶ ଧୋଇ ହୋଇ ଯାଇଥିଲା ବର୍ତ୍ତମାନ କେବଳ ସେହି ଅଂଶ ଲୋକମାନଙ୍କୁ ଦେଖାଗଲା ।

କେବଳ ଦୁଇ ହାତ । ଗୋଟିଏ ପାଦ । ବେକର ଟିକିଏ ଅଂଶ । ଗୋଟିଏ ଆଖି ।

ଲୋକମାନଙ୍କ ଭିଡ଼ ତା ଚାରିପାଖରେ ଏକାଠି ହୋଇଗଲା ।

କିଛି ସମୟ ପରେ ଗରମ ଯୋଗୁ ତା ଦେହରେ ଝାଳ ବୋହିବାକୁ ଲଗିଲା ଯାହାଦ୍ୱାରା ତାର ଅବଶିଷ୍ଟ ଶରୀରର ପାଉଁଶ ମଧ୍ୟ ଧୋଇ ହୋଇଗଲା ।

କିଛି ସମୟ ପରେ ଲୋକମାନେ ଦେଖିଲେ – ଆରେ, ଇଏତ ଓଟୋକୋସାନ ଅଟେ ।

Digitized by PPRACHIN, SOA

"ଧୂର୍ତ୍ତ ପ୍ରତାରକ ଚୋର ! " ଲୋକମାନେ ସମସ୍ତେ ମିଶି ତାକୁ ପିଟିବାକୁ ଲାଗିଲେ, "ଆଣ ମଦର ପଇସା ।"

ଗାଁର ମୁଖିଆ ତାକୁ ଡ଼କାଇଲେ ଓ ପଚାରିଲେ, "ଏ ସବୁ କଅଣ ?" "ତେଂଗୁର କଥାରେ ପଡି ଯାଇଥିଲି" ସେ କହିଲା ।

"ତେଙ୍ଗୁ ପାଖରେ ତ ବହୁତ ଭଲଗୁଣ ଶିଖିବାକୁ ଥିଲା ।" ହସି ହସି ଲୋକମାନେ କହିଲେ କିନ୍ତୁ, ସେ ମୁଣ୍ଡ ନୁଆଁଇ ଛିଡ଼ା ହୋଇ ରହିଲା ।

ଦୂରରେ ବସି ତେଙ୍ଗୁ ମଧ୍ୟ ଏହା ସବୁ ଦେଖି ଶୁଣି ମନେ ମନେ ହସୁଥିଲା ।

Digitized by PPRACHIN, SOA

ଶିକାରୀ ଓ ତାର କୁହୁକ ବଂଶୀ

(ଜାମ୍ବିଆ)

ବହୁ ଯୁଗର ପୁରୁଣା କଥାଟିଏ ।

ଜାମ୍ବିଆରେ ଗୋଟିଏ ସାହସୀ ଶକାରୀ ଥିଲା । ଲୋକମାନେ ତାକୁ ଓଜୋ ନାମରେ ଡ଼ାକୁଥିଲେ ସେ ବଡ଼ ପରାକ୍ରମୀ ଥିଲା । ଅନ୍ୟ ଶିକାରୀମାନଙ୍କ ଭଳି ସେ ମଧ୍ୟ ମାସ ମାସ ଧରି ଜଙ୍ଗଲରେ ଶିକାର କରୁଥିଲା ।

ଜଙ୍ଗଲ ମଝିରେ ସେ ଗୋଟିଏ କୁଡିଆ ତିଆରି କରୁଥିଲା । ସକାଳୁ ଶିକାର ପାଇଁ ଯାଉଥିଲା ଓ ରାତିରେ ସେହି ଡେ଼ରାକୁ ଫେରି ଆସୁଥିଲା ।

ଫେରିବା ପରେ ସେ ପ୍ରଥମେ ଭୋଜନ କରୁଥିଲା । ପୁଣି ତାଜା ଶିକାରକୁ ନିଆଁରେ ପୋଡି ରଖି ଦେଉଥିଲା ।

ମାସ ମାସ ପରିଶ୍ରମ ପରେ ପୋଡି ରଖିଥିବା ଶୁଖିଲା ମାଂସ ଯେତେବେଳେ ବହୁତ ହୋଇ ଯାଉଥିଲା ସେତେବେଳେ ସେ ଘରକୁ ଫେରି ଆସୁଥିଲା ।

ଘରକୁ ଫେରିବା ପରେ ଶୁଖିଲା ମାଂସ ବଦଳରେ ଗାଁ ଲୋକମାନଙ୍କଠାରୁ ଦୈନିକ ଆବଶ୍ୟକୀୟ ଅନ୍ୟ ଜିନିଷ ପତ୍ର ନେଇ ତାର ପରିବାରର ପାଳନ ପୋଷଣ କରୁଥିଲା ।

ତା ପାଖରେ ତିନୋଟି ଶିକାରୀ କୁକୁର ଗୋଟିଏ କୁହୁକ ବଇଁଶୀ ଥିଲା । ସେ ସବୁବେଳେ ସେମାନଙ୍କୁ ନିଜ ପାଖରେ ରଖୁଥିଲା ।

ଅନ୍ୟ ଶିକାରୀମାନେ ଗାଁ କୁ ଫେରିବା ପରେ ଭୂତ ପ୍ରେତଙ୍କ କାହାଣୀ ଗାଁ ଲୋକଙ୍କୁ ଶୁଣାଉଥିଲେ । ମାତ୍ର ସେ କେବେହେଲେ କୌଣସି ଭୂତ ପ୍ରେତଙ୍କୁ ଦେଖି ନ ଥିଲା । ଲୋକମାନେ କହୁଥିଲେ ଜଙ୍ଗଲରେ ସେମାନେ ଇୟାବୋମା ନାମରେ ଗୋଟିଏ ରାକ୍ଷସୀକୁ ଦେଖିଥିଲେ । ତାଙ୍କୁ ଜଙ୍ଗଲର "ମା" ନାମରେ ଲୋକମାନେ ସମ୍ବୋଧନ କରୁଥିଲେ । କିନ୍ତୁ ସେ କେବେହେଲେ ତାଙ୍କୁ ଦେଖି ନ ଥିଲା ।

ଥରେ ସେ କୌଣସି ଅଜଣା ଜଙ୍ଗଲକୁ ଏକୁଟିଆ ଶିକାର କରିବାକୁ ଗଲା । ଯିବା ସମୟରେ ସ୍ତ୍ରୀକୁ କହିଲା ଯେ ଯେତେବେଳେ ବିପଦ ଆସିବ ସେତେବେଳେ ସେମାନଙ୍କୁ ସେ ଡ଼ାକି ନେବ ।

ଏଥର ସେ ଅନ୍ୟ ପ୍ରକାର ଅନୁଭବ କରୁଥିଲା । ମନରେ ଆଶଙ୍କା ଆସୁଥିଲା । ମନରେ ଏକ ପ୍ରକାର ଭୟ ମଧ୍ୟ ଆସୁଥିଲା ।

ଏହି ଜଙ୍ଗଲ ବହୁତ ବଡ଼ ମଧ୍ୟ ଥିଲା । ବୋଧହୁଏ ସେ ପର୍ଯ୍ୟନ୍ତ କୌଣସି ଶିକାରୀ ସେଠାକୁ ଯାଇ ନ ଥିଲେ । ଏଥିପାଇଁ ପଶୁମାନେ ମଧ୍ୟ ଭରପୁର ହୋଇ ରହିଥିଲେ ।

Digitized by PPRACHIN, SOA

ଦିନେ ସନ୍ଧ୍ୟାରେ ଶିକାର କରି ଫେରିବା ସମୟରେ ସେ ଏକ ଭୟଙ୍କର ଶବ୍ଦ ଶୁଣିଲା । ଏକ ବିଶାଳ ଦାନବୀ ନାରୀ ତା ଆଗରେ ଛିଡ଼ା ହୋଇଗଲା ।

ଓଜୋ ଡ଼ରରେ କମ୍ପିବାକୁ ଲାଗିଲା ।

"ତୁମେ କଅଣ ଚାହୁଁଛ ?" ସେ ପଚାରିଲା ।

"ମୁଁ ଜଙ୍ଗଲର ମା ଅଟେ । ମୋତେ ଇୟାବୋମା କହନ୍ତି । ଯଦି ତୁମେ ମୋର କୌଣସି କ୍ଷତି କରିବ ତେବେ ମୁଁ ତୁମକୁ ମାରିଦେବି ।"

ଏତିକି କହି ଇୟାବୋମା ଅଦୃଶ୍ୟ ହୋଇଗଲା । ଶିକାରୀ ମନରେ ଡ଼ର ଆସିଲା । ସେ ପ୍ରତିଦିନ ପରି କାମରେ ଲାଗି ରହିଲା । ପ୍ରତିଦିନ ପରି ଭୋଜନ କଲା । ମାଂସ ପୋଡ଼ିଲା ଓ ଶୋଇଗଲା ।

ସକାଳୁ ପୁଣି ଶିକାର ପାଇଁ ବାହାରି ପଡ଼ିଲା ।

ସନ୍ଧ୍ୟାରେ ଫେରି ଦେଖିଲା ଯେ ବହୁ ଯତ୍ନରେ ପୋଡ଼ି ରଖିଥିବା ମାଂସତକ ଆଉ ନାହିଁ

ଘାସ ଉପରେ ସେ ମଣିଷ ପାଦର ବହୁତ ବଡ଼ ବଡ଼ ଚିହ୍ନ ଦେଖିଲା । ସେ ଭାବିନେଲା କି ଏହା ଇୟାବୋମା ବ୍ୟତୀତ ଆଉ କେହି ନୁହେଁ ।

ପ୍ରତିଦିନ ସେ ଶିକାର ମାରିଆଣି ପୋଡୁଥିଲା କିନ୍ତୁ ପର ଦିନ ସେ ସବୁ ଉଭେଇ ଯାଉଥିଲା ।

ଏହିପରି ଦୁଇ ମାସ ବିତିଗଲା ।

ଶେଷରେ ବ୍ୟସ୍ତହୋଇ ସେ ନିଜର ଜିନିଷ ପତ୍ର ଏକାଠି କଲା । ଘରକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସେ ଇୟାବୋମାକୁ ଗାଳି ଦେଇ କହିଲା, "ପରିଶ୍ରମ କରି ମୁଁ ମାଂସ ସଂଗ୍ରହ କରିବି ଓ ତୁ ରାକ୍ଷସୀ ସବୁ ଛଡ଼ାଇ ନେବୁ । ତୋର କେବେହେଲେ ବି ଭଲ ହେବ ନାହିଁ ।"

ଏହି ସମୟରେ ସେ କାହାର ଚିତ୍କାର ଶବ୍ଦ ଶୁଣିଲା । ଦେଖିଲା କି ସେହି ଦାନବୀ ଦୌଡ଼ି ଦୌଡ଼ି ଆସୁଛି ।

ଓଜୋ ପ୍ରାଣ ବିକଳରେ ଦୌଡ଼ିବାକୁ ଲାଗିଲା । ମାତ୍ର ଇୟାବୋମାଠାରୁ ବର୍ତ୍ତି କେଉଁଠାକୁ ଯାଇ ପାରିବ ।

ଶେଷରେ ସେ ଗୋଟିଏ ବଡ ଗଛ ଉପରେ ଚଢିଗଲା । ସେହି ଗଛଟି ଏତେ ବଡ ଥିଲା ଯେ ଇୟାବୋମା ତା ଉପରକୁ ଚଢ଼ିବା ସମ୍ଭବ ନ ଥିଲା ।

ଇୟାବୋମା ମଧ୍ୟ ବହୁତ ରାଗି ଯାଇଥିଲା ।

ନିଜର ମୁନିଆ ଦାନ୍ତ ସାହାଯ୍ୟରେ ସେ ଗଛର ବକଳ ଛଡାଇବାକୁ ଲାଗିଲା । ଓଜୋ ଭାବି ପାରୁ ନ ଥିଲା କି ସେ କଅଣ କରିବ ? କିପରି ପ୍ରାଣ ବଞ୍ଚାଇବ ?

Digitized by PPRACHIN, SOA

ସେତିକିବେଳେ ଓକୋର ନିଜର ଯାଦୁକରି ବଇଁଶୀ କଥା ମନେ ପଡିଗଲା । ଅଣ୍ଟାରେ ବନ୍ଧାହୋଇ ଥିବା ବଂଶୀକୁ ସେ ବଜାଇବା କ୍ଷଣି ତା ଘର ଅଗଣାରେ ବନ୍ଧା ହୋଇଥିବା ତିନୋଟି କୁକୁର ଦଉଡିକୁ ଛିଣ୍ଡାଇ ପଳାଇଲେ ।

କିଛି ସମୟ ପରେ ସେମାନେ ଓକୋ ଚଢିଥିବା ଗଛ ତଳେ ଆସି ପହଞ୍ଚି ଗଲେ ।

କୁକୁରଙ୍କୁ ଦେଖିବାକ୍ଷଣି ଓକୋର ପ୍ରାଣ ପଶିଲା । ସେ କୁକୁରଙ୍କୁ କାମୁଡିବା ପାଇଁ ଆଦେଶ ଦେଲା ।

ତିନି କୁକୁର ତା ଉପରକୁ ଏକସାଙ୍ଗରେ କୁଦି ପଡିଲେ । ଦେଖୁ ଦେଖୁ ସେମାନେ ଇୟାବୋମାକୁ ଲହୁଲୁହାଣ କରିଦେଲେ । ଅଳ୍ପ ସମୟପରେ ଇୟାବୋମାର ପ୍ରାଣପକ୍ଷୀ ଉଡ଼ିଗଲା ।

ଓକୋ ତଳକୁ ଆସିଲା ।

କୁକୁରଙ୍କୁ ସାଙ୍ଗରେ ନେଇ ଘର ଆଡକୁ ଫେରୁଥିବା ସମୟରେ ପାଖରେ ଗୋଟିଏ ସୁନ୍ଦର ମହିଳା ଦେଖାଦେଲେ ।

ସେ କହିଲେ, ମୁଁ ଇୟାବୋମାର ବନ୍ଦୀଶାଳାରେ ବର୍ଷ ବର୍ଷ ଧରି ବନ୍ଦୀ ରହିଥିଲି । ଆପଣ ତାକୁ ମାରି ମୋର ବହୁତ ଉପକାର କରିଛନ୍ତି । ବର୍ତ୍ତମାନ ମୁଁ ମୁକ୍ତ । ଆପଣଙ୍କୁ ବିବାହ କରିବାକୁ ଚାହୁଁଛି ।"

ଓକୋ ତାଙ୍କୁ ବିବାହ କରିବା ପାଇଁ ରାଜି ହେଲା ଓ ସାଙ୍ଗରେ ଘରକୁ ନେଇ ଆସିଲା ।

ଦିନେ ରାତିରେ ହଠାତ୍ ଓକୋ ଦେଖିଲା, ଅନ୍ଧାର ଭିତରେ ଖଣ୍ଡାନେଇ କିଏ ଜଣେ ତା ଆଡକୁ ମାଡି ଆସୁଛି ।

ଓକୋ ତା ହାତକୁ ଧରିନେଲା ।

ଆଲୁଅରେ ସେ ଦେଖିଲା , ସେତ ତାର ଦ୍ୱିତୀୟ ସ୍ତ୍ରୀ ଅଟେ ।

"ଇଏ କଅଣ କରୁଛ ?" ଓକୋ ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

"ମୁଁ ତୁମକୁ ହତ୍ୟା କରିବି !" ସେ କହିଲା ।

"କାହିଁକି?"

Digitized by PPRACHIN, SOA

"ତୁମେ ଇୟାବୋମାକୁ ହତ୍ୟା କରିଛ । ମୁଁ ତାର ବନ୍ଦୀଶାଳାରେ ନ ଥିଲି । ତୁମକୁ ମିଛ କହିଥିଲି । ପ୍ରକୃତରେ ମୁଁ ଇୟାବୋମାର ଛୋଟ ଭଉଣୀ । ତାର ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ମୁଁ ଏହି ରୂପଧାରଣ କରିଥିଲି ।

ଓକୋ ତତ୍‌କ୍ଷଣାତ୍ ତାର କୁହୁକ ବଂଶୀଟିକୁ ବଜାଇଲା । ବଇଁଶୀ ବଜାଇବା କ୍ଷଣି ତିନି କୁକୁର ଆସି ପହଞ୍ଚିଗଲେ । ଦେଖୁ ଦେଖୁ ସେମାନେ ସେହି ମହିଳାକୁ ମଧ୍ୟ ମାରି ତଳେ ପକାଇ ଦେଲେ ।

ତାପରେ ଓକୋ ନିଜର ପତ୍ନୀ, ନିଜର ତିନି ପ୍ରଭୁଭକ୍ତ କୁକୁର ଓ ଯାଦୁକାରୀ ବଇଁଶୀକୁ ନେଇ ସୁଖରେ ରହିଲା । ଆଉ କେବେହେଲେ ମଧ୍ୟ ଦ୍ୱିତୀୟ ଥର ବିବାହ କରିବା କଥା ଚିନ୍ତା କଲାନାହିଁ ।

●

Digitized by PPRACHIN, SOA

କଥା କହୁଥିବା ଅଣ୍ଡା
(ଆମେରିକା)

ଗୋଟିଏ ବିଧବା ସ୍ତ୍ରୀ ଲୋକର ଦୁଇଟି ଝିଅ ଥିଲେ——ରୋଜୀ ଓ ବ୍ଲେଂଚୀ ।

ରୋଜୀ ବଡ କଳିହୁଡୀ ଥିଲା । କିଛି କାମ ଦାମ କରୁ ନ ଥିଲା । ତାର ବିପରୀତ ଥିଲା ବ୍ଲେଂଚୀ । ସେ ବଡ ସରଳ ଓ ପରିଶ୍ରମୀ । ଦିନସାରା କାମରେ ଲାଗି ରହୁଥିଲା ।

ମାତ୍ର ମା ସବୁବେଳେ ରୋଜୀର ପକ୍ଷ ନେଉଥିଲେ । ରୋଜୀକୁ ସେ ବହୁତ ଭଲ ପାଉଥିଲେ । ତେଣୁ ମା ରୋଜୀକୁ କୌଣସି କାମ ଦେଉ ନ ଥିଲେ । ଘରେ ଝାଡୁଦେବା ଓ ବାସନ ମାଜିବା, ଗାଈ, ବାଛୁରୀଙ୍କୁ ଦେଖାଶୁଣା କରିବା ସବୁ କାମ ବ୍ଲେଂଚୀ କରୁଥିଲା ।

ଥରେ ବ୍ଲେଂଚୀ କୂଅ ପାଖକୁ ପାଣି ଆଣିବାକୁ ଗଲା । ସେଠାରେ ସେ ଗୋଟିଏ ବୁଢୀକୁ ବସିଥିବାର ଦେଖିଲା ।

"ଝିଅଲୋ ଟିକିଏ ପାଣି ପିଇବାକୁ ଦେଲୁ । ଶୋଷରେ ମୋ ପ୍ରାଣ ଯାଉଛି ।" ବୁଢୀଟି ବଡ ବିକଳ ହୋଇ କହିଲା ।

"ନିଶ୍ଚୟ ପିଇବାକୁ ଦେବି ଜେଜେମା । " ଏକଥା କହି ଆଦରରେ ବ୍ଲେଂଚୀ ବୁଢୀକୁ ପାଣି ପିଇବାକୁ ଦେଲା ।

ଥଣ୍ଡା ପାଣି ପିଇସାରି ବୁଢୀର ଯେମିତି ଜୀବନ ପଶିଲା । ସେ ବହୁତ ଆଶୀର୍ବାଦ କରି ଚାଲିଗଲା ।

ତାର କିଛି ଦିନ ପରେ ଥରେ ତାର ମା ବ୍ଲେଂଚୀ ଉପରେ କୌଣସି କାରଣରୁ ବହୁତ ରାଗିଗଲେ । ତାକୁ ସେ ଖୁବ୍ ମାରିଲେ ଓ ଘରୁ ବାହାର କରିଦେଲେ ।

ବିଚାରୀ ବ୍ଲେଂଚୀ ଯିବ କୁଆଡେ ? ଘରକୁ ଫେରିବାକୁ ସାହାସ ହେଉ ନ ଥିଲା । ବାହାରେ ମଧ୍ୟ କେଉଁଠାରେ ଆଶା ନ ଥିଲା । ବଡ ବିଷମ ଅବସ୍ଥାରେ ପଡି ସେ କିଛି ଥିର କରି ପାରିଲା ନାହିଁ । ଶେଷରେ ସେ କାନ୍ଦି କାନ୍ଦି ସାହିରୁ ବାହାରି ଜଙ୍ଗଲ ଆଡକୁ ଚାଲିଲା । ବଣରେ ବାଘ ଭାଲୁ ଖାଇଯିବାର ଭୟ ତା ମନରେ ବହୁତ ଥିଲା ।

ଚାଲୁ ଚାଲୁ ସେତେବେଳେ ସଂଜ ହୋଇଗଲା ସେ ଦେଖିଲା ଯେ ଗୋଟିଏ ବୁଢୀ ଆଗରେ ଆସି ଛିଡ଼ା ହୋଇଛି ।

ଆରେ, ଇଏ ତ ସେହି ବୁଢ଼ୀ ଯାହାକୁ ସେ ପାଣି ପିଇବାକୁ ଦେଇଥିଲା ।

"ଝିଅ, ତୁ କାହିଁକି କାନ୍ଦୁଛୁ ?" ବୁଢ଼ୀଟି ପଚାରିଲା ।

"ମୋ ମା ମୋତେ ମାଡ଼ ଦେଇ ଘରୁ ବାହାର କରିଦେଇଛି ।"

"କାହିଁକି ମାରିଲା ?"

Digitized by PPRACHIN, SOA

"ମା ମୋତେ ଭଲ ପାଏନା !"

"ତୁ ଚିନ୍ତା କରନା । ମୋ ସାଙ୍ଗରେ ଚାଲ !"

ଏଣୁ ସେ ବୁଢ଼ୀର ପଛେ ପଛେ ଚାଲିଲା ।

"ହଁ ଗୋଟିଏ କଥା ମନେ ରଖିଥା" ବୁଢ଼ୀଟି କହିଲା ।

"କଅଣ ?" ବ୍ଲେଂଚୀ ପଚାରିଲା ।

"ତୁ ମୋର କୌଣସି କଥାରେ ହସିବୁ ନାହିଁ ?"

ବ୍ଲେଂଚୀ ରାଜି ହୋଇ ମୁଣ୍ଡ ହଲାଇଲା ଓ ତା ଆଗରେ ଚୁପ ଚାପ ଚାଲିଲା । କିଛିଦୂର ଗଲାପରେ ସେ ଆଶ୍ଚର୍ଯ୍ୟ ହୋଇ ଦେଖିଲା—ଦୁଇଟି କୁରାଢ଼ୀ ପବନରେ ଘୁରି ଘୁରି ନିଜ ନିଜ ଭିତରେ ଲଢ଼େଇ କରୁଛନ୍ତି ।

କିଛିଦୂର ପୁଣି ଆଗକୁ ଗଲାପରେ ତାକୁ ଦେଖାଗଲା ଯେ ଦୁଇଟି ହାତ ନିଜ ନିଜ ଭିତରେ ଲଢୁଛନ୍ତି ।

ପୁଣି ଲଢୁଥିବା ଦୁଇଟି ପାଦ, ଦୁଇଟି ମୁଣ୍ଡ ମଧ୍ୟ ଦେଖିବାକୁ ମିଳିଲା । "ବ୍ଲେଂଚୀ ! ମୋ ଝିଅ । ଭଗବାନ ତୋର ମଙ୍ଗଳ କରନ୍ତୁ !" ଏକଥା କହି ବୁଢ଼ୀ ଆଗରେ ଥିବା କୁଡ଼ିଆ ଭିତରକୁ ଚାଲିଗଲା ।

"ଝିଅ, ଟିକିଏ ଖାଇବା ତିଆରି କର । ମୁଁ ସକାଳୁ ଭୋକରେ ଅଛି । ତୋତେ ମଧ୍ୟ ଭୋକ ଲାଗିବଣି । "

ତାପରେ ବୁଢ଼ୀଟି ଭଙ୍ଗା ଚୌକି ଉପରେ ବସି ପଡ଼ିଲା । ନିଜ ହାତରେ ସେ ନିଜ ମୁଣ୍ଡକୁ ଉଠାଇ ନିଜର ହାତ ସଂଧିରେ ରଖିଦେଲା ।

ବିନା ମୁଣ୍ଡରେ ବୁଢ଼ୀକୁ ଦେଖି ବ୍ଲେଂଚୀ ବଡ଼ ଆଶ୍ଚର୍ଯ୍ୟ ହେଲା, କିନ୍ତୁ ଚୁପ୍ ରହିଲା । କିଛି ସମୟ ପରେ ବୁଢ଼ୀ ନିଜ ମୁଣ୍ଡକୁ ଉଠାଇ ପୂର୍ବପରି ପୁଣି ବେକ ଉପରେ ରଖିଦେଲା ।

ଗୋଟିଏ ହାଡ଼ ତା ଆଡ଼କୁ ବଢ଼ାଇ ବୁଢ଼ୀ କହିଲା, " ନେ, ଏହାକୁ ଡେକ୍‌ଚିରେ ବସେଇ ଦେ ।" ବ୍ଲେଂଚୀ ତାକୁ ନେଇ ଡେକ୍‌ଚିରେ ବସେଇ ଦେଲା ।

କିଛି ସମୟ ପରେ ସେ ଆଶ୍ଚର୍ଯ୍ୟ ହୋଇ ଦେଖିଲା ଯେ ଡେକ୍‌ଚିଟି ମାଂସରେ ପୁରି ଯାଇଛି ।

"ହଁ ଭାତ ରାନ୍ଧିଦେ ।" ଗୋଟିଏ ଦାନା ଚାଉଳ ବଢ଼ାଇ ଦେଇ ବୁଢ଼ୀ ପୁଣି କହିଲା ।

ସେହି ଗୋଟିଏ ଦାନା ଚାଉଳରୁ ପୂରା ଡେକ୍‌ଚିଟି ଭାତରେ ପୁରିଗଲା ।

ଦୁଇ ଜଣଯାକ ପେଟ ଭରି ଖାଇ ଆରାମରେ ଶୋଇଗଲେ । ସକାଳୁ ବୁଢ଼ୀ କହିଲା, " ତୁ ବହୁତ ଭଲ ଝିଅଟିଏ । ବର୍ତ୍ତମାନ ତୋର ଘରକୁ ଫେରିଯିବା ଉଚିତ । ପୁରସ୍କାର ସ୍ୱରୂପ ମୁଁ ତୋତେ କଥା କହୁଥିବା ଅଣ୍ଡା ଦେବି ।

ବ୍ଲେଂଚୀ ମୁଣ୍ଡ ତଳକୁ କରି ଛିଡ଼ା ହୋଇ ରହିଲା ।

Digitized by PPRACHIN, SOA

Digitized by PPRACHIN, SOA

"ସେଠାକୁ ଯା, କୁକୁଡ଼ାଙ୍କ ଘରକୁ । ସେଠାରେ ବହୁତ ଅଣ୍ଡା ପଡ଼ିଛି । ଯେଉଁ ଅଣ୍ଡା କହିବ "ମୋତେ ନେଇଯାଅ" ତାକୁ ନେଇଯିବୁ । ଆଉ ଯିଏ କହିବ "ମୋତେ ନିଅନାହିଁ" ତାକୁ ନେବୁ ନାହିଁ । ରାସ୍ତା ଉପରେ ନେଇ ତାକୁ ଫୋପାଡ଼ି ଦେବୁ, ଯେପରିକି ସବୁ ଭାଙ୍ଗିଯିବ ।"

ବୁଢ଼ୀର କଥାନୁଯାୟୀ ବ୍ଲେଂଚୀ କୁକୁଡ଼ାଙ୍କ ଘରକୁ ଗଲା ।

"ମୋତେ ନେଇଯାଅ" ଯେଉଁ ଅଣ୍ଡାଟି କହିଲା, ସେ ସବୁକୁ ଏକାଠି କରି ଟୋକେଇରେ ଭର୍ତ୍ତିକରି ସେ ଘର ଆଡ଼କୁ ଗ୍ଲଲିଲା ।

ବୁଢ଼ୀର ଆଦେଶ ଅନୁସାରେ, ରାସ୍ତା ଉପରେ ନେଇ ସେ ସବୁ ଅଣ୍ଡାକୁ ଫୋପାଡ଼ି ଦେଲା ।

ଆଶ୍ଚର୍ଯ୍ୟ ହୋଇ ସେ ଦେଖିଲା—ସେହି ଅଣ୍ଡାଗୁଡ଼ିକ ଭିତରୁ ହୀରାମୋତି, ସୁନ୍ଦର ସୁନ୍ଦର ରେଶମ ଲୁଗାପଟା ଓ କେତେ ପ୍ରକାର ଗହଣା ମଧ୍ୟ ବାହାରିଲା ।

ସେ ସବୁକୁ ଏକାଠି କରି ଘରକୁ ଫେରିଲା । ମା ଏହି ସବୁ ବହୁମୂଲ୍ୟ ବସ୍ତୁ ଦେଖି ଖୁବ୍ ଖୁସୀ ହେଲେ । ତାକୁ କୋଳ କଲେ । "ତୁ ମଧ୍ୟ ବ୍ଲେଂଚୀଭଳି ଜଙ୍ଗଲକୁ ଯାଇ ବହୁମୂଲ୍ୟ ବସ୍ତୁ ନେଇଆ" ମା ରୋଜୀକୁ କହିଲେ ।

ରୋଜୀ ଜଙ୍ଗଲକୁ ଗଲା । ସେ ମଧ୍ୟ ବୁଢ଼ୀକୁ ଦେଖିଲା । ସେହିପରି ସେ ମଧ୍ୟ କହିଲା କି ସେ ଘରୁ ଦୁଃଖରେ ଜଙ୍ଗଲକୁ ଆସିଛି । ତାର ମଧ୍ୟ ଆଶ୍ରୟ ଦରକାର ।

ବୁଢ଼ୀ ଆଦେଶ ଦେଲା," ଏଠାରେ ଯାହାକିଛି ତୁ ଦେଖିବୁ ହସିବୁ ନାହିଁ ।" ସେଥିରେ ସେ ମୁଣ୍ଡ ହଲାଇଲା

ମାତ୍ର ବ୍ଲେଂଚୀଠାରୁ ରୋଜୀର ସ୍ୱଭାବ ଅଲଗା ଥିଲା । କିଛି ସମୟପରେ ସବୁ କଥାରେ ସେ ସେହି ବୁଢ଼ୀକୁ ଥଟ୍ଟା କରି ହସିବାକୁ ଲାଗିଲା ।

ସକାଳୁ ବୁଢ଼ୀ କହିଲା," ବର୍ତ୍ତମାନ ତୁ ଘରକୁ ଯା । ମୁଁ ତୋତେ କିଛି ଅଣ୍ଡା ଉପହାର ଦେବ । ଏଗୁଡ଼ିକ କଥା କହୁଥିବା ଅଣ୍ଡା । ଯେଉଁ ଅଣ୍ଡା କହିବ "ମୋତେ ନେଇଯାଅ" ତାକୁ ନେଇଯିବୁ । ଯିଏ କହିବ "ମୋତେ ନିଅନାହିଁ" ତାକୁ ନେବୁନାହିଁ ।"

ରୋଜୀର ସ୍ୱଭାବ ତ ବିଚିତ୍ର ଥିଲା । ସେ ଯେଉଁ ଅଣ୍ଡାଗୁଡ଼ିକ "ଆମକୁ ନିଅ ନାହିଁ" ବୋଲି କହୁଥିଲେ ସେଗୁଡ଼ିକ ବାଛିଲା ।

ରାସ୍ତା ଉପରେ ନେଇ ମଧ୍ୟ ଅଣ୍ଡାଗୁଡ଼ିକ ଭାଂଗିଦେଲା । ମାତ୍ର ସେଥିରୁ ସାପ, ବିଛା, ଓ କେତେକ ବିଷାକ୍ତ ପୋକ ବାହାରିଲେ । ରୋଜୀ ପ୍ରାଣ ବିକଳରେ ଘର ଆଡକୁ ଦୌଡ଼ିଲା ।

ଧଇଁ ସଇଁ ହୋଇ ସେ ଘରେ ପହଞ୍ଚିଲା ।

ସେହି ବିଷାକ୍ତ ପୋକ-ଜୋକ ସବୁ ତା ପଛରେ ଘର ଭିତରକୁ ଆସିବା ଦେଖି ମା ତା ଉପରେ ବହୁତ ରାଗିଗଲେ ।

ସେ ରୋଜୀକୁ ସବୁଦିନ ପାଇଁ ଘରୁ ବାହାର କରିଦେଲେ ।

●

Digitized by PPRACHIN, SOA

ବଉଳା ଗାଈ

(ଭାରତ)

ଭୀମକ ନାମରେ ଜଣେ ରାଜା ଥିଲେ । ସେ ବଡ ସୁଖୀ ଓ ସନ୍ତୁଷ୍ଟ ଥିଲେ । ଧର୍ମଭୀରୁ ଓ ସଦାଚାରୀ ମଧ୍ୟ ଥିଲେ । ତାଙ୍କର ଶହ ଶହ ଗାଁ ଓ ହଜାର ହଜାର ଗାଈ ଥିଲ ।

ସେ ସମୟରେ ଗାଈକୁ ନେଇ ଲୋକମାନଙ୍କର ସଂପତି ହିସାବ କରାଯାଉଥିଲ । ଯେଉଁ ଲୋକପାଖରେ ଯେତିକି ଅଧିକ ଗାଈ ଥିଲ, ସେ ସେତିକି ଧନୀ ବୋଲି ଗଣାଯାଉଥିଲ ।

ରାଜା ଭୀମକଙ୍କ ରାଜ୍ୟରେ ଗୋଟିଏ ଗରୀବ ଚାଷୀ ମଧ୍ୟ ବାସ କରୁଥିଲ । ମାତ୍ର କେବଳ ଗୋଟିଏ ଗାଈ ସେଇ ଗରୀବ ଚାଷୀର ସଂପତ୍ତି ଥିଲ ।

ଗାଈଟି ମଧ୍ୟ ତାରିପରି ବଡ଼ ସିଧା-ସାଧା ଓ ସରଳ । ନାଆଁ ତାର ବଉଳା । ସକାଳୁ ସେ ଏକୁଟିଆ ଚରିବାକୁ ଯାଏ ଓ ସଞ୍ଜବେଳେ ଠିକ୍ ସମୟରେ ଘରକୁ ଫେରିଆସେ । ସେହି ଗାଈଟିର ଗୋଟିଏ ମାତ୍ର ଛୋଟ ବାଛୁରୀ । ପ୍ରତିଦିନ ସଞ୍ଜବେଳେ ବେକରେ ବନ୍ଧା ହୋଇଥିବା ଦଉଡ଼ିକୁ ଝିଙ୍କି ବାହାରକୁ ସେ ଦେଖେ ଯେ ତାର ମା କେତେବେଳେ ଘରକୁ ଫେରିବ । ମାଆକୁ ଅପେକ୍ଷା କରି କରି ଅଧୀର ହୋଇପଡେ ।

କାମଧେନୁ ପରି ସେହି ଗାଈଟିର ଅନେକ ଭଲ ଗୁଣ ଥିଲ । ଛାଞ୍ଚରେ ତିଆରି ହେବା ଭଳି ମୁଣ୍ଡରେ ସୁନ୍ଦର ଶିଙ୍ଗ, ରଙ୍ଗ ଦୁଧପରି ଧଳା, କଳା-କଳା କଜଳ ପରି ଆଖି, କଳା ମଜବୁତ ଖୁରା, ସୁନ୍ଦର ଭାବରେ ସତେ ଯେମିତି କିଏ ତାକୁ ଗଢିଛି । ଏପରି ସୁନ୍ଦର, ସରଳ ଗାଈକୁ ପାଇ ଗରୀବ ଚାଷୀଟି ନିଜ ଭାଗ୍ୟକୁ ପ୍ରଶଂସା ନକରି ରହି ପାରୁନଥିଲ ।

ଦିନେ ଗାଈଟି ପ୍ରତିଦିନ ପରି ସଞ୍ଜବେଳେ ଜଙ୍ଗଲରୁ ଫେରି ଆସୁଥିଲ ବେଳେ ଘନଜଙ୍ଗଲ ମଝିରେ କେଉଁଆଡେ ପଶିଯାଇ ରାସ୍ତା ଭୁଲିଗଲ ।

ବହୁତ ବେଳ ପର୍ଯ୍ୟନ୍ତ ସେ ଏପଟ ସେପଟ ବୁଲିଲ । ବହୁତ ଚେଷ୍ଟା କରିବା ପରେ ମଧ୍ୟ ରାସ୍ତା ପାଇ ପାରିଲ ନାହିଁ । ସଞ୍ଜ ବୁଡ଼ି ରାତି ହୋଇଯିବାରୁ ଜଙ୍ଗଲରେ ଅନ୍ଧାର ମଧ୍ୟ ଘେରିଗଲ ।

"ଏବେ ମୁଁ କେଉଁଠିକି ଯିବି ? କଅଣ କରିବି ?" ସେ ଠିଆହୋଇ ବ୍ୟସ୍ତରେ ଭାବୁଥିଲ । "ଦିନଯାକ ଭୋକରେ ଶୋଷରେ ରହି ବାଛୁରୀ ରଡ଼ି ଛାଡୁଥିବ । ପୁଣି ଜଙ୍ଗଲରେ ବହୁତ ଭୟଙ୍କର ଯନ୍ତୁ ମଧ୍ୟ ରହିଛନ୍ତି । ତାକୁ ଯଦି କିଏ ଖାଇଦେବ ତେବେ ଛୋଟ ବାଛୁରୀଟି କୁଆଡେ ଯିବ ? କିପରି ବଞ୍ଚିବ ?" ଏକଥା ଭାବି ଭାବି ଗାଈଟି ଥରିବାକୁ ଲଗିଲ ।

ଠିକ୍ ସେତିକିବେଳେ ଅନ୍ଧାର ଜଙ୍ଗଲ ଭିତରେ ବାଘର ଗର୍ଜନ ଶୁଭିଲ । ଜଙ୍ଗଲର ଗଛ, ପତ୍ର, ପଶୁପକ୍ଷୀ ସମସ୍ତେ ହଠାତ୍ ଥରିଉଠିଲେ । ଗାଈଟି କାନକୁ ଠିଆକରି, ଲଞ୍ଜକୁ ଉଠାଇ ଡରରେ ଡେଙ୍ଗି ପଡ଼ିଲ ।

ହଠାତ୍ ବାଘଟି ଦୁଇଟି କୁଦାରେ ଆସି ତା ଆଗରେ ଛିଡା ହୋଇଗଲ । ଲଳ ଗଡୁଥିବା ଲମ୍ବା ଜିଭରେ ତାର ସେ ଲଞ୍ଜକୁ ଘୁଟି ଘୁଟି ଗର୍ଜନ କରି କହିଲ, "ରହ କୁଆଡେ ଯାଉଛୁ ? ମୋ ହାବୁଡରୁ ବଞ୍ଚିକରି ଯିବା ପାଇଁ ତୋର ସାହସ ଅଛି ? ଜାଣିଛୁ ମୁଁ କିଏ ?" ସେ କାଚ ଭଳି ଚମକୁଥିବା ବଡ-ବଡ ଆଖିକୁ ଘୁରାଇ ଦେଖିବାକୁ ଲଗିଲ ।

Digitized by PPRACHIN, SOA

ଡରରେ ଗାଈର ଲୋମଗୁଡ଼ିକ ଛିଡାହୋଇଗଲା ।

ମେଣ୍ଢାଛୁଆ ପରି ମେଁ ମେଁ ସ୍ୱରରେ କହିଲା, "ଜାଣିଛି ତମେ ଜଙ୍ଗଲର ରାଜା । ବଳଶାଳୀ ଓ ସାହସୀ ଅଟ । ମାତ୍ର———"

"ମାତ୍ର କଅଣ ?" ବାଘଟି ଗର୍ଜିଉଠି କହିଲା ।

"ତୁମେ ମୋତେ ମାରିକରି ଖାଇଯିବ । ମାତ୍ର——————।"

"ପୁଣି ମାତ୍ର, ମାତ୍ର କଅଣ ?" ଭୋକିଲା ବାଘ ଗର୍ଜିଉଠି କହିଲା । "ଯାହା କିଛି ତୋର କହିବାର ଅଛି ଶୀଘ୍ର ଶୀଘ୍ର କହ । ଜାଣିନୁ ମୁଁ କେତେଦିନ ହେଲା ଭୋକ ଉପାସରେ ଅଛି । ପୁଣି....?" ନିଜର ମୁନିଆଁ ନଖରେ ଭୂଇଁକୁ ବିଦାରି, ବୁଲିପଡ଼ି ସେ ଗାଈ ଆଡକୁ ଚାହିଁଲା ।

ବିଚାରୀ ଗାଈଟି ଅସ୍ତବ୍ୟସ୍ତ ହୋଇ ପଡ଼ିଲା । ଲକ୍ଷେ ଚେଷ୍ଟା କରି ମଧ୍ୟ ମୁହଁରୁ ଶବ୍ଦଟିଏ ତାର ବାହାରିଲା ନାହିଁ । ବହୁତ ସମୟପରେ କାଶି କାଶି କହିଲା ହେ ବଣର ରାଜା ! ମୁଁ ନିଜର ମରିବାପାଇଁ ଡରୁନାହିଁ । ତୁମେ ମୋତେ ଯେତେବେଳେ ଇଚ୍ଛା ଖାଇପାର । ମାତ୍ର ମୋର ଗୋଟିଏ ଗୁହାରୀ ଅଛି—ମୋର ଗୋଟିଏ ବାଛୁରୀ ଅଛି—ବହୁତ ଛୋଟ । ସେ କେବଳ ମୋଠାରୁ ଦୁଧ ଖାଇ ବଞ୍ଚିଛି । ଥରେ କେବଳ ମୋତେ ତାକୁ ମନଭରି ଗେଲକରି ଦୁଧ ପିଆଇବାକୁ ଦିଅ । ତାପରେ ଯଦି ତୁମେ ମୋତେ ମାରି ଖାଇବ ତେବେ ମୋର ମନରେ ଟିକିଏ ହେଲେ ବି ଅବଶୋଷ ରହିବ ନାହିଁ ।"

ବାଘ ବଡ ଜୋରରେ ହାଃ ହାଃ କରି ହସିଲା । କହିଲା—"ତୁ ବଡ ସରଳିଆ । ମାତ୍ର ଘାସଖାଇ ଗାଈ ତୁ କଅଣ ମୋତେ ଠକି ଦେଇ ପାରିବୁ ? ଆଛା, ତୁ ଘରକୁ ଯିବାକୁ ଚାହୁଁଛୁନା ?"

"ହଁ । ଘରକୁ ଯାଇ ମୋ ନିଜ ଛୁଆକୁ ବଢ଼ାଇ ବୁଝାଇ ପୁଣି ସିଧା ଏହି ଜାଗାକୁଫେରି ଆସିବି ।"

ବାଘ ଆହୁରି ଜୋରରେ ହସିଲା, "ଏକଥା କେବେ ହୋଇପାରେ ଯେ ତୁ ପୁଣି ଘରୁ ଫେରି ଜଙ୍ଗଲକୁ ଆସିବୁ ଆଉ ଭୋକିଲା ବାଘକୁ କହିବ ଯେ— ତ ମୋତେ ଏବେ ଖାଅ । ଏତେ ସରଳ ମୋତେ ଭାବନି ! ମୁଁ ତୋର ସବୁ ଫିସାଦି ଜାଣିଛି ।"

"ନାହିଁ, ନାହିଁ ଏମିତି କେବେହେଲେ ହୋଇପାରେ ? ମୁଁ ମିଛ କହୁନି— କେବେହେଲେ ନୁହେଁ । ତୁମେ ମୋତେ ଏବେ ମାରି ଦଅ ବା ପରେ ମାର ମୁଁ ତୁମକୁ କେବେହେଲେ ଠକିବି ନାହିଁ । ଭଗବାନଙ୍କ ନାମରେ ଶପଥ କରି ମୁଁ ଏକଥା ସତ କହୁଛି ।"

ବାଘ ଚୁପ୍‌ଚାପ୍ ଶୁଣୁଥାଏ ଓ ଗାଈଟି କହିଚାଲିଥାଏ—

"ଏତେ କହିଲାପରେ ମଧ୍ୟ ତୁମକୁ ମୋକଥା ବିଶ୍ୱାସ ହେଉନାହିଁ, ହେଉ ତେବେ ମୁଁ ମୋର ପ୍ରାଣର ବାଛୁରୀ ରାଣ ପକାଇ କହୁଛି । ଏହାଠାରୁ ଅଧିକା ପ୍ରମାଣ ମୁ ନିଜର ସତ୍ୟତା ବିଷୟରେ ଆଉ କଅଣ ଦେଇପାରିବି ? ବର୍ତ୍ତମାନ ମୋର ଗୁହାରୀ ଶୁଣ ।" ଗାଈଟି କହୁ କହୁ କାନ୍ଦିବାକୁ ଲାଗିଲା ।

Digitized by PPRACHIN, SOA

ଗାଈର ଆଖିରୁ ଲୁହର ବଡ଼-ବଡ଼ ବୁନ୍ଦା ଝରିବା ଦେଖି ବାଘର କଠୋର ହୃଦୟ ମଧ୍ୟ ତରଳିଗଲା । ଖିଂକାରି ଉଠି ସେ କହିଲା, "ଆଚ୍ଛା, ତେବେ ଯଲଦି ଯାଆ । ନିଜର ବାଛୁରୀକୁ ଦୁଧ ପିଆଇ ଶୀଘ୍ର ଏଠିକିଫେରି ଆସିବୁ । ମୋତେ ବହୁତ ଭୋକ ଲଗୁଛି" ।

ଦୁଃଖରେ ଭାଂଗିପଡ଼ିଥିବା ଗାଈଟି ବାଟ ଉଣ୍ଡାଳି ଉଣ୍ଡାଳି ଘରକୁ ଫେରିଲା । ଘରେ ଆସି ଦେଖିଲା ଯେ ଭୋକିଲା ବାଛୁରୀଟି ତାର ରଡ଼ି କରି କରି ହାଲିଆହୋଇ ଖୁଣ୍ଟ ପାଖରେ ଶୋଇ ପଡ଼ିଛି ।

ମା'ର ପାଦଶବ୍ଦ ଶୁଣି ସେ ଏକାଥରକେ ଚମକି ପଡ଼ି ଉଠି ବସିଲା । ନିଜର ଆଗ ଖୁରାରେ ଆଖିକୁ ମଳି ମଳି ଘୋଷାହୋଇ କହିଲା ମା, "ଏତେ ଡେରିରେ ଆଜି କାହିଁକି ଫେରିଲୁ ? ଦେଖ, ଭୋକ-ଉପାସରେ, ମୋ ଅବସ୍ଥା କେମିତି ହୋଇଯାଇଛି । ଆଖି ବାହାରକୁ ବାହାରି ଆସିଛି । କାଲିଠାରୁ ଠିକ୍ ସମୟରେ ଘରକୁ ଫେରି ଆସିବୁ ମା' । ମୁଁ ଭୋକ ସମ୍ଭାଳି ପାରୁନି" ।

ଗାଈ କିଛି କହିପାରିଲା ନାହିଁ । ଚୁପଚାପ କାନ୍ଦିବାକୁ ଲାଗିଲା । "ମାଁ, ତୁ କାନ୍ଦୁଛୁ କାହିଁକି ?" ବାଛୁରୀ ମା'ର ଉଦାସ ଚେହେରା ଦେଖି ପଚାରିଲା ।

Digitized by PPRACHIN, SOA

"ପୁଅରେ ! ଆଜି ମୁଁ କୌଣସି ପ୍ରକାର ତୋତେ ଶେଷଥର ପାଇଁ ଦୁଧ ପିଆଇବାକୁ ଆସିଛି " । ରୁଦ୍ଧ ଗଳାରେ ଗାଈଟି କହିଲା, "କିଛି ସମୟ ପରେ ମୋତେ ବାଘ ଖାଇଯିବ । କାଲିଠାରୁ ମୁଁ ଆଉ କେବେହେଲେ ତୋତେ ଦୁଧ ପିଆଇବା ପାଇଁ ରହିବି ନାହିଁ । ତୁ ଆରାମରେ ରହିବୁ । ମାଲିକର କଥାମାନି ଯାହା କିଛି ଶୁଖା-ଶୁଖା, ଅଇଁଠା ପତ୍ର ତୋତେ ମିଳିବ ସେଥିରେ ସନ୍ତୁଷ୍ଟ ହେବୁ, ଆଉ ଦୁଧ ଖାଇବା ପାଇଁ ଜିଦ୍ କରିବୁ ନାହିଁ । ଦୁଧ ବଦଳରେ ପେଜ ମିଳିଲେ ମଧ୍ୟ ବହୁତ ହେଲା ।"

ବାଛୁରୀ ଗୁମ୍‌ମାରି ଶୁଣୁଥିଲା, କିନ୍ତୁ କିଛି ବୁଝି ପାରୁନଥିଲା ।

"ବାଘ ତୋତେ କାହିଁକି ଖାଇବ ମା ? ତୁ ତାର କଣଅ କ୍ଷତି କରିଛୁ ?" ଅଧୀର ହୋଇ ବାଛୁରୀ କହିଲା ।

ଗାଈ କିଛି କହିଲା ନାହିଁ ।

ବାଛୁରୀଟି ଦୁଧ ପିଇବା ଛାଡି ଦେଇ ଅଭିମାନ କରି କହିଲା, "କାଲି ଠାରୁ କିଏ ମୋତେ ଦଧ ପିଆଇବ ମା ?"

"କେହି ନୁହେଁ—— ।" ଗାଈ ଆଉ କିଛି କହି ପାରିଲା ନାହିଁ । ଆଖି ବୁଜି କିଛି ସମୟ ପର୍ଯ୍ୟନ୍ତ ଛିଡା ହୋଇ ରହିଲା । ବାଛୁରୀକୁ ଶେଷଥର ପାଇଁ ଗେଲରେ ଗଟୁ ଗଟୁ ଚୁପଗୁପ କାନ୍ଦି-କାନ୍ଦି ବାହାରକୁ ବାହାରି ଆସିଲା ଓ ଜଙ୍ଗଲ ଆଡକୁ ଗଲା, ଯେଉଁଠାରେ କି ଭୋକିଲା ବାଘ ତା ପାଇଁ ଅପେକ୍ଷା କରି ରହିଥିଲା ।

ଗାଈଟି ଚୁପ୍‌ଚାପ୍ ନିଜ ଭାବନାରେ ବୁଡି ଚାଲିବାକୁ ଲାଗିଥିଲା । ସେତିକିବେଳେ ପଛରେ ଶୁଖିଲା ପତ୍ରର ଖଡ୍‌ଖଡ୍ ଶବ୍ଦ ଶୁଣାଗଲା । ଚମକି ପଡି ସେ ବୁଲି ପଛକୁ ଚାହିଁଲା, ବାଛୁରୀଟି ମଧ୍ୟ ଦଉଡି ଛିଣ୍ଡାଇ ଦୌଡି-ଦୌଡି ତା ପଛରେ ଆସୁଛି ।

"ଆରେ ତୁ କାହିଁକି ଆସୁଛୁ ?" ଗାଈଟି ଆଶ୍ଚର୍ଯ୍ୟହୋଇ ପଚାରିଲା ।

"ମୁଁ ଏକୁଟିଆ କିପରି ରହିବି ମା, ଟିକିଏ ଭାବି ଦେଖତ ? ବାଘକୁ ତୁ ମୋ ପାଇଁ ଟିକିଏ ଅନୁରୋଧ କର । ସେ ମୋତେ ମଧ୍ୟ ଖାଇଦେଉ । ସବୁ ଦୁଃଖ ଏକାସାଙ୍ଗରେ ଦୂର ହୋଇଯିବ । ତୋତେ ମଧ୍ୟ ମରିବା ପାଇଁ କଷ୍ଟ ହେବ ନାହିଁ ଓ ମୋତେ ମଧ୍ୟ ଦୁଃଖ ଭୋଗିବାକୁ ପଡିବ ନାହିଁ ।"

ନିଜର ଛୋଟ ବାଛୁରୀର ମୁଁହରୁ ଏପରି ସାହସୀ କଥା ଶୁଣି ଗାଈଟି କିଛି କହି ପାରିଲାନାହିଁ । ଏହି ସମୟରେ ଭୟଙ୍କର ଆଖି ନଚାଇ ଭୋକିଲା ବାଘଟି ଗର୍ଜନ କରି ସେଠାରେ ଆସି ପହଂଚିଲା ।

"ଆଚ୍ଛା, ତୁ ପୁଣି ଆସଗଲୁ ।" ନିଜର ଆଗ ଗୋଡରେ ଛୁଂଚ ଠାରୁ ଅଧିକ ତୀକ୍ଷ୍ଣ ଧାରା ନିଶକୁ ମୋଡି ବାଘ କହିଲା ।

ଗାଈ ଓ ବାଛୁରୀ ଉଭୟ ଚୁପ୍‌ଚାପ୍ ଛିଡା ହୋଇ ରହିଲେ ।

"ଆଚ୍ଛା ! ଏଥର ମୁଁ ଖାଇବା ଆରମ୍ଭ କରେ ?" ବାଘ ପାଟି ପାକୁଳେଇ ଲାଂଜକୁ ମୋଡ କହିଲା ।

ଗାଈ ସେପରି ଆଖି ବୁଜ ମୁଣ୍ଡ ତଳକୁ କରି ଛିଡ଼ାରହିଲା ।

ବାଘ ଝପଟି ଆସବାର ଦେଖି ବାଛୁରୀଟି ଚିହିଂକିଉଠି କହିଲା, "ରୁହ, ରୁହ । ମୋ ମାକୁ ଖାଅନାହିଁ ନିଜ ମାଆର ହତ୍ୟା ନିଜ ଆଖିରେ ମୁ କିପରି ଦେଖିବି ?"

Digitized by PPRACHIN, SOA

"ନାହିଁ, ନାହିଁ" ବାଘ କିଛି କହିବା ପୂର୍ବରୁ ଗାଈଟି କହିଲା, "ମୋତେ ଖାଅ ମୋତେ । ତାକୁ ଛାଡ଼ିଦିଅ । ଛୋଟ ପିଲାଟାର କଥା ଶୁଣନାହିଁ । ଇଏ ଜନ୍ମରୁ ଭାରି ଜିଦ୍‌ଖୋର ।" ଗାଈଟି କହିଲା ।

"ଏପରି ହୋଇ ପାରିବ ନାହିଁ ।" ବାଛୁରୀ ଲଞ୍ଜଟେକି ଡ଼େଇଁ ପଡ଼ିଲା, "ମୋ ମାଆକୁ ଛାଡ଼ିଦିଅ । ଯଦି ତାକୁ ଖାଇବା ପାଇଁ ସ୍ଥିର କରିଛ ତେବେ ମୋତେ ପ୍ରଥମେ ଖାଅ ।"

"ଚୁପ୍ ! ଛୋଟ ମୁହଁରେ ବଡ଼ କଥା ।" ବାଘଟି ବିଚିତ୍ର ମୁହଁ କରି ମୁହଁ ଉଠାଇ କହିଲା," ଯା ସେଠାରେ ବସ ।"

"ନାହିଁ, ନାହିଁ," ବାଛୁରୀ ଡ଼େଇଁ କରି ପୁଣି ତା ମୁହଁ ଆଗରେ ଛିଡ଼ା ହୋଇ ଗଲା ।

"ନେ, ଖା, ମୋତେ" ।

ବାଘ ଖାଇବା ପାଇଁ ପୁଣି ଗୋଡ଼ ଉଠାଇଲା ବେଳକୁ ଗାଈ ଚିତ୍କାର କରି ଉଠିଲା ଏପରି ନିଷ୍ଠୁର କାମ କର ନାହିଁ । ବଣର ରାଜା । ନିଜ ଛୁଆର ହତ୍ୟା ନିଜ ଆଖିରେ କଅଣ କେଉଁ ମା କେବେ ଦେଖି ପାରିବ ? ପ୍ରଥମେ ମୋତେ ମାରିସାରି, ତାପରେ ଯାହା କିଛି ତୁମ ମନରେ ଆସିବ ତାହା କରିବ ।" ଗାଈ ଶିଙ୍ଗରେ ବାଛୁରୀକୁ ହଟାଇ ପୁଣି ବାଘ ଆଗରେ ଛିଡ଼ା ହୋଇଗଲା ।

ଏବେ ଭୋକିଲା ବାଘଟି ମହା ଆଡୁଆରେ ପଡ଼ିଗଲା । କଅଣ କରିବ ? କଅଣ ନକରିବ ? ସେ ଯେତେବେଳେ ଆଖି ଉପରକୁ ଉଠାଇଲା, ଦେଖିଲା-ଦୁଇଜଣ ଯାକ ଦୟନୀୟ, ଦୀନ ପ୍ରାଣୀ ତା ଆଗରେ ମୁଣ୍ଡ ତଳକୁ କରି ମରଣ ପାଇଁ ଅପେକ୍ଷା କରି ରହିଛନ୍ତି ।

"ଫଇସଲା ଜଲଦି କର ! ମୁଁ କଅଣ କରିବି ? " ବାଘ ବ୍ୟସ୍ତ ହୋଇ କହିଲା ।

"ଆମେ କଅଣ କହିବୁ ?" ଗାଈଟି ରୁଦ୍ଧ ଗଳାରେ ଉତ୍ତର ଦେଲା । "କାହିଁକି, ଯାହା ଠିକ୍ ବୋଲି ଭାବୁଛ ।" ବାଘ ପୁଣି ଗର୍ଜି ଉଠି କହିଲା ।

"ଆମେ କଅଣ ଫଇସଲା କରିବୁ ? ଆମ ଜାଗାରେ ତୁମେ ଥିଲେ କଅଣ କରିଥାନ୍ତ ? ନିଜେ ଭାବିଲ, ଯାହା ମନରେ ଆସୁଛି ତାହା କର । ଆମର କଅଣ ଅଛି ? " ଗାଈ ବ୍ୟାକୁଳ ହୋଇ କହିଲା ଓ ଜୋରରେ ସୁଁ ସୁଁ କରି କାନ୍ଦିବାକୁ ଲାଗିଲା ।

ବାଘ ଆଉ ଏସବୁ ଦେଖିବା ଆଉ ଶୁଣିବା ଅବସ୍ଥାରେ ମଧ୍ୟ ନ ଥିଲା । କ୍ଷଣକ ପାଇଁ ସେ ଛିଡ଼ା ହୋଇ ଭାବିବାକୁ ଲାଗିଲା । ଶେଷରେ ତାର ପଥର ହୃଦୟ ତରଳି ଗଲା । ଏଣୁ ସେ ଗାଈ ଓ ବାଛୁରୀ ପିଠିରେ ଥାପୁଡ଼େଇ ଦେଇ କହିଲା, "ସତରେ ମୁଁ ତୁମ ଦୁହିଁଙ୍କ ଉପରେ ବହୁତ ଖୁସୀ । ତୁମ ଦୁହିଁଙ୍କର ଦୁହିଁଙ୍କ ପ୍ରତି ଏତେ ମମତା ଯେ ଉଭୟ ଉଭୟଙ୍କ ପାଇଁ ମରିବାକୁ ତିଆର । ତାପରେ ମରଣକୁ ନଡରି ନିଜର ସତ୍ୟପାଳି ତୁ ପୁଣି ମୋ ପାଖକୁ ଫେରି ଆସିଲୁ । ଏଣୁ ମୁଁ ତୋତେ ଖାଇବି ନାହିଁ । ଶୀକାର ନ ମିଳିଲେ ଘାସ ଖାଇ ପେଟ ଭରିନେବି । ତୁମେ ଦୁହେଁ ଘରକୁ ଯାଇ ସୁଖରେ ରୁହ ।"

ବାଘଟି ଏକଥା କହି ନିଜ ପେଟକୁ ଆଉଁସି ଆଉଁସି ବଣ ଭିତରକୁ ଚାଲିଗଲା । ଗାଈ ଓ ବାଛୁରୀ ଖୁସି ମନରେ ଘରକୁ ଫେରି ଆସିଲେ ।

OGP—MP-VI (M. & Ptg) 4- 3,000—8-4-1987

Digitized by PPRACHIN, SOA